* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




ଶ୍ରୀଲଙ୍କା ସିରିଜ୍ ପାଇଁ ବୁମ୍ରା ଫିଟ୍

▸ପୃଷ୍ଠା ୧୨ ଦେଖନ୍ତୁ...


♦VOLUME- 44 ♦ISSUE-38 ♦SATURDAY ♦1 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୩୮ ♦ଶନିବାର ♦୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





## ମହାରାଷ୍ଟ୍ରରେ କୋଠା ଭୁଶୁଡ଼ି ୯ ମୃତ

ମୁମ୍ବଇ, ୩୧।୭ (ଏଜେନ୍ସି): ମହାରାଷ୍ଟ୍ରର ଭିୱଣ୍ଡି ଅଞ୍ଚଳରେ ଏକ ୪ ମହଲାର ଆବାସିକ କୋଠା ଭୁଶୁଡ଼ି ପଡ଼ିବାରୁ ଅତି କମରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଶାସନିକ ସୂଚନା ଅନୁଯାୟୀ, ୪୮ଟି ରୁମ୍ ଥିବା ଏହି କୋଠାଟିକୁ ପୂର୍ବରୁ ବିପଜ୍ଜନକ ଘୋଷଣା କରାଯାଇଥିଲା ଏବଂ ସେଠାରେ ମରାମତି କାମ ଚାଲିଥିଲା। ରାତି ପ୍ରାୟ ୯ଟା ସମୟରେ କୋଠାରୁ ଶବ୍ଦ ଶୁଣି କିଛି ପରିବାର ବାହାରକୁ ବାହାରି ଆସିଥିଲେ ହେଁ, ଅନ୍ୟମାନେ ବାହାରିବା ପୂର୍ବରୁ ଗୃହର ଏକ ଭାଗ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଭଙ୍ଗାସ୍ତୂପ ତଳୁ ୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ତେଣୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦, ୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

## ବେଲୁଚିସ୍ତାନରେ ଖଣି ବିସ୍ଫୋରଣ; ୩୪ ଶ୍ରମିକ ମୃତ

କ୍ୱେଟା, ୩୧।୭ (ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। କ୍ୱେଟା ସହର ନିକଟସ୍ଥ ଏକ କୋଇଲା ଖଣିରେ ମିଥେନ୍ ଗ୍ୟାସ୍ ବିସ୍ଫୋରଣ ଘଟି ଅତି କମରେ ୩୪ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିବା ବେଳେ ୧୦ ଜଣ ଶ୍ରମିକ ଭିତରେ ଫସି ରହିଛନ୍ତି। ଖଣି ଭିତରେ ମିଥେନ୍ ଗ୍ୟାସ୍ ଜମା ହୋଇ ରହିବା ଯୋଗୁଁ ଏହି ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିପର୍ଯ୍ୟୟ ପରିଚାଳନା ଟିମ୍ ସହାୟତାରେ ୩୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖଣି ଭିତରେ ଅମ୍ଳଜାନର ମାତ୍ରା ଅତ୍ୟନ୍ତ କମିଯାଇଥିବାରୁ ଏବଂ ବିଷାକ୍ତ ଗ୍ୟାସ୍ ଭରି ରହିଥିବାରୁ ଅଟକ ଥିବା ଅନ୍ୟ ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହୋଇପଡ଼ିଛି। ମୃତକଙ୍କ ପରିବାର ପାଇଁ ବେଲୁଚିସ୍ତାନ ସରକାର ୫ ଲକ୍ଷ ପାକିସ୍ତାନୀ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ମେଜର୍ ମୃତ, ୨ ଲେଫ୍ଟନାଣ୍ଟ ଆହତ

ଜୈସଲମେର, ୩୧।୭ (ଏଜେନ୍ସି): ରାଜସ୍ଥାନର ଜୈସଲମେର ସାମରିକ ଘାଟି ନିକଟରେ ଗୁରୁବାର ରାତିରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଭାରତୀୟ ସେନାର ଜଣେ ମେଜରଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଲେଫ୍ଟନାଣ୍ଟ ଗୁରୁତର ଆହତ ହୋଇଛନ୍ତି। ତିନି ଜଣ ସେନା ଅଧିକାରୀ ଏକ ବ୍ୟକ୍ତିଗତ ଗାଡ଼ିରେ ଜୈସଲମେର ସହରରୁ ସାମରିକ ଘାଟିକୁ ଫେରୁଥିବା ବେଳେ ଯୁଦ୍ଧ ସଂଗ୍ରହାଳୟ ନିକଟରେ ହଠାତ୍ ରାସ୍ତାକୁ ଏକ ଓଟ ଚାଲିଆସିଥିଲା। ଗାଡ଼ିଟି ଓଟକୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇ ପ୍ରାୟ ୫ ଥର ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଓଟଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉଦ୍ଧାରକାରୀ ଦଳ ଆହତ ଅଧିକାରୀମାନଙ୍କୁ ସାମରିକ ହସ୍ପିଟାଲକୁ ନେଇଥିଲେ ହେଁ ମଧ୍ୟପ୍ରଦେଶର ଇନ୍ଦୋର ନିବାସୀ ୩୦ ବର୍ଷୀୟ ମେଜର ହମ୍‌ଜା ଆରିଫ୍ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ସେ ମାତ୍ର ମାସକ ପୂର୍ବରୁ ବିବାହ କରିଥିଲେ। ଆହତ ଦୁଇ ଲିଫ୍ଟନାଣ୍ଟ ଅଭିନବ ରାଠୋର ଏବଂ ଆୟୁଷ୍ମାନ ଗୁସାଇଁଙ୍କ ଚିକିତ୍ସା ଜାରି ରହିଛି।

## ଏଫ୍‌ବିଆଇର 'ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ପଞ୍ଜାବର ଗୁରପ୍ରୀତ ସିଂହ

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଆମେରିକାର ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ ପଞ୍ଜାବର ଜଣେ ଭାରତୀୟ ନାଗରିକ ଗୁରପ୍ରୀତ ସିଂହଙ୍କୁ ନିଜର 'ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସାମିଲ କରିଛି। ସେ ଏକ ଅନ୍ତର୍ଜାତୀୟ ସଂଗଠିତ ଅପରାଧୀ ଗ୍ରୁପ୍ ସହ ମିଶି ନିଶାଦ୍ରବ୍ୟ ଚୋରା ଚାଲାଣ, ବେଆଇନ ଅସ୍ତ୍ର କାରବାର ଏବଂ ଅପରାଧିକ ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ଏଫ୍‌ବିଆଇର ଅନୁଯାୟୀ, ଗୁରପ୍ରୀତ ପଞ୍ଜାବରୁ ଆରମ୍ଭ ହୋଇଥିବା 'ଜଗ୍ଗୁ ଭଗବାନପୁରିଆ ସଂଗଠିତ ଅପରାଧୀ ଗ୍ରୁପ୍'ର ସଦସ୍ୟ ଭାବେ ଆମେରିକାର କାଲିଫର୍ଣ୍ଣିଆ ଏବଂ ଅନ୍ୟାନ୍ୟ ସ୍ଥାନରେ ବେଆଇନ କାର୍ଯ୍ୟକଳାପ ଚଳାଉଥିଲେ। ତାଙ୍କ ବିରୋଧରେ ଲସ୍ ଏଞ୍ଜେଲସ୍‌ର ସଂଘୀୟ ଅଦାଲତ ପକ୍ଷରୁ ଗତ ଜୁନ୍ ୨୫, ୨୦୨୬ରେ ଗିରଫ ୱାରେଣ୍ଟ ଜାରି କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗୁରପ୍ରୀତ ହେଉଛନ୍ତି ଗତ କିଛି ଦିନ ମଧ୍ୟରେ ଏଫ୍‌ବିଆଇର 'ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସ୍ଥାନ ପାଇଥିବା ଦ୍ୱିତୀୟ ଭାରତୀୟ ନାଗରିକ। ଏହା ପୂର୍ବରୁ ଆମେରିକା, କାନାଡ଼ା ଓ ମେକ୍ସିକୋରେ କୋକେନ୍ ଏବଂ ନିଶାଦ୍ରବ୍ୟ ଚୋରା ଚାଲାଣ ଅଭିଯୋଗରେ ଅମୃତପାଲ ସିଂହ ନାମକ ଅନ୍ୟ ଜଣେ ଭାରତୀୟଙ୍କୁ ଏହି ତାଲିକାରେ ସାମିଲ କରାଯାଇଥିଲା। ଭାରତରୁ ଚାଲିଥିବା ଏହି ବିପଜ୍ଜନକ ଗ୍ୟାଙ୍ଗଗୁଡ଼ିକ ଆମେରିକାରେ ବେଆଇନ ନିଶା ଓ ଅସ୍ତ୍ର କାରବାର ବୃଦ୍ଧି କରୁଥିବାରୁ ଏଫ୍‌ବିଆଇ ଏବେ ସେମାନଙ୍କ ଗିରଫଦାରୀ ପାଇଁ ନଜର ଆହୁରି କଡ଼ାକଡ଼ି କରିଛି।

ଭାରତୀୟ ହକି ଦଳର ଗେରୁଆ ଜର୍ସି ବିବାଦ

## ସ୍ପଷ୍ଟୀକରଣ ମାଗିଲେ ଦିଲ୍ଲୀପ ତିର୍କୀ



ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଭାରତୀୟ ଜାତୀୟ ହକି ଦଳର ପାରମ୍ପରିକ ନୀଳ ରଙ୍ଗର ଜର୍ସିକୁ ଗେରୁଆ (କମଳା) ରଙ୍ଗରେ ବଦଳାଯିବା ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି। ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ ଏହି ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ କୌଣସି ପୂର୍ବ ସୂଚନା ଦିଆଯାଇ ନ ଥିବା ପ୍ରକାଶ କରିବା ସହ ଦଳର କାର୍ଯ୍ୟକାରୀ କମିଟିକୁ ଏଡ଼ାଇ କିପରି ଏହି ନିଷ୍ପତ୍ତି ନିଆଗଲା, ସେ ନେଇ ବୋର୍ଡ ଅଧିକାରୀମାନଙ୍କୁ କଠୋର ଭାଷାରେ ଚିଠି ଲେଖି ସ୍ପଷ୍ଟୀକରଣ ମାଗିଛନ୍ତି। ଇଚ୍ଛାକୃତ ଭାବେ ଏହି ବିଷୟକୁ ରାଜନୀତିକରଣ ନ କରିବାକୁ ଅନୁରୋଧ କରିବା ପରେ ମଧ୍ୟ, ଅଭ୍ୟନ୍ତରୀଣ ଆଲୋଚନାରୁ ଜଣାପଡ଼ିଛି ଯେ ହକି ଇଣ୍ଡିଆର ନିର୍ବାଚିତ ନେତୃତ୍ୱଙ୍କୁ ଅନ୍ଧାରରେ ରଖି ଏହି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ଏହି ମାମଲାରେ ଓଡ଼ିଶା ସରକାର ମଧ୍ୟ ଦିଲ୍ଲୀପ ତିର୍କୀଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଦିଲ୍ଲୀପ ତିର୍କୀ ବୋର୍ଡ ସଦସ୍ୟଙ୍କୁ ପଠାଇଥିବା ଇମେଲରେ ଲେଖିଛନ୍ତି ଯେ ଜର୍ସିର ରଙ୍ଗ ବଦଳାଇବା ନିଷ୍ପତ୍ତି କାର୍ଯ୍ୟକାରୀ କମିଟିର ଏହି ବିବାଦ ବଢ଼ିବା ପରେ ଓଡ଼ିଶା ସରକାର ମଧ୍ୟ ଏହି ନିଷ୍ପତ୍ତିର ପୃଷ୍ଠଭୂମି ସମ୍ପର୍କରେ ସ୍ପଷ୍ଟୀକରଣ ଚାହିଁଛନ୍ତି। ଗତକାଲି ଗଣମାଧ୍ୟମକୁ ଦେଇଥିବା ବିବୃତିରେ ଦିଲ୍ଲୀପ କହିଥିଲେ ଯେ ନୀଳ ରଙ୍ଗର ଟର୍ଫ (ଖେଳ ପଡ଼ିଆ)ରେ ନୀଳ ଜର୍ସି ପିନ୍ଧିବା ଦ୍ୱାରା ଖେଳାଳିଙ୍କୁ ପରସ୍ପରକୁ ଦେଖିବାରେ ସମସ୍ୟା ହେଉଥିବାରୁ ଏହି ପରିବର୍ତ୍ତନ କରାଯାଇଛି। ଏହା କୌଣସି ରାଜନୈତିକ ଚାପରେ ହୋଇନାହିଁ। କ୍ରୀଡ଼ାଗତ ସୁବିଧା ପାଇଁ ଏହି ରଙ୍ଗ ବଦଳାଯାଇଛି ବୋଲି ପୂର୍ବରୁ କୁହାଯାଉଥିଲେ ହେଁ, ସଂସ୍ଥାର ଅଭ୍ୟନ୍ତରୀଣ କାର୍ଯ୍ୟଶୈଳୀ ଏବଂ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ରହିଥିବା ତ୍ରୁଟି ଏବେ ପଦାରେ ପଡ଼ିଛି। ଦିଲ୍ଲୀପ ତିର୍କୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ୫ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଲିଖିତ ଉତ୍ତର ସହ ତୁରନ୍ତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ହମାସ୍-ଇସ୍ରାଏଲ ଶାନ୍ତି ଚୁକ୍ତି ଦାବି କଲେ ଟ୍ରମ୍ପ

## ଅସ୍ତ୍ର ସମର୍ପଣ କରିବ ହମାସ୍, ଗାଜାରୁ ସେନା ପ୍ରତ୍ୟାହାର କରିବ ଇସ୍ରାଏଲ

ୱାଶିଂଟନ୍, ୩୧।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଯୁଦ୍ଧବିରତି ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପୂର୍ଣ୍ଣ ଅସ୍ତ୍ରସମ୍ପାତ ଚୁକ୍ତି ହୋଇଥିବା ଦାବି କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ହମାସ ଏବଂ ଅନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ସମର୍ପଣ କରିବେ ଏବଂ ଇସ୍ରାଏଲ ସେନା ଗାଜାରୁ ପର୍ଯ୍ୟାୟକ୍ରମେ ଓହରିଯିବ। 'ବୋର୍ଡ ଅଫ୍ ପିସ୍' ମାଧ୍ୟମରେ ହୋଇଥିବା ଏହି ଚୁକ୍ତି ସମ୍ପର୍କରେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚରେ ସୂଚନା ଦେଇଛନ୍ତି। ଚୁକ୍ତି ଅନୁସାରେ, ଗାଜାରେ ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ସ୍ଥାୟୀ ସୁରକ୍ଷା ବାହିନୀ ଏବଂ ପାଲେଷ୍ଟାଇନର ନୂତନ ପୁଲିସ ବାହିନୀ ଗଠନ କରାଯିବ। ଏହା ପରେ ଗାଜା ପରିଚାଳନା ଭାର ଏକ ନୂତନ ଟେକ୍ନୋକ୍ରାଟ୍ (ବୈଷୟିକ) ପାଲେଷ୍ଟାଇନ୍ ସରକାରଙ୍କ ହାତକୁ ଯିବ। ମିଶର, କାତାର ଏବଂ ତୁର୍କୀର ମଧ୍ୟସ୍ଥତା ଯୋଗୁଁ ଏହି ଚୁକ୍ତି ସମ୍ଭବ ହୋଇଥିବା କୁହାଯାଇଛି। ତେବେ ଏହି ଚୁକ୍ତିକୁ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟକାରୀ କରିବା ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। ଅସ୍ତ୍ର ସମର୍ପଣ ପ୍ରକ୍ରିୟା, ସେନା ପ୍ରତ୍ୟାହାର, ନୂତନ ସୁରକ୍ଷା ବ୍ୟବସ୍ଥା ଏବଂ ନୂତନ ସରକାର ଗଠନ କରିବାରେ କେତେକ ମାସର ସମୟ ଲାଗିପାରେ। ଅନ୍ୟପଟେ, ଇରାନ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ ହମାସକୁ ପରାମର୍ଶ ଦେଇଥିବା ନେଇ ଆମେରିକା ଦାବି କରିଥିଲେ ହେଁ, ହମାସ ଗାଜାବାସୀଙ୍କ ହିତ ପାଇଁ ଏଥିରେ ସମ୍ମତି ଜଣାଇଥିବା କୁହାଯାଇଛି। ଗାଜାରେ ଦୀର୍ଘ ଦିନ ଧରି ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଟ୍ରମ୍ପଙ୍କ ୨୦-ପଏଣ୍ଟ ଯୋଜନାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

କାବେରୀ ଜଳ ବିବାଦ

# କର୍ଣ୍ଣାଟକ-ତାମିଲନାଡୁ ବିବାଦ ତୀବ୍ର



■ ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକ ସ୍ଥଗିତ
■ ବିଜେପି ନେତାଙ୍କୁ ଅଟକ

ବେଙ୍ଗାଲୁରୁ, ୩୧।୭ (ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଦୀର୍ଘ ଦିନରୁ ଚାଲିଆସୁଥିବା ବିବାଦ ବର୍ତ୍ତମାନ ଅଧିକ ଜଟିଳ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ଜଳ ବଣ୍ଟନ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏପରିକି ଆଲୋଚନା ମାଧ୍ୟମରେ ସମାଧାନ ପାଇଁ କରାଯାଉଥିବା ପ୍ରୟାସ ବାଧାପ୍ରାପ୍ତ ହୋଇଛି। ଜୁଲାଇ ୩୦ରେ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍ଏ)ଙ୍କ ନିକଟରେ କର୍ଣ୍ଣାଟକ ନିଜର ଆପତ୍ତି ଓ ପକ୍ଷ ରଖିଛି। ତେବେ ରାଜ୍ୟ ସରକାରଙ୍କ ଏହି ଉପସ୍ଥାପନାକୁ ନେଇ ପ୍ରବଳ ରାଜନୈତିକ ସମାଲୋଚନା ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ସାଂସଦ ବସବରାଜ ବୋମ୍ମାଇ କର୍ଣ୍ଣାଟକର ପକ୍ଷକୁ 'ଅତ୍ୟନ୍ତ ଦୁର୍ବଳ' ବୋଲି ଅଭିହିତ କରିଛନ୍ତି। ରାଜ୍ୟ ସରକାର ସିଡବ୍ଲ୍ୟୁଏମ୍ଏ ନିକଟରେ ତଥ୍ୟ ଭିତ୍ତିକ ଦୃଢ଼ ଯୁକ୍ତି ରଖିବାରେ ପୁଣିଥରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜଳ ବଣ୍ଟନ ନିଷ୍ପତ୍ତିକୁ ବିରୋଧ କରି କର୍ଣ୍ଣାଟକରେ ବିଜେପି ପକ୍ଷରୁ ବ୍ୟାପକ ପ୍ରଦର୍ଶନ କରାଯାଉଛି। ଗୁରୁବାର ନୂଆଦିଲ୍ଲୀରେ ସିଡବ୍ଲ୍ୟୁଏମ୍ଏ ତାଙ୍କ ବୈଠକରେ କର୍ଣ୍ଣାଟକକୁ ତାମିଲନାଡୁକୁ ପ୍ରତିଦିନ ୩, ୫୦୦ କ୍ୟୁସେକ୍ ପାଣି ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ଜଳ ଛାଡିବା ନେଇ ଏହି ନିଷ୍ପତି ପରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ତୀବ୍ର ହୋଇଛି। କର୍ଣ୍ଣାଟକ ବିଜେପି ସଭାପତି ବି.ୱାଇ. ବିଜୟେନ୍ଦ୍ର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ତାମିଲନାଡୁକୁ ପାଣି ଛାଡିବା ନିଷ୍ପତ୍ତି କର୍ଣ୍ଣାଟକର ଚାଷୀଙ୍କ ପ୍ରତି ଅନ୍ୟାୟ। କେଆରଏସ ଡ୍ୟାମ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ତାଙ୍କୁ ପୁଲିସ ଅଟକ ରଖିଛି। ଏହି ଘଟଣା ରାଜ୍ୟରେ ରାଜନୈତିକ ପରିସ୍ଥିତିକୁ ଅଧିକ ଉତ୍ତେଜନାମୂଳକ କରିଦେଇଛି। ଅନ୍ୟପଟେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏବଂ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାରଙ୍କ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। କର୍ଣ୍ଣାଟକ ସରକାର ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଆଲୋଚନା ଘୁଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ମେକେଦାଟୁ ପ୍ରକଳ୍ପ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଜାରି ରହିଛି। କର୍ଣ୍ଣାଟକ ଏହି ପ୍ରକଳ୍ପ ପାଇଁ ଦାବି କରୁଥିବା ବେଳେ ତାମିଲନାଡୁ ଏହାକୁ କ୍ରମାଗତ ଭାବେ ବିରୋଧ କରିଆସୁଛି।

● ଦିଲ୍ଲୀ ଦଙ୍ଗା ମାମଲା

## ତାହିର ହୁସେନଙ୍କ ସହ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ସମୟରେ ଗୁଇନ୍ଦା ବିଭାଗ (ଆଇବି) ଅଫିସର ଅଙ୍କିତ ଶର୍ମାଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ କରକରଡୁମା ଅଦାଲତ ଶୁକ୍ରବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଆପ୍‌ର ପୂର୍ବତନ କାଉନସିଲର ତାହିର ହୁସେନଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରାଯାଇଥିଲା। ଗତ ଜୁଲାଇ ୧୩ ତାରିଖରେ କୋର୍ଟ ତାହିର ହୁସେନ, ନାଜିମ, କାସିମ, ଅନସ ଏବଂ ଜାଭେଦଙ୍କୁ ହତ୍ୟା, ଅପହରଣ, ଦଙ୍ଗା ସୃଷ୍ଟି କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ମୋଟ ୧୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରାଯାଇଛି। ୨୦୨୦ ଫେବୃଆରୀ ୨୫ରେ ଅଙ୍କିତ ଘରୁ ବାହାରି ନିଖୋଜ ହୋଇଯାଇଥିଲେ। ପରଦିନ ସକାଳେ ଚାନ୍ଦବାଗ ପୋଲ ନିକଟସ୍ଥ ଖଜୁରୀ ଖାସ୍ ନାଳରୁ ତାଙ୍କର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ତାହିର ଓ ତାଙ୍କ ସହଯୋଗୀମାନେ ଅଙ୍କିତଙ୍କୁ ହତ୍ୟା କରି ନାଳକୁ ଫିଙ୍ଗି ଦେଇଥିଲେ। ୨୦୨୦ ଫେବୃଆରୀ ୨୩ରୁ ୨୬ ମଧ୍ୟରେ ଉତ୍ତର-ପୂର୍ବ ଦିଲ୍ଲୀରେ ସିଏଏ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଅଧିକ ଲୋକ ଆହାତ ହୋଇଥିଲେ।

## ପେପର ଲିକ୍, ରାମ ମନ୍ଦିର ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ: ସଂସଦର ଉଭୟ ଗୃହ ମୁଲତବୀ

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ପେପର ଲିକ୍ ଏବଂ ଅଯୋଧ୍ୟା ରାମ ମନ୍ଦିରରୁ ଦାନ ଚୋରି ଅଭିଯୋଗକୁ ନେଇ ବିରୋଧୀ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଆଜି ସଂସଦର ଉଭୟ ଗୃହ ରାଜ୍ୟସଭା ଓ ଲୋକସଭାକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବାକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅନୁମତି ଦେଇଥିଲେ। ତେବେ ଖଡ଼ଗେ କେତକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଧ୍ୟକ୍ଷ କୌଣସି ନୋଟିସ୍ ଗ୍ରହଣ କରିନଥିଲେ। ଏହାପରେ ବିରୋଧୀ ସଦସ୍ୟମାନେ ଏକାଠି ହୋଇ ପେପର ଲିକ୍ ଏବଂ ରାମ ମନ୍ଦିରର ଦାନ ଅର୍ଥ ଚୋରି ସମ୍ପର୍କରେ ସ୍ଲୋଗାନ ଦେବା ଆରମ୍ଭ କରିଦେଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ 'ସଡ଼କ-ଛାପ' ରାଜନୀତି କରି ଗୃହର ମର୍ଯ୍ୟାଦା ହାନି କରୁଛନ୍ତି ଏବଂ ଏହା ଦ୍ୱାରା ଗଣତନ୍ତ୍ର ନଷ୍ଟ ହେଉଛି। ହଟ୍ଟଗୋଳ ନଥମିବାରୁ ଅଧ୍ୟକ୍ଷ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ରାଜ୍ୟସଭାର ପରବର୍ତ୍ତୀ ବୈଠକ ଅଗଷ୍ଟ ୩, ସୋମବାର ଦିନ ଅନୁଷ୍ଠିତ ହେବ। ଅନ୍ୟପଟେ ଲୋକସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। 'ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍' ପାରିତ ହେବା ପରେ ହଟ୍ଟଗୋଳ ଯୋଗୁଁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ବିରୋଧୀ ଦଳ ସଦସ୍ୟମାନେ ଗୃହ ଆରମ୍ଭରୁ ହିଁ ବିଭିନ୍ନ ଦାବି ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରସଙ୍ଗକ୍ରମେ, ସଂସଦରେ ଆଜି ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପର୍କିତ ବିଲ୍ ମଧ୍ୟ ଆଲୋଚନା ପାଇଁ କାର୍ଯ୍ୟସୂଚୀରେ ରହିଥିଲା। ମାତ୍ର ବିରୋଧୀଙ୍କ ପ୍ରତିବାଦ ଯୋଗୁଁ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିନାହିଁ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରିବ ପାକିସ୍ତାନ

ଇସଲାମାବାଦରେ ୨୦୨୭ ଏସ୍‌ସିଓ ସମ୍ମିଳନୀ

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ୨୦୨୭ ମସିହାରେ ଇସଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ଶାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ପଠାଯିବ ବୋଲି ପାକିସ୍ତାନ ସଂକେତ ଦେଇଛି। ସଂଗଠନର ନିୟମାନୁସାରେ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଭଳି ଭାରତକୁ ମଧ୍ୟ ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ପ୍ରେରଣ କରାଯିବ ବୋଲି ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇସଲାମାବାଦରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ, ଆୟୋଜକ ଦେଶ ଭାବେ ସମସ୍ତ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରିବା ପାକିସ୍ତାନର କର୍ତ୍ତବ୍ୟ। ସୂଚନାଯୋଗ୍ୟ, ୨୦୨୭ ମସିହାରେ ପାକିସ୍ତାନ ଏସ୍‌ସିଓ ଶିଖର ସମ୍ମିଳନୀର ଆୟୋଜନ କରିବାକୁ ଯାଉଛି। ଭାରତ ଓ ପାକିସ୍ତାନ ବ୍ୟତୀତ ଚୀନ୍, ରୁଷ୍, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ୍ ଏବଂ ବେଲାରୁଷ ଏହି ସଂଗଠନର ଅନ୍ୟତମ ସଦସ୍ୟ ଅଟନ୍ତି। ଅନ୍ୟପଟେ, ମନିଲାରେ ଏସିଆନ୍ ସମ୍ମିଳନୀ ଅବସରରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ପାକିସ୍ତାନ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଆଲୋଚନା ପାଇଁ ପ୍ରସ୍ତାବ ଆସିଥିବା ନେଇ ପାକିସ୍ତାନ ଅସ୍ୱୀକାର କରିଛି। ବହୁପାକ୍ଷିକ ଆଞ୍ଚଳିକ ସୁରକ୍ଷା ଓ ଆର୍ଥିକ ସହଯୋଗ ପାଇଁ ଏସ୍‌ସିଓ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଥିବାରୁ ଏହି ନିମନ୍ତ୍ରଣ ପ୍ରକ୍ରିୟାକୁ ନିୟମିତ ପ୍ରୋଟୋକଲ୍ ଭାବେ ଦେଖାଯାଉଛି। ତେବେ ଉଭୟ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ନିମନ୍ତ୍ରଣ ଏବଂ ପରବର୍ତ୍ତୀ ପଦକ୍ଷେପ ଉପରେ କୂଟନୀତିଜ୍ଞଙ୍କ ନଜର ରହିଛି।

## ଓମାର ଅବଦୁଲ୍ଲା-ପାୟଲଙ୍କ ବିବାହ ବିଚ୍ଛେଦକୁ ସୁପ୍ରିମ୍‌କୋର୍ଟଙ୍କ ମଞ୍ଜୁରି



ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ତାଙ୍କ ପତ୍ନୀ ପାୟଲ ଅବଦୁଲ୍ଲାଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ଦାମ୍ପତ୍ୟ ବିବାଦର ଅନ୍ତ ଘଟିଛି। ଆପୋସ ବୁଝାମଣା ଏବଂ ମଧ୍ୟସ୍ଥତା ଆଧାରରେ ସୁପ୍ରିମ୍‌କୋର୍ଟ ଦୁହିଁଙ୍କ ବିବାହ ବିଚ୍ଛେଦ ଆବେଦନକୁ ମଞ୍ଜୁର କରିଛନ୍ତି। ଶୁକ୍ରବାର ଦିନ ବିଚାରପତି ପି ଏସ୍ ନରସିଂହା ଏବଂ ବିଚାରପତି ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଓମାରଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତଙ୍କୁ ଜଣାଇଥିଲେ ଯେ, ଆପୋସ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ଦୁଇ ପକ୍ଷ ସମସ୍ତ ବିବାଦର ସମାଧାନ କରିସାରିଛନ୍ତି। ଏଥିସହ ଭାରତୀୟ ସମ୍ବିଧାନର ୧୪୨ ନମ୍ବର ଧାରା ଅଧୀନରେ ମିଳିତ ଭାବେ ବିବାହ ବିଚ୍ଛେଦ ପାଇଁ ଆବେଦନ କରାଯାଇଛି। ଗତ ଜୁଲାଇ ୨୨ ତାରିଖରେ ଏହି ମିଳିତ ଆବେଦନ ଦାଖଲ କରାଯାଇଥିଲା। ୧୯୯୪ ମସିହାରେ ବିବାହ କରିଥିବା ଓମାର ଏବଂ ପାୟଲ ୨୦୦୯ ମସିହାରୁ ଅଲଗା ରହୁଥିଲେ।

## ଗଲୱାନ୍ ବିବାଦ ପରେ ପ୍ରଥମ ଥର ଭାରତ ଆସିବେ ସି ଜିନ୍‌ପିଙ୍ଗ୍

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ୨୦୨୦ ଗଲୱାନ୍ ଘାଟୀ ସଂଘର୍ଷ ପରେ ପ୍ରଥମ ଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଭାରତ ଗସ୍ତରେ ଆସିବାକୁ ଯାଉଛନ୍ତି। ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨-୧୩ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ସେ ଯୋଗଦେବାର ସମ୍ଭାବନା ରହିଛି। ୨୦୧୯ ଅକ୍ଟୋବର ପରେ ଜିନ୍‌ପିଙ୍ଗ୍‌ଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ପୂର୍ବରୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ଆଲୋଚନାକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ଚୀନ୍ ଗସ୍ତ କରି ଉଚ୍ଚସ୍ତରୀୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସୀମା ବିବାଦର ସମାଧାନ ଏବଂ ସୀମା ପରିଚାଳନା ପାଇଁ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧିମାନଙ୍କ ମଧ୍ୟରେ ବୈଠକ ହେବ। ଏହି ଗସ୍ତ କାଳରେ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମା ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଏବଂ ଆର୍ଥିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ଦୀର୍ଘ ବର୍ଷର ସୀମା ବିବାଦ ଏବଂ କୂଟନୈତିକ ତିକ୍ତତା ପରେ ଚୀନ୍ ରାଷ୍ଟ୍ରପତିଙ୍କ ଏହି ସମ୍ଭାବ୍ୟ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହୋଇପାରେ।

## ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ: ମେଟା ଇଣ୍ଡିଆ ମୁଖ୍ୟଙ୍କ ବିରୋଧରେ ମାମଲା

ହାଇଦରାବାଦ୍, ୩୧।୭ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପଜନକ, ବିକୃତ (ମୋର୍ଫଡ୍) ଏବଂ ଏଆଇ ଦ୍ୱାରା ପ୍ରସ୍ତୁତ ଭିଡିଓ ଓ ଫଟୋ ପ୍ରସାରଣ ଅଭିଯୋଗରେ ମେଟା ଇଣ୍ଡିଆ ମୁଖ୍ୟ ଅରୁଣ ଶ୍ରୀନିବାସ ଏବଂ କେତେକ ଫେସବୁକ୍-ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ପ୍ରୋଫାଇଲ୍ ବିରୋଧରେ ମାମଲା ରୁଜୁ ହୋଇଛି। ହରାଇଦରାବାଦ ସାଇବର କ୍ରାଇମ୍ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାରତୀୟ ଜନତା ପାର୍ଟି (ବିଜେପି)ର କାର୍ଯ୍ୟକର୍ତ୍ତା ଟି ସାଇକିରଣ ଗୌଡ଼ ଏବଂ ବ୍ୟବସାୟୀ ଏସ୍ ଅରବିନ୍ଦ ରେଡ୍ଡୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏହି ପଦକ୍ଷେପ ନେଇଛି। ଅଭିଯୋଗକାରୀଙ୍କ ଦର୍ଶାଇବା ଅନୁଯାୟୀ, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସବୁକ୍‌ରେ ପ୍ରଧାନମନ୍ତ୍ରୀଙ୍କର ଅଶ୍ଳୀଳ, ଆକ୍ଷେପଜନକ ଏବଂ ବିଭ୍ରାନ୍ତିକର ଭିଡିଓ ସେୟାର କରାଯାଉଥିଲା। ଏହା ଦ୍ୱାରା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିବା ସହ ସମାଜରେ ଅଶାନ୍ତି ସୃଷ୍ଟି କରିବାର ପ୍ରୟାସ କରାଯାଇଛି। ସାଇବର କ୍ରାଇମ୍ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ୟୁରୋପୀୟ ସୀମାରେ ବଡ଼ ବିପର୍ଯ୍ୟୟ

# ସ୍ପେନର ସେଉଟାରେ ୫୦,୦୦୦ ଅନୁପ୍ରବେଶକାରୀ



■ ପାଣିରେ ବୁଡ଼ି ୧୮ ମୃତ, ସେନା ମୁତୟନ

ମାଦ୍ରିଦ, ୩୧।୭ (ଏଜେନ୍ସି): ସ୍ପେନର ଉତ୍ତର ଆଫ୍ରିକୀୟ ସୀମାନ୍ତ ସହର ସେଉଟାରେ ଗୋଟିଏ ଦିନରେ ପ୍ରାୟ ୫୦, ୦୦୦ ମୋରୋକୋ ଅନୁପ୍ରବେଶକାରୀ ପ୍ରବେଶ କରିବା ପରେ ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ସୀମାରେ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ପରେ ସ୍ପେନ୍ ସରକାର ସେଠାରେ ସେନା, ନୌସେନା ଓ ବିମାନବାହିନୀ ମୁତୟନ କରିଛନ୍ତି। ସମୁଦ୍ର ସାପାରି ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସମୟରେ ଅତି କମରେ ୧୮ ଜଣ ଅନୁପ୍ରବେଶକାରୀଙ୍କର ବୁଡ଼ି ମୃତ୍ୟୁ ହୋଇଛି। ସେଉଟା ହେଉଛି ଉତ୍ତର ଆଫ୍ରିକା ଉପକୂଳରେ ଅବସ୍ଥିତ ସ୍ପେନର ଏକ ସ୍ୱାୟତ୍ତଶାସିତ ସହର। ଏହା ମୋରୋକୋ ସହ ୬ ମାଇଲ ବିଶିଷ୍ଟ ସୀମା ଭାଗ କରେ। ସେଉଟା ଓ ମେଲିଲା ହେଉଛନ୍ତି ଆଫ୍ରିକା ମହାଦେଶ ସହ ୟୁରୋପୀୟ ୟୁନିୟନର ଏକମାତ୍ର ସ୍ଥଳ ସୀମା। ୟୁରୋପରେ ପ୍ରବେଶ କରିବା ପାଇଁ ସେଉଟା ସବୁଠାରୁ ସହଜ ଓ ଛୋଟ ରାସ୍ତା। ସୀମାରେ ଉଚ୍ଚ ସୁରକ୍ଷା ବାଡ଼ ଓ ଜଗୁଆଳି ଥିବା ସତ୍ତ୍ୱେ, ଅନୁପ୍ରବେଶକାରୀମାନେ ନିକଟସ୍ଥ ମୋରୋକୋ ସହରଗୁଡ଼ିକରୁ ସମୁଦ୍ରରେ ପହଁରି କିମ୍ବା ବାଡ଼ କାଟି ପ୍ରବେଶ କରିବାକୁ ଚେଷ୍ଟା କରନ୍ତି। ଗତ କିଛି ଦିନ ହେବ ଚାପ ବଢୁଥିବା ବେଳେ ଗୁରୁବାର ଦିନ ହଜାର ହଜାର ଯୁବକ, ମହିଳା ଓ ଶିଶୁ ସମୁଦ୍ରରେ ପହଁରି ଏବଂ ଟାୟାର/ଫ୍ଲିପର ସାହାଯ୍ୟରେ ସେଉଟା ସୀମାରେ ପହଞ୍ଚିଥିଲେ। ସ୍ପେନ ଗୃହ ମନ୍ତ୍ରଣାଳୟ ଅନୁସାରେ ୨୪ ଘଣ୍ଟା ମଧ୍ୟରେ ପାଖାପାଖି ୫୦, ୦୦୦ରୁ ଅଧିକ ଲୋକ ସୀମା ପାର ହୋଇଛନ୍ତି। ଖରାପ ପାଗ ଓ ପ୍ରବଳ ସମୁଦ୍ର ସ୍ରୋତ ଯୋଗୁଁ ସୀମାରେ ଥିବା ପଥର ଓ ସୀମା ବାଡ଼କୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ଅତି କମରେ ୧୮ ଜଣଙ୍କର ବୁଡ଼ି ମୃତ୍ୟୁ ହୋଇଛି। ଅନେକ ଅନୁପ୍ରବେଶକାରୀଙ୍କୁ ପାଣିରୁ ଉଦ୍ଧାର କରାଯାଇଛି। ସ୍ଥିତି ଅନିୟନ୍ତ୍ରିତ ହେବାରୁ ସ୍ପେନ ନିଜର ଆର୍ମଡ ଫୋର୍ସ, ସିଭିଲ ଗାର୍ଡ ଏବଂ ନୌସେନା ବୁଡ଼ାଳି ଦଳକୁ ସୁରକ୍ଷା ଦାୟିତ୍ୱ ଦେଇଛି। ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ସୀମା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ନେଇ ସୂଚନା ରହିଛି। ମୋରୋକୋ ୧୫୮୦ ମସିହାରୁ ସ୍ପେନ ଅଧୀନରେ ଥିବା ସେଉଟାକୁ ନିଜର ଅଧିକୃତ ଭୂଖଣ୍ଡ ବୋଲି ଦାବି କରିଆସୁଛି। ୨୦୨୧ ମସିହାରେ ମଧ୍ୟ ମୋରୋକୋ ସୀମା କୋହଳ କରିଦେବାରୁ ୮, ୦୦୦ ଅନୁପ୍ରବେଶକାରୀ ପ୍ରବେଶ କରିଥିଲେ, ଯାହା ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ସୃଷ୍ଟି କରିଥିଲା। ସ୍ପେନର ସର୍ବୋଚ୍ଚ ଅଦାଲତଙ୍କ ଏକ ନୂତନ ନିର୍ଦ୍ଦେଶ ଅନୁସାରେ, ସମୁଦ୍ରରୁ ଧରାପଡୁଥିବା ଅନୁପ୍ରବେଶକାରୀଙ୍କୁ ତୁରନ୍ତ ମୋରୋକୋ ଫେରାଯାଇପାରିବ ନାହିଁ। ଏହି ନିୟମର ସୁଯୋଗ ନେଇ ମାନବ ଚାଲାଣକାରୀ ଗ୍ରୁପ୍‌ଗୁଡ଼ିକ ଲୋକଙ୍କୁ ପ୍ରବର୍ତ୍ତାଇଥିବା ସନ୍ଦେହ କରାଯାଉଛି। ସ୍ପେନର ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ କୋହଳ ଅନୁପ୍ରବେଶ ନୀତିକୁ ନିନ୍ଦା କରିଛନ୍ତି।



ଜୁଡୋରେ ଅସ୍ମିତାଙ୍କୁ ପ୍ରଥମ ସ୍ୱର୍ଣ୍ଣ
▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-38 ♦SATURDAY ♦1 AUGUST 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୩୮ ♦ଶନିବାର ♦୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ୨୯ ବର୍ଷ ପରେ ମହାସାଗରୀୟ ଶବ୍ଦ 'ଦି ବ୍ଲୁପ୍'ର ସନ୍ଧାନ



■ ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ୧୯୯୭ ମସିହାରେ ପ୍ରଶାନ୍ତ ମହାସାଗରର ଗଭୀର ଜଳରାଶିରୁ ଶୁଣାଯାଇଥିବା ଏକ ରହସ୍ୟମୟ ଶବ୍ଦ 'ଦି ବ୍ଲୁପ୍'କୁ ନେଇ ଦୀର୍ଘ ବର୍ଷ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏହି ଶବ୍ଦ କୌଣସି ଅଜଣା ସାମୁଦ୍ରିକ ଜୀବର ନୁହେଁ, ବରଂ ଆଣ୍ଟାର୍କଟିକାର ବିଶାଳ ବରଫଖଣ୍ଡ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ୧୯୯୭ରେ ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ପ୍ରଶାସନର ସମୁଦ୍ର ତଳେ ଥିବା ମାଇକ୍ରୋଫୋନ୍‌ରେ ଏହି ଶବ୍ଦ ରେକର୍ଡ ହୋଇଥିଲା। ଏହି ଶବ୍ଦର ତୀବ୍ରତା ଏତେ ଅଧିକ ଥିଲା ଯେ ହଜାର ହଜାର କିଲୋମିଟର ଦୂର ପର୍ଯ୍ୟନ୍ତ ଏହା ଶୁଣାଯାଇଥିଲା। ପ୍ରଥମେ ଏହାକୁ କୌଣସି ସାମୁଦ୍ରିକ ଦାନବ, କାଳ୍ପନିକ ପ୍ରାଣୀ କିମ୍ବା ବିଶାଳକାୟ ତିମିର ଶବ୍ଦ ବୋଲି ସନ୍ଦେହ କରାଯାଉଥିଲା। ମାତ୍ର ବୈଜ୍ଞାନିକମାନେ ଦୀର୍ଘ ଗବେଷଣା ପରେ ଜାଣିବାକୁ ପାଇଲେ ଯେ ଆଣ୍ଟାର୍କଟିକାରେ ଗ୍ଲେସିୟର ଭାଙ୍ଗିବା ଏବଂ ବରଫଖଣ୍ଡଗୁଡ଼ିକ ପରସ୍ପର ସହ ଘଷିହୋଇ କମ୍ପନ ସୃଷ୍ଟି ହେବା ଯୋଗୁଁ ଏହି ଶବ୍ଦ ସୃଷ୍ଟି ହୋଇଥିଲା। ଗଭୀର ସମୁଦ୍ରର ଏହି ରହସ୍ୟର ସମାଧାନ ହେବା ସହ ପ୍ରକୃତିର ଅପାର ଶକ୍ତି ସମ୍ପର୍କରେ ଏକ ନୂତନ ତଥ୍ୟ ସାମ୍ନାକୁ ଆସିଛି।

## ଆଜିଠୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ



■ ରାଜନଗର, ୩୧।୭ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଆଜି ଏହି ଅବଧି ସରିଯାଉଥିବାରୁ ଆସନ୍ତାକାଲିଠାରୁ ଏହି ଜାତୀୟ ଉଦ୍ୟାନକୁ ଖୋଲାଯିବ। ଏଥିପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ପର୍ଯ୍ୟଟକଙ୍କ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକାକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକ ଜଳ ପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାରହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୁଭ ମେଟା ନର୍ସରୀ, ବୋଟ ଲାଇବ୍ରେରୀ, ସହିଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ୍ ସହ ବନବିଭାଗ ▸ପୃଷ୍ଠା-୧୦

# ବଢ଼ିରେ ଉବୁଟୁବୁ ଗାଁ-ଗଣ୍ଡା

## ବୈତରଣୀ, ସାଳନ୍ଦୀ ଜଳସ୍ତର ପୁଣି ଉପରମୁହାଁ
## ବିପଦସଙ୍କେତ ଉପରେ ଦେବୀ, ଦୟା, ଭାର୍ଗବୀ

■ ଭୁବନେଶ୍ୱର, ୩୧।୭ (ସମିସ): ମହାନଦୀରେ ଟଳମଳ ସ୍ଥିତି । ମୁଣ୍ଡଳୀ ଦେଇ ୯ ଲକ୍ଷ କ୍ୟୁସେକ୍‌ରୁ ଅଧିକ ଜଳ ପ୍ରବାହିତ ହେଉଛି । ମହାନଦୀରେ ଜଳସ୍ତର ବୃଦ୍ଧି ପରେ ଏହାର ଶାଖାନଦୀଗୁଡ଼ିକରେ ଜଳସ୍ତର ଭୟଙ୍କର ଭାବରେ ବୃଦ୍ଧି ପାଇଛି। ଦେବୀ, ଦୟା, ଭାର୍ଗବୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି । ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ସାମାନ୍ୟ ଆଶ୍ୱସ୍ତି ଦେବା ବେଳକୁ ପୁଣି ବୈତରଣୀ ଓ ସାଳନ୍ଦୀ ଜଳସ୍ତର ଉପରମୁହାଁ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲ୍ଲାର ୧୪୪୬ଟି ଗାଁ ଏବଂ ୧୩ଟି ପୌରାଞ୍ଚଳର ୨୦୧ ୱାର୍ଡର ୮ ଲକ୍ଷ ୩୪ ହଜାର ୭୪୧ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପାଖାପାଖି ୩ ଲକ୍ଷ ଲୋକ ଏବେ ବି ପାଣି ଘେରରେ ରହିଛନ୍ତି। ବନ୍ୟା ଯୋଗୁଁ ୨ଲକ୍ଷ ୬୯ ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି ।

ଉତ୍ତର ଓଡ଼ିଶାରେ ଯଦିଓ ନଦୀଗୁଡ଼ିକରେ ଜଳ ପ୍ରବାହ କମିବାରେ ଲାଗିଛି, ହେଲେ ▸ପୃଷ୍ଠା-୧୦



### ଆଜି ବନ୍ୟା ସ୍ଥିତି ଦେଖିବେ ମୁଖ୍ୟମନ୍ତ୍ରୀ

ଶନିବାର ଆକାଶ ମାର୍ଗରୁ ବନ୍ୟା ସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୪ ଦିନିଆ ଦିଲ୍ଲୀ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଏରିଏଲ୍ ସର୍ଭେ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହିବେ।

## ହୀରାକୁଦ ଜଳସ୍ତର ୬୨୫.୧୦ ଫୁଟ୍
## ଖୋଲିଲା ୨୨ ଗେଟ୍

■ ସମ୍ବଲପୁର, ୩୧।୭ (ସମିସ): ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ ଛତିଶଗଡ଼ର ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ସେକେଣ୍ଡ ପ୍ରତି ୪,୨୨,୯୬୮ କ୍ୟୁସେକ୍ ଜଳ ହୀରାକୁଦରେ ପ୍ରବେଶ କରୁଛି। ସକାଳେ ହୀରାକୁଦ ଜଳସ୍ତର ୬୨୫.୧୫ ଫୁଟ୍‌ରେ ପହଞ୍ଚିଛି। ପୂର୍ବରୁ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବାବେଳେ ଆଜି ପର୍ଯ୍ୟାୟକ୍ରମେ ପୂର୍ବାହ୍ଣ ସାଢ଼େ ୧୦ଟା ବେଳେ ୧୦ଟି, ମଧ୍ୟାହ୍ନରେ ୨ଟି ଏବଂ ଅପରାହ୍ଣ ସାଢ଼େ ୪ଟା ବେଳେ ଆଉ ୮ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ମୋଟ ୨୨ଟି ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସନ କରାଯାଉଛି।

**ସେକେଣ୍ଡକୁ ପ୍ରବେଶ କରୁଛି ୪,୨୨,୯୬୮ କ୍ୟୁସେକ୍ ପାଣି**

ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୧୦ ଫୁଟ୍ ରହିଛି। ନଦୀବନ୍ଧର ▸ପୃଷ୍ଠା-୧୦

## ଆମେରିକାରେ ଚାକିରି ସ୍ୱପ୍ନକୁ ବଡ଼ ଝଟ୍‌କା

■ ୱାସିଂଟନ, ୩୧।୭ (ଏଜେନ୍ସି): ଉଚ୍ଚଶିକ୍ଷା ପରେ ଆମେରିକାରେ ଚାକିରି କରିବାକୁ ଲକ୍ଷ୍ୟ ରଖିଥିବା ଭାରତୀୟ ସମେତ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୈରାଶ୍ୟଜନକ ଖବର ଆସିଛି। ଆମେରିକାରେ ପାଠପଢା ଶେଷ ହେବା ପରେ 'ଓପିଟି' ଜରିଆରେ କାର୍ଯ୍ୟ କରିବା ପାଇଁ ୧ ଲକ୍ଷ ଆମେରିକୀୟ ଡଲାର (ପ୍ରାୟ ୯୫ ଲକ୍ଷ ଟଙ୍କା) ର ମୋଟା ଅଙ୍କର ଫି' ଲାଗୁ କରିବାକୁ ଟ୍ରମ୍ପ ପ୍ରଶାସନ ବିଚାର କରୁଛି।'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍' ଅନୁଯାୟୀ, ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ଅଧୀନରେ ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି। ଏହାସହ ଛାତ୍ର ଭିସାର ନିୟମକୁ କଡ଼ାକଡ଼ି କରି ଆମେରିକାରେ ରହିବା ଅବଧିକୁ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ସୀମିତ କରିବାକୁ ସରକାର ନିୟମ ଚୂଡ଼ାନ୍ତ କରିଛନ୍ତି। ଏହାଠାରୁ ଅଧିକ ସମୟ ପଢ଼ିବା ପାଇଁ ସରକାରୀ ମଞ୍ଜୁରୀ ନେବାକୁ ପଡ଼ିବ। ଏହି ୧ ଲକ୍ଷ ଡଲାର ଫି' ଛାତ୍ର ନିଜେ ଦେବେ ନା ତାଙ୍କୁ ନିଯୁକ୍ତି ଦେଉଥିବା ସଂସ୍ଥା ଦେବ, ସେ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତେବେ ଏହି ପ୍ରସ୍ତାବ ଲାଗୁ ହେଲେ



### ପାଠପଢ଼ା ପରେ କାମ ପାଇଁ ୧ ଲକ୍ଷ ଡଲାର ଫି' ଲାଗୁ କରିବାକୁ ଟ୍ରମ୍ପଙ୍କ ଯୋଜନା

ଆମେରିକାରେ ପଢୁଥିବା ୩.୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଏବଂ କମ୍ପାନୀଗୁଡ଼ିକ ଉପରେ ପ୍ରଚଣ୍ଡ ଆର୍ଥିକ ବୋଝ ପଡ଼ିବ। ଆମେରିକା ନିଜର ଆଇନଗତ ଇମିଗ୍ରେସନ୍ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ କଡ଼ାକଡ଼ି କରିବା ପାଇଁ ଏହି ପଦକ୍ଷେପ ନେଉଥିବା କହିଛି। ଏହି ପ୍ରସ୍ତାବ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଆମେରିକାରେ କ୍ୟାରିୟର ଗଢ଼ିବା ଆହୁରି ବ୍ୟୟବହୁଳ ଏବଂ କଷ୍ଟକର ହୋଇପଡ଼ିବ।

### ଡାକ୍ତରୀ ପିଜି ପ୍ରଶ୍ନପତ୍ର ଲିକ୍ ଘଟଣା
## କାହାକୁ ସୁରକ୍ଷା ଦେବାକୁ ମିଛ କହୁଛନ୍ତି କୁଳପତି

■ ଭୁବନେଶ୍ୱର/ବ୍ରହ୍ମପୁର, ୩୧।୭ (ସମିସ): ପ୍ରଶ୍ନପତ୍ର ଲିକ୍ ହେଲା, ମାତ୍ର ତାହାକୁ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ମାନିବାକୁ ନାରାଜ। ମାତ୍ର କୌତୂହଳର ବିଷୟ ହେଉଛି ଯେ କୁଳପତିଙ୍କ କଥା ଏବେ ତାଙ୍କ ପାଇଁ ବୁମେରାଂ ହୋଇଛି । ପ୍ରଶ୍ନପତ୍ର ଲିକ୍‌କୁ ମାଲ୍ ପ୍ରାକ୍ଟିସ୍ ବୋଲି ଅଭିହିତ କରିବାକୁ ଯାଇ ନିଜେ କୁଳପତି ନିଜ ଜାଲରେ ଛନ୍ଦି ହୋଇ ଯାଇଛନ୍ତି। ପରୀକ୍ଷା ଆରମ୍ଭ ପୂର୍ବରୁ ନୁହେଁ, ପରୀକ୍ଷା ଆରମ୍ଭ

### ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ; ସିସିଟିଭି ଫୁଟେଜ୍ ନଷ୍ଟ ପାଇଁ ଯୋଜନା

ହେବା ପରେ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା କୁଳପତିଙ୍କ କଥା ମିଥ୍ୟା ସାବ୍ୟସ୍ତ ହୋଇଛି। ପରୀକ୍ଷା ଆରମ୍ଭ ପରେ ପ୍ରଶ୍ନପତ୍ର ବାହାରକୁ ଆସିଲେ ତାହାକୁ ପ୍ରଶ୍ନପତ୍ର ଲିକ୍ ନୁହେଁ, ମାଲ୍ ପ୍ରାକ୍ଟିସ୍ କୁହାଯିବ କୁଳପତି କହିଛନ୍ତି। ସକାଳ ୧୦ ଟାରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଏହାର ୨ ମିନିଟ୍ ପୂର୍ବରୁ ଅର୍ଥାତ୍ ୯.୫୮ରୁ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଭାଇରାଲ୍ ହୋଇଛି। ଫଳରେ କୁଳପତି ମିଛ ▸ପୃଷ୍ଠା-୧୦

### କିରାଣି କିଙ୍ଗ୍‌ପିନ୍; ସିଣ୍ଡିକେଟ୍‌ରେ ସାମିଲ୍ ଥିଲେ ୩ ଅଧ୍ୟାପକ

ପ୍ରଶ୍ନପତ୍ର ଲିକ୍ ଘଟଣାରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ଜଣେ କିରାଣି ଓ ୩ ଜଣ ଅଧ୍ୟାପକ ସାମିଲ ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ଲିକ୍ ହୋଇଥିବା ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପରୀକ୍ଷାର୍ଥୀଙ୍କ ସମେତ ଏହି ସମସ୍ତେ ବହୁ ପୂର୍ବରୁ ସାମିଲ ହୋଇଛନ୍ତି। ଏପରିକି ଅଯୋଧ୍ୟା ନଗର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ କିରାଣି ଜଣକ ରହୁଥିବାବେଳେ ପ୍ରଶ୍ନପତ୍ର ଲିକ୍ ପାଇଁ ସେଠାରେ ହିଁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଥିବା ଜଣା ପଡ଼ିଛି। ଏକାଧିକ ପରୀକ୍ଷାର୍ଥୀ ସେହି ଆପାର୍ଟମେଣ୍ଟକୁ ଯାତାୟାତ କରି ସମସ୍ତ ପୂର୍ବ ପ୍ରସ୍ତୁତି କରିଛନ୍ତି। ଆର୍ଥିକ ହେରଫେର ଅଭିଯୋଗରେ ସମ୍ପୃକ୍ତ କିରାଣିଙ୍କୁ କିଛି ବର୍ଷ ପୂର୍ବେ ଅନ୍ୟତ୍ର ବଦଳି ▸ପୃଷ୍ଠା-୧୦

### ୫ ଜଣିଆ ତଦନ୍ତ କମିଟି ଗଠିତ

■ ବ୍ରହ୍ମପୁର, ୩୧।୭ (ସମିସ): 'ଓସୁ' ଦ୍ୱାରା ପରିଚାଳିତ ମେଡିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଡାକ୍ତରଖାନା ଅଧିକ୍ଷକ ପ୍ରଫେସର ସୁଦୀପା ଦାଶଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ରେଜିଷ୍ଟ୍ରାର ଡଃ ଶ୍ୱେତ କୁମାର ଦାସଙ୍କ ସମେତ ୩ଜଣ ପ୍ରଫେସରଙ୍କୁ ଟିମରେ ସାମିଲ କରାଯାଇଛି। ଘଟଣାର ତଦନ୍ତ କରି ୭୨ଘଣ୍ଟା ବା ୩ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡାକ୍ତର ହରିକ୍ରୀଷ୍ଣା ଦଳେଇ ନିର୍ଦ୍ଦେଶ ଦେଇଛନ୍ତି।

## ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୩୧।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରିଛନ୍ତି। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ। ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ▸ପୃଷ୍ଠା-୧୦

## ବିଦ୍ୟାଳୟ ଆଗରେ ଛାତ୍ରଙ୍କୁ ଛୁରିଭୁସି ହତ୍ୟା

■ ଜୟପୁର, ୩୧।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଉପଖଣ୍ଡ ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀର ଛାତ୍ରଙ୍କୁ ଜଣେ ଅଣଛାତ୍ର ଛୁରାମାରି ହତ୍ୟା କରିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ମୃତକଙ୍କ ପରିବାର, ବନ୍ଧୁବର୍ଗ ଏବଂ ଗ୍ରାମବାସୀ ୨୬ ନମ୍ବର ଜାତୀୟ ରାଜପଥକୁ ବାରିଣିପୁଟ ଫାଣ୍ଡି ସମ୍ମୁଖରେ ଧାରଣା ଦେଇ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଶ୍ରଙ୍କ ନେତୃତ୍ୱରେ ସଦରଥାନା ଓ ଟାଉନଥାନ ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ସୂଚନା ଅନୁଯାୟୀ, ଜୟପୁର ବାରିଣପୁଟର ମୁରଲୀ ବାଗଙ୍କ ପୁଅ ମହେଶ ବାଗ (୧୫) ସ୍ଥାନୀୟ ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର । ଅଭିଯୁକ୍ତ ୧୭ ବର୍ଷର ନାବାଳକ ଉକ୍ତ ଗ୍ରାମର ବାସନ୍ଦା। ଅଭିଯୁକ୍ତଙ୍କ ସାନଭାଇଙ୍କ ସହିତ ମୃତକ ମହେଶଙ୍କ ପୂର୍ବରୁ କୌଣସି କଥାକୁ ନେଇ ସାମାନ୍ୟ ଗଣ୍ଡଗୋଳ ହୋଇଥିଲା ।



### ହତ୍ୟାକାରୀ ନାବାଳକ ଫେରାର
### ଜାତୀୟ ରାଜପଥ ଅବରୋଧ


ଏହାର ପ୍ରତିଶୋଧ ନେବା ପାଇଁ ଅଭିଯୁକ୍ତ ନାବାଳକ ଆଜି ମଧ୍ୟାହ୍ନରେ ଏକ ଛୁରି ନେଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ଜଗି ରହିଥିଲା। ମଧ୍ୟାହ୍ନଭୋଜନ ଛୁଟି ସମୟରେ ମୃତକ ମହେଶ ନିଜ ଘରକୁ ଖାଇବା ପାଇଁ ବାହାରିବା ସମୟରେ ପୂର୍ବରୁ ଅପେକ୍ଷା କରିଥିବା ଅଭିଯୁକ୍ତ ▸ପୃଷ୍ଠା-୧୦

# ରାଜ୍ୟରେ ସାଂଘାତିକ ରକ୍ତ ସଙ୍କଟ

## ୨ ବର୍ଷରେ କମିଛି ୫୦ ପ୍ରତିଶତ ରକ୍ତଦାନ ଶିବିର

■ ଭୁବନେଶ୍ୱର, ୩୧।୭ (ସମିସ): ବୁନ୍ଦାଏ ରକ୍ତ ଅନ୍ୟ ଜଣକ ଜୀବନ ରକ୍ଷା କରିପାରେ। ମାତ୍ର ଏବେ ସାରା ରାଜ୍ୟରେ ରକ୍ତର ଭୟଙ୍କର ଅଭାବ। ୨ବର୍ଷ ମଧ୍ୟରେ ରକ୍ତଦାନ ଶିବିର ଆୟୋଜନ ପ୍ରାୟ ୬୦ ପ୍ରତିଶତ କମିବା ଫଳରେ ରାଜ୍ୟର ରକ୍ତ ଭଣ୍ଡାରରେ ଭୟଙ୍କର ରକ୍ତ ସଙ୍କଟ ସୃଷ୍ଟି ହୋଇଛି। ଫଳରେ ଜୀବନ ସହ ସଂଘର୍ଷ କରୁଥିବା ରୋଗୀଙ୍କ ସମେତ ଥାଲାସେମିଆ ରୋଗୀମାନେ ଅତ୍ୟନ୍ତ ଗୁରୁତର ସମୟ ଦେଇ ଗତି କରୁଛନ୍ତି । ଏପରିକି ରକ୍ତଭଣ୍ଡାରଗୁଡ଼ିକରେ ସାଧାରଣ 'ଓ' ପଜିଟିଭ୍ ରକ୍ତ ବି ମିଳୁନାହିଁ। ରାଜ୍ୟର ଭରସା ପାଲଟିଥିବା କ୍ୟାପିଟାଲ ରକ୍ତଭଣ୍ଡାରରେ ଆବଶ୍ୟକ ରକ୍ତ ଅଭାବ ରୋଗୀଙ୍କ ପାଇଁ ଜୀବନମରଣ ସମସ୍ୟଶ ସୃଷ୍ଟି କରିଛି। କଟକ ରେଡକ୍ରସ୍ ସେଣ୍ଟ୍ରାଲ ବ୍ଲଡ କ୍ୟାଙ୍କ, ଏସସିବି ବ୍ଲଡ ବ୍ୟାଙ୍କ୍, ଭୁବନେଶ୍ୱର ରିଜିଓନାଲ ରେଡକ୍ରସ ବ୍ଲଡବ୍ୟାଙ୍କ, କ୍ୟାପିଟାଲ ବ୍ଲଡ ସେଣ୍ଟର, ବିଏମ୍‌ସି ବ୍ଲଡ ସେଣ୍ଟର, ବୁର୍ଲା ମେଡ଼ିକାଲ କଲେଜ ବ୍ଲଡ୍ ସେଣ୍ଟର, ଭଞ୍ଜନଗରରେ ମଧ୍ୟ ରକ୍ତ ସଙ୍କଟ ରହିଥିବା ବେଳେ କୌଣସି ରକ୍ତଭଣ୍ଡାରରେ 'ଓ'-ପଜିଟିଭ ରକ୍ତ ନଥିବା ଜଣାପଡ଼ିଛି। ତେବେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉଥିବା 'ଓ'- ପିଜିଟଭ ରକ୍ତପାଇଁ ବିଭିନ୍ନ ରକ୍ତଭଣ୍ଡାରରୁ ରୋଗୀଙ୍କ ସମ୍ପର୍କୀୟ ଫେରୁଥିବା ବେଳେ ବିରଳ ବର୍ଗର ଅନ୍ୟ ରକ୍ତର ଉପଲବ୍ଧତା ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସରକାରଙ୍କର ୫୬ଟି ବ୍ଲଡବ୍ୟାଙ୍କ ରହିଥିବା ବେଳେ ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର



### ଥାଲାସେମିଆ ରୋଗୀଙ୍କୁ ଭରସା ପାଲଟିଛନ୍ତି ଡୋନର୍
### ସରକାରୀ ପ୍ରୋତ୍ସାହନ, ସଚେତନତା ଅଭାବରୁ କମିଛି ଶିବିର ସଂଖ୍ୟା

ଆବଶ୍ୟକତା ହେଉଥିବା ବେଳେ ଦୁର୍ଘଟଣା, କର୍କଟ ରୋଗୀଙ୍କ ସହ ବିଭିନ୍ନ ଅସ୍ତ୍ରୋପଚାର ନିମନ୍ତେ ମଧ୍ୟ ରକ୍ତର ଆବଶ୍ୟକତା ପଡ଼ିଥାଏ। ଫଳରେ ବାର୍ଷିକ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ। ପୂର୍ବରୁ ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ସାଢ଼େ ୩ଲକ୍ଷରୁ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଉଥିଲା। ବର୍ତ୍ତମାନ କେତୋଟି ହାତଗଣତି ସଂଗଠନ ପକ୍ଷରୁ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନାହିଁ। ଫଳରେ ଜୀବନବିନ୍ଦୁର କୌଣସି ବିକଳ୍ପ ବ୍ୟବସ୍ଥା ହୋଇନଥିବାରୁ ରକ୍ତଦାନ ଶିବିର ମଧ୍ୟ କମିଛି। ୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ 'ଓଡ଼ିଶା ମୋ ପରିବାର' ଅଧୀନରେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରତିବର୍ଷ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଇ ରକ୍ତଭଣ୍ଡାରକୁ ବିପୁଳ ରକ୍ତ ପ୍ରଦାନ କରାଯାଉଥିଲା। ମାତ୍ର ଏବେ ସ୍ଥିତି ବଦଳି ଯାଇଛି। ସରକାର ପରିବର୍ତ୍ତନ ପରେ ରାଜ୍ୟରେ ରକ୍ତ ଅଭାବ ଗୁରୁତର ରୂପ ଧାରଣ କରିଛି। ▸ପୃଷ୍ଠା-୧୦

ସକାଳ THE SAKALA



www.sakalaepaper.com

## ବୈତରଣୀ ବନ୍ୟାଜଳରେ ଦେହୁରୀସାହି କ୍ଷତିଗ୍ରସ୍ତ

# ସୁରକ୍ଷା ବନ୍ଧ ଦାବିରେ ବାସିନ୍ଦାଙ୍କ ଗଣଧାରଣା

ଆନନ୍ଦପୁର, ୩୧।୭ (ସମିସ)



ବୈତରଣୀ ନଦୀ କ୍ରମଶଃ କୂଳ ଖାଇ ଜନବସତି ନିକଟତର ହେଉଥିବାରୁ ସୁଡୁସୁଡ଼ିଆ ଦେହୁରୀ ସାହି ପ୍ରତି ବିପଦ ସୃଷ୍ଟି କରିଛି। ଏହି ଅଞ୍ଚଳରେ ବନ୍ୟା ପ୍ରତିରୋଧକ ନଦୀବନ୍ଧ ନଥିବାରୁ ଆଜିକୁ ୬ ବର୍ଷ ଧରି ବନ୍ୟାଜଳ ପଶିଆସି ବ୍ୟାପକ କ୍ଷତି ଘଟାଉଛି। ସୁରକ୍ଷା ବନ୍ଧ ନିର୍ମାଣ ଦାବିନେଇ ସ୍ଥାନୀୟ ବାସିନ୍ଦା କାଉନସିଲର ସମ୍ବିତ ଦାସ ଓ ଯୁବନେତା ବିଜୟ ମିଶ୍ରଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଘେରଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନନ୍ଦପୁର ପୌର ପରିଷଦ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଦେହୁରୀ ସାହିରେ ୧୫୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ନଦୀର ନିମ୍ନ ଅବବାହିକା ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ଅତଡ଼ା ଖସିବା ସହ ଗାଁ ଭିତରକୁ ବନ୍ୟାଜଳ ପ୍ରବେଶ କରି ନାହିଁ ନ ଥିବା ସମସ୍ୟା ସୃଷ୍ଟି କରୁଛି। ତଥାପି ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଦେହୁରୀ ସାହିଠାରୁ ଟୁକୁଣା ପର୍ଯ୍ୟନ୍ତ ଏକ ସୁଦୃଢ଼ ବନ୍ୟା ପ୍ରତିରୋଧକ ବନ୍ଧ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଛନ୍ତି। ଚଳିତ ବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀର ବନ୍ୟାଜଳ ରାତିଅଧରେ ଦେହୁରୀ ସାହିରେ ପଶିଯାଇ ୧୨ଟି ପରିବାରର ଚାଳଛପର ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଦେହୁରୀ ସାହିର ଘର ଭାଙ୍ଗିଯିବାରୁ ଲୋକେ ପିଲାଛୁଆଙ୍କୁ ଧରି ଉପର ମୁଣ୍ଡକୁ ଚାଲିଯାଇଥିବାରୁ ଅଳ୍ପକେ ଧନଜୀବନ ରକ୍ଷା ପାଇଯାଇଥିଲା। ପ୍ରତ୍ୟେକ ବର୍ଷ ନଦୀରେ ପାଣି ବଢ଼ିଲେ ଗ୍ରାମବାସୀ ଆତଙ୍କିତ ହୋଇ ରାତିସାରା ଅନିଦ୍ରା ରହି ଦିନ କାଟୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୂର୍ବରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିବା ବେଳେ, ଆଜି ଗ୍ରାମବାସୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରି ପ୍ରତିବାଦ କରିଥିଲେ। ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ ଥର କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଖସିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କ୍ଷେତ୍ର ପରିଦର୍ଶନ ଓ ସ୍ଥିତି ଅନୁଧ୍ୟାନ ପାଇଁ ପଠାଇବା ପରେ ଗ୍ରାମବାସୀ ସାମୟିକ ଭାବେ ଆନ୍ଦୋଳନରୁ ଓହରିଛନ୍ତି। ତୁରନ୍ତ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## କଣ୍ଟେନର୍ ଟ୍ରକ୍ ଚାଳକଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍; ୩ ଗିରଫ

କେନ୍ଦୁଝର, ୩୧।୭ (ସମିସ): ବର୍ଷକ ତଳେ ଘଟିଯାଇଥିବା ବହୁଚର୍ଚ୍ଚିତ କଣ୍ଟେନର ଟ୍ରକ୍ ଚାଳକ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି କେନ୍ଦୁଝର ସଦର ପୁଲିସ। ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତ ଙ୍କୁ ଗିରଫ ପୋଲିସ କରିଛି। ଅଭିଯୁକ୍ତମାନେ ହେଲେ ପାଲଲହଡ଼ା ଥାନା ଶ୍ୟାମସୁନ୍ଦରପୁରର ଝସକେତନ ପଲେଇ (୩୪), ନିରଞ୍ଜନ ଆପଟ (୪୦) ଓ କେନ୍ଦୁଝର ସରୁଆଳିର ବାବୁରାମ ଖିଲାର (୩୮)। ସମସ୍ତଙ୍କୁ କୋର୍ଟ ଚାଲାଣ ହୋଇଥିବା ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି। ଗତ ୨୨.୦୪.୨୦୨୫ରେ ଝାଡ଼ଖଣ୍ଡର ପ୍ରଶାନ୍ତ କୁମାରଙ୍କ ଏତଲା ଆଧାରରେ କେନ୍ଦୁଝର ପୁଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିଥିଲା। ଏତଲାକାରୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବଡ଼ ଭାଇ ଉମେଶ ଯାଦବ/ଉମେଶ ମହତୋ (୪୦) ଜଣେ କଣ୍ଟେନର ଟ୍ରକ୍ ଚାଳକ ଥିବା ବେଳେ ସଦର ଥାନାଞ୍ଚଳର ଗୋଟିଏ ସ୍ଥାନରେ ସନ୍ଦେହଜନକ ଅବସ୍ଥାରେ ନିଜ ଗାଡ଼ି ଭିତରେ ମୃତ ଅବସ୍ଥାରେ ମରି ପଡ଼ିଥିଲେ। ପରେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା ଯେ ମୃତକଙ୍କ ମୁଣ୍ଡରେ କଠିନ ଓ ଭାରୀ ବସ୍ତୁରେ ଆଘାତ ହୋଇଥିଲା। ୧୯.୦୪.୨୦୨୫ ସନ୍ଧ୍ୟାରେ ମୃତକ ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ଅଧୀନ କଣ୍ଟାଳା ନିକଟସ୍ଥ ମାଲୁଆ ଢାବାରେ ଖାଇବା ପାଇଁ ଅଟକିଥିଲେ। ଖାଦ୍ୟ ପରିବେଷଣରେ ବିଳମ୍ବକୁ ନେଇ ଢାବା କର୍ମଚାରୀମାନଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ୩ ଜଣ ଢାବା କର୍ମଚାରୀ ମିଳିତ ଭାବେ ମୃତକଙ୍କୁ ମୁଷ୍ଟିଘାତ ଓ ଶାଳ କାଠ ଦ୍ୱାରା ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ଆକ୍ରମଣ ପରେ ମୃତକଙ୍କ ମୋବାଇଲ ଫୋନ୍‌ଟି ମଧ୍ୟ ଜଣେ ଅଭିଯୁକ୍ତ ନିଜ ପାଖରେ ରଖିଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ମୃତକ ନିଜ କଣ୍ଟେନର ଚଳାଇ ସଦର ଥାନା ଅଞ୍ଚଳ ଜାତୀୟ ରାଜପଥ ୪୯ କଡ଼ ଗହ୍ଲା ଢାବା ନିକଟରେ ପହଞ୍ଚି ସେଠାରେ ଥିବା ପାର୍କିଂ କର୍ମଚାରୀଙ୍କୁ ମାଲୁଆ ଢାବାରେ ମାଡ଼ ଖାଇଥିବା କଥା କହିଥିଲେ। ପରଦିନ ସକାଳେ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ସୁଆକାଟି ତେନ୍ତୁଳୀ ପାର୍କିଂ ନିକଟରେ କଣ୍ଟେନର ଭିତରେ ତାଙ୍କର ମୃତ୍ୟୁ ଘଟିଥିଲା। ତଦନ୍ତ ସମୟରେ ମୋବାଇଲ ଫୋନ୍‌ଟିକୁ ଟ୍ରେସ୍ କରାଯାଇ ଜଣେ ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରାଯାଇଥିଲା। ତଦନ୍ତରେ ତିନିଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା।

## ସହାୟତା ଅପେକ୍ଷାରେ କୃଷ୍ଣଚନ୍ଦ୍ରଙ୍କ ପରିବାର



ହାଟଡ଼ିହୀ,୩୧।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ଚାପୁଣ୍ଡିଆ ଗ୍ରାମର ଗୋପୀନାଥ ନାୟକଙ୍କ ପୁଅ କୃଷ୍ଣଚନ୍ଦ୍ର ନାୟକଙ୍କ ପରିବାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଚାପୁଣ୍ଡିଆ ଗ୍ରାମଟି ବୈତରଣୀ ନଦୀବନ୍ଧ ଏବଂ ସମଗ୍ର ସମଣା ପଞ୍ଚାୟତର ତଳିଆ ଗାଁ ହୋଇଥିବାରୁ ଲଗାଣ ବର୍ଷା ଓ ନାଳପାଣି ମାଡ଼ି ସମ୍ପୂର୍ଣ୍ଣ ଗାଁଟିକୁ ତିନିଦିନ କାଳ ଜଳବନ୍ଦୀ କରି ରଖିଥିଲା। ଏହା ମଧ୍ୟରେ କୃଷ୍ଣଚନ୍ଦ୍ରଙ୍କ ଘରଟି ଗ୍ରାମର ସମ୍ପୂର୍ଣ୍ଣ ଖାଲୁଆ ସ୍ଥାନରେ ଥିବାରୁ ବର୍ଷାପାଣି ଯୋଗୁଁ ତାଙ୍କ ଘରଟି ସମ୍ପୂର୍ଣ୍ଣ ଜଳବନ୍ଦିରେ ରହିଥିଲା। ଯାହା ଫଳରେ ଏବେବି କୃଷ୍ଣଙ୍କ ଘର ଭିତରଟା ପାଣି ଯୋଗୁଁ ସନ୍ତସନ୍ତିଆ ହୋଇରହିଛି। ଘରର ଅନେକ ଅଂଶ ଭାଙ୍ଗି ଯାଇଥିବାରୁ ପରିବାର ଲୋକେ ଶାନ୍ତିରେ ରୋଷେଇ କରି ଗଣ୍ଡେ ଖାଇବା କଷ୍ଟକର ହୋଇପଡ଼ିଛି। ଏପରିକି, ଶୋଇବା ପାଇଁ ଶୁଖିଲା ସ୍ଥାନ ମଧ୍ୟ ନାହିଁ। କୃଷ୍ଣଚନ୍ଦ୍ର ଜଣେ ଗରିବ ଶ୍ରେଣୀର ବ୍ୟକ୍ତି। ବର୍ଷା ଛାଡ଼ିବାର ୨ଦିନ ବିତିଥିଲେ ବି ଉକ୍ତ ପରିବାର ନିକଟରେ ବର୍ତ୍ତମାନ ଯାଏଁ ସରକାରୀ ସହାୟତା ନପହଞ୍ଚିବା ନିହାତି ଦୁର୍ଭାଗ୍ୟ ବୋଲି କୁହାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୃଷ୍ଣଚନ୍ଦ୍ରଙ୍କ ସହ ଗ୍ରାମର ଅନ୍ୟାନ୍ୟ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

## ଯୁବକଙ୍କୁ ଟେକି ଫିଙ୍ଗିଦେଲା ଦନ୍ତା ହାତୀ



ତୁରୁମୁଙ୍ଗା, ୩୧।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସଦର ରେଞ୍ଜ ସୀମାନ୍ତ ଜାମୁନାଳିଆ ଗ୍ରାମ ନିକଟ ଜଙ୍ଗଲକୁ ହାତୀ ଦେଖିଯାଇଥିବା ଯୁବକଙ୍କୁ ଶୁକ୍ରବାର ଅପରାହ୍ନରେ ଏକ ଦନ୍ତା ଶୁଣ୍ଢରେ ଟେକି ଫିଙ୍ଗି ଦେବାରୁ ଯୁବକ ଜଣକ ଗୁରୁତର ହେଇଛନ୍ତି। ଗୁରୁତର ଯୁବକ ହେଲା କେନ୍ଦୁଝର ଜିଲ୍ଲା କେନ୍ଦେପୋଷି ପଞ୍ଚାୟତ କାଶୀପୁର ଗ୍ରାମର ଜୟରାମ ନାଏକଙ୍କ ପୁଅ ଦୈତାରି (୨୫)। ତାଙ୍କୁ ବନ ବିଭାଗ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ବନବିଭାଗ ପକ୍ଷରୁ ଚାରା ବଣ୍ଟନ




ହାଟଡ଼ିହୀ,୩୧।୭ (ସମିସ): ଶୁକ୍ରବାର ପୂର୍ବାହ୍ନରେ ହଦଗଡ଼ ବନାଞ୍ଚଳ ଅଧୀନ କାଠକଟା ସେକ୍ସନ ପକ୍ଷରୁ ଚାରା ବଣ୍ଟନ ହୋଇଛି। ବନପାଳ ଲକ୍ଷ୍ମୀଧର କିସ୍କୁ, ବନରକ୍ଷୀ ଉଦୟ କୁମାର ପାତ୍ର, ଓମ୍ବାଡସି ଉନ୍ନୟନ ଅଧିକାରୀ ବିଜୟ କୁମାର ସାହାଙ୍କ ତତ୍ତ୍ୱାବଧାନରେ ଶାଗୁଆନ, ଆକାଶିଆ, କଦମ୍ବ, ପିଜୁଳି, ଡାଳିମ୍ବ, ଶିଶୁ, ମେହେଗାନୀ, ଅଁଳା ଆଦି କିସମର ୩୨ଶହ ଚାରା ବଣ୍ଟନ ହୋଇଥିବା ବେଳେ ଜଣଙ୍କ ପ୍ରତି ୧୦ଟି ଲେଖାଏଁ ଚାରା ହିସାବରେ ୨୨୦ ଜଣ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି।

## ଡାଲମିଆ ପକ୍ଷରୁ ରାଜମିସ୍ତ୍ରି ସମ୍ମିଳନୀ



ଆନନ୍ଦପୁର, ୩୧।୭ (ସମିସ): ଆନନ୍ଦପୁର ମୁରବାଲିସ୍ଥିତ ପୌର କଲ୍ୟାଣ ମଣ୍ଡପଠାରେ ଡାଲମିଆ କମ୍ପାନୀ ପକ୍ଷରୁ ଆନନ୍ଦପୁର ଉପଖଣ୍ଡର ରାଜମିସ୍ତ୍ରି ସମ୍ମିଳନୀ ଓ ଉମଙ୍ଗ ଉତ୍ସବ ପାଳିତ ହୋଇଯାଇଛି କମ୍ପାନୀର ଜିଲ୍ଲା ଅଧିକାରୀ ରମାକାନ୍ତ ଭାରତୀଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିବା ଡିଲର ସବଡ଼ିଲରଙ୍କୁ ଆଗାମୀ ବ୍ୟବସାୟିକ କୌଶଳ ସମ୍ପର୍କରେ ଏକ ଆଲୋଚନା କରାଯାଇଥିଲା। ପରେ ଆନନ୍ଦପୁର ଘସିପୁରା ହାଟଡିହି ଅଞ୍ଚଳରୁ ଆସିଥିବା ପ୍ରାୟ ୮ ଶହ ଶିଳ୍ପକାରଙ୍କ ମଧ୍ୟରେ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାକୁ କମ୍ପାନୀର ସ୍ଥାନୀୟ ଅଧିକାରୀ ଗୀତିରଞ୍ଜନ ପାଲ ଓ ସ୍ନେହାଶିଷ ଲେଙ୍କା ପରିଚାଳନା କରିଥିଲେ। ପରେ ଆୟୋଜିତ ଉମଙ୍ଗ ଉତ୍ସବରେ କମ୍ପାନୀ ଅଧିକାରୀ ଶ୍ରୀକାନ୍ତ ବର୍ମା ଓ ରଜନୀକାନ୍ତ ଷଡ଼ଙ୍ଗୀ ସମସ୍ତଙ୍କୁ ପ୍ରୀତିଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ। ଜିଲ୍ଲା ଅଧିକାରୀ ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବିପଦସଂକୁଳ; ଭୁଶୁଡ଼ିବା ଆଶଙ୍କା




ତେଲକୋଇ, ୩୧।୭ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବିପଦସଂକୁଳ ଅବସ୍ଥାରେ ରହିଛି। ଏଠାରେ କର୍ମଚାରୀମାନେ ଭଗବାନ ସାହାଭରସାରେ କାର୍ଯ୍ୟ କରୁଛନ୍ତି। କେତେବେଳେ ଯେ ନ ଭୁଶୁଡ଼ି ପଡ଼ିବ ସେନେଇ କର୍ମଚାରୀମାନେ ଆଶଙ୍କା କରୁଛନ୍ତି। ବର୍ତ୍ତମାନ ବର୍ଷା ପରିସ୍ଥିତିରେ ଏହି କୋଠାଟି ଆହୁରି ବିପଜ୍ଜନକ ହୋଇ ରହିଛି। ସଂପୂର୍ଣ୍ଣ ଦଦରା ଅବସ୍ଥାରେ ରହିଛି। ପୂର୍ବରୁ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏହାକୁ ଅଣଦେଖା କରିଚାଲିଛି। ତେଲକୋଇ ବ୍ଲକ ଜିଲ୍ଲାର ଉପାନ୍ତରେ ଥିବାରୁ ଏହି ଶିକ୍ଷା ବିଭାଗର ମୌଳିକ ଭିତ୍ତିଭୂମି ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଉକ୍ତ କାର୍ଯ୍ୟାଳୟକୁ ତୁରନ୍ତ ମରାମତି କରା ନ ଗଲେ ଏହି ବର୍ଷା ଦିନେ ହିଁ ଭୁଶୁଡିବା ଆଶଙ୍କା ରହିଛି। ଯାହା ଫଳରେ କାର୍ଯ୍ୟାଳୟରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବା ସହ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ ବିପଦ ରହିଛି। ସେପଟେ ଗତ ଲଗାଣ ବର୍ଷାରେ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି ଭରି ରହିଥିଲା। ଛାତରୁ ପାଣି ବୋହି ଚାଲୁଛି। କର୍ମଚାରୀମାନେ ଅଫିସ କାର୍ଯ୍ୟ କରିବାକୁ ଭୟଭୀତ ରହୁଥିବା ବେଳେ ସରକାରୀ କାର୍ଯ୍ୟ ସଠିକ ଭାବରେ ସମ୍ପାଦିତ ହୋଇପାରୁ ନାହିଁ। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲା ପ୍ରଶାସନକୁ ପ୍ରଗତିଶୀଳ ନାଗରିକ ମଞ୍ଚ ଦୃଢ଼ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ କୌଣସି ଅଘଟଣ ଘଟିଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ମଞ୍ଚ କହିଛି।

## ନିଖୋଜ ଯୁବତୀଙ୍କ ମୃତଦେହ ଧୂଷୁରୀରୁ ଉଦ୍ଧାର



ଆନନ୍ଦପୁର ୩୧।୭ (ସମିସ): କେନ୍ଦୁଝର ଜିଲ୍ଲାର ରେମାଳ ନଦୀରେ ଗାଧୋଉଥିବା ବେଳେ ଭାସିଯାଇଥିବା ଯୁବତୀ ଉର୍ମିଳା ପାତ୍ରଙ୍କ ମୃତଦେହ ଆଜି ଭଦ୍ରକ ଜିଲ୍ଲାର ଧୂଷୁରୀ ଅଞ୍ଚଳରୁ ଉଦ୍ଧାର ହୋଇଛି। ଗତ ୨୮ ତାରିଖରେ ନିଖୋଜ ହୋଇଥିବା କେଶଦୁରାପାଳ ଗ୍ରାମର କୁଳମଣି ପାତ୍ରଙ୍କ ଝିଅ ଉର୍ମିଳା (୨୪) ପାତ୍ରସାହି ଘାଟରେ ଭାସି ଯାଇଥିଲେ। ଏନେଇ ପରିବାର ପକ୍ଷରୁ ଘସିପୁରା ଥାନା ପୋଲିସ୍ ନିକଟରେ ଅଭିଯୋଗ ହୋଇଥିଲା।



ତୁରୁମୁଙ୍ଗା: ପିପୁଲସ୍ କଲଚରାଲ୍ ସେଣ୍ଟର ପିକକ୍ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ର ଗୋପବନ୍ଧୁ ପ୍ରଶାସନ ଏକାଡେମୀ-୨୦୨୩ ବ୍ୟାଚ୍ ପ୍ରଶିକ୍ଷାର୍ଥୀ-ଅଧିକାରୀମାନେ କେନ୍ଦୁଝର ଜିଲ୍ଲାର ପାଟଣା ଓ ଘଟଗାଁ ବ୍ଲକ୍ ଅଞ୍ଚଳ ପରିଦର୍ଶନ ଶେଷ କରିଛନ୍ତି

## ଫିଡର ପରିବର୍ତ୍ତନ ପାଇଁ ପରିଦର୍ଶନ କଲେ ବିଦ୍ୟୁତ୍ ଅଧିକାରୀ

ଚମ୍ପୁଆ, ୩୧।୭ (ସମିସ): ବାରମ୍ବାର ଅଭିଯୋଗ ପରେ ଶେଷରେ ତତ୍ପରତା ଦେଖାଇଛି ଚମ୍ପୁଆ ବିଦ୍ୟୁତ ବିଭାଗ। ଚମ୍ପୁଆ ଏନଏସିର ୱାର୍ଡ ନଂ ୧ ଅନ୍ତର୍ଗତ ଗୋଧୂଳି ଗ୍ରାମରେ ଦୀର୍ଘଦିନ ଧରି ବିଦ୍ୟୁତ ସମସ୍ୟା ଲାଗି ରହିଥିବାରୁ ଫିଡର ପରିବର୍ତ୍ତନ ପାଇଁ ୱାର୍ଡବାସୀ ଦାବି କରିଆସୁଥିଲେ। ଏହାପରେ ବିଭାଗୀୟ ଅଧିକାରୀମାନେ ସ୍ଥିତି ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ ଯେ ୩ ହଜାର ଲୋକସଂଖ୍ୟା ବିଶିଷ୍ଟ ଆଦିବାସୀ ବହୁଳ ଗୋଧୂଳି ଗ୍ରାମ ସହରାଞ୍ଚଳ ୱାର୍ଡ ନଂ ୧ ଭାବରେ ୨୦୧୪ରେ ଏନଏସିରେ ସାମିଲ ହୋଇଥିଲେ। ୪ ଶହରୁ ଅଧିକ ଉପଭୋକ୍ତା ରହିଥିଲେ ମଧ୍ୟ ଗୋଧୂଳି ଗ୍ରାମବାସୀ ପ୍ରାୟ ୨୦ କିଲୋମିଟର ଦୂରର ଗ୍ରାମାଞ୍ଚଳ ଫିଡରରୁ ବିଦ୍ୟୁତ ସେବା ପାଉଥିଲେ। ଜାମୁଦଲକ ପଞ୍ଚାୟତର ଅଡଙ୍ଗାପାଳ ଫିଡରରୁ ଜଙ୍ଗଲ ମଧ୍ୟ ଦେଇ ବିଦ୍ୟୁତ ସେବା ଯୋଗା ଯାଉଥିବା ବେଳେ ବର୍ଷା, ପବନ ଏପରିକି ଜଙ୍ଗଲରେ ହାତୀ ଚଳାଚଳ ସମୟରେ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଉଥିବାରୁ ୱାର୍ଡ ନଂ ୧ର ଲୋକମାନେ ମଧ୍ୟ ବାରମ୍ବାର ବିଦ୍ୟୁତ ସେବାରୁ ବଞ୍ଚିତ ହେଉଥିଲେ। ଏନେଇ ସ୍ଥାନୀୟ କାଉନସିଲର ଛତ୍ରପତି ନାଏକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ସମାଧାନ ପାଇଁ ଚମ୍ପୁଆ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସହ ଯୋଡ଼ା ନେଟୱର୍କ ଇଞ୍ଜିନିୟରିଂ ଗ୍ରୁପର ଅଧିକାରୀମାନେ ଗୋଧୂଳି ଗ୍ରାମ ପରିଦର୍ଶନ କରିଥିଲେ। ସେମାନେ ସ୍ଥାନୀୟ କାଉନସିଲର ଛତ୍ରପତି ନାଏକଙ୍କ ସହ ଆଲୋଚନା କରିଥିଲେ। ଚମ୍ପୁଆ ବିଦ୍ୟୁତ ବିଭାଗର ଅଧିକାରୀ ଦିବ୍ୟରଞ୍ଜନ ସାହୁ କହିଛନ୍ତି ଯେ ଫିଡର ପରିବର୍ତ୍ତନ ପାଇଁ ପ୍ରସ୍ତାବ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଯିବ। ପ୍ରସ୍ତାବ ଅନୁମୋଦନ ମିଳିବା ପରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## କଂଗେସର ବିଏଲ୍ଏ-୨ ପ୍ରଶିକ୍ଷଣ

ତେଲକୋଇ, ୩୧।୭ (ସମିସ): ତେଲକୋଇ କଂଗେସ ପକ୍ଷରୁ ଜଗମହନପୁରଠାରେ ବ୍ଲକ କଂଗ୍ରେସ ସଭାପତି ସୁବାସଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବିଏଲ୍ଏ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ତେଲକୋଇ ପର୍ଯ୍ୟବେକ୍ଷକ ପ୍ରମୋଦ ହେମ୍ବ୍ରମ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳଚନ୍ଦ୍ର ନାୟକ, ବରିଷ୍ଠ କଂଗ୍ରେସ ନେତା ଯଶବନ୍ତ ଖୁଣ୍ଟିଆ, ମହେଶ୍ୱର ମହାକୁଡ଼, ହେମନ୍ତ ସାଲିମା, ସୁବାସ ଖୁଣ୍ଟିଆ, ଲାଲମୋହନ ନାଏକ, କେଶବଚନ୍ଦ୍ର ପ୍ରଧାନ, ଉତ୍ତମ ନାଏକ ଓ ବହୁ ବିଏଲଏ ଉପସ୍ଥିତ ଥିଲେ। ସାଂଗଠନିକ ଆଲୋଚନା ସହ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ବୁଥରେ ଭୋଟରଙ୍କ ଲିଷ୍ଟ ଠିକ କରିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା।

## ସୁନା ନଦୀରୁ ମସଲା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ଯୋଡ଼ା, ୩୧।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ସୁନାନଦୀରୁ ଜଣେ ମସଲା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୋଡ଼ା ୱେଷ୍ଟ ବଡ଼ପୁଲିଆ ତଳେ ଥିବା ନଦୀରୁ ଆଜି ସକାଳ ପ୍ରାୟ ସାଢେ ୬ଟା ସମୟରେ ମୃତଦେହ ମିଳିଥିଲା। ମୃତକ ହେଲେ ଯୋଡ଼ା କୁନ୍ଦୁରନାଳା ବସ୍ତିର ବାସିନ୍ଦା ତଥା ମସଲା ବ୍ୟବସାୟୀ ରାଜନନ୍ଦନ ଚୌଧୁରୀ (୫୮)। ସୂଚନା ଅନୁସାରେ, ସେ ଆଜି ସକାଳେ ମର୍ଣ୍ଣି ୱାକ୍ ପାଇଁ ଘରୁ ବାହାରିଥିଲେ। ପରେ ତାଙ୍କ ମୃତଦେହ ସୁନାନଦୀର ବଡପୁଲିଆ ତଳେ ପଡ଼ିଥିବା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଯୋଡ଼ା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ଏହି ମୃତ୍ୟୁ ପଛରେ ପ୍ରକୃତ କାରଣ କ'ଣ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହା ଦୁର୍ଘଟଣା, ଆତ୍ମହତ୍ୟା କିମ୍ବା ଅନ୍ୟ କୌଣସି କାରଣରୁ ଘଟିଛି କି ନାହିଁ, ସେନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ଯୋଡ଼ା ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଲାଗି ରହିଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି।

## ବନ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ: ଜିଲ୍ଲାପାଳ

# ୧୮୭ ହେକ୍ଟର ଧାନ ଜମି, ୭୦ ହେକ୍ଟର ଅଣଧାନ ଚାଷଜମି ନଷ୍ଟ

କେନ୍ଦୁଝର, ୩୧।୭ (ସମିସ)

କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଆଜି ମିନି କନଫରେନ୍ସ ହଲ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବର୍ତ୍ତମାନର ସ୍ଥିତି, ରିଲିଫ୍ କାର୍ଯ୍ୟ ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚମ୍ପୁଆ, ସ୍ୱାମପାଟଣା ଏବଂ ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ଆନନ୍ଦପୁରଠାରେ ଜଳସ୍ତର ୩୫.୩୫ ମିଟର ରହିଥିଲା, ଯାହା ବିପଦ ସଙ୍କେତ (୩୮.୩୬ ମିଟର)ଠାରୁ ଯଥେଷ୍ଟ ତଳେ ରହିଛି। ସେହିପରି ଚମ୍ପୁଆ ଏବଂ ସ୍ୱାମପାଟଣାଠାରେ ମଧ୍ୟ ନଦୀର ଜଳସ୍ତର ନିଜ ନିଜର ବିପଦ ସଙ୍କେତଠାରୁ ତଳେ ରହିଛି ଏବଂ କ୍ରମାଗତ ଭାବେ ହ୍ରାସ ପାଉଛି।

କାନପୁର ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି ଯେ ବର୍ତ୍ତମାନ କଫର ଡ୍ୟାମ୍ ଉପରେ ପାଣି ପ୍ରବାହିତ ହେଉଛି ଏବଂ ସର୍ବାଧିକ ସୁରକ୍ଷିତ ସ୍ତର ୪୪୦.୦୦ ମିଟର ତୁଳନାରେ ଜଳଭଣ୍ଡାରର ଜଳସ୍ତର ୪୩୦.୪୦ ମିଟର ରେକର୍ଡ କରାଯାଇଛି। ଏହି ପ୍ରକଳ୍ପକୁ ପ୍ରତି ସେକେଣ୍ଡରେ ୪୦.୧୭୨ କ୍ୟୁମେକ (ଘନ ମିଟର) ଜଳ ପ୍ରବେଶ କରୁଥିବା ବେଳେ ୫୮୭.୯୮ କ୍ୟୁମେକ ଜଳ ନିଷ୍କାସିତ ହେଉଛି। ସେ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନର ଜଳ ନିଷ୍କାସନ ଯୋଗୁଁ କୌଣସି ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ନାହିଁ ଏବଂ ପ୍ରଶାସନ ପକ୍ଷରୁ ନିମ୍ନମୁଖୀ ବ୍ଲକ ଯଥା ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ସଦର ଏବଂ ପାଟଣାର ସ୍ଥିତି ଉପରେ କ୍ରମାଗତ ଭାବେ ନଜର ରଖାଯାଇଛି।

ଜିଲ୍ଲାପାଳ ଦର୍ଶାଇଛନ୍ତି ଯେ ବିଗତ କିଛି ଦିନର ପ୍ରବଳ ବର୍ଷା ଯୋଗୁଁ ୧୩ଟି ବ୍ଲକର ୯୪ଟି ଗ୍ରାମପଞ୍ଚାୟତ ଏବଂ ୭୨୭ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୪୮ଟି ଗ୍ରାମ ଜଳବନ୍ଦୀ ହୋଇ ରହିଥିଲା, କିନ୍ତୁ ବର୍ତ୍ତମାନ କୌଣସି ଗ୍ରାମ ଜଳବନ୍ଦି ହୋଇ ରହିନାହିଁ। ଫସଲ କ୍ଷତିର ଆକଳନ ଅନୁଯାୟୀ ୧୮୭ ହେକ୍ଟର ଧାନ ଜମି ଏବଂ ୭୦ ହେକ୍ଟର ଅଣଧାନ ଚାଷ ଜମି ନଷ୍ଟ ହୋଇଛି। ଜିଲ୍ଲାରେ ୫୨୩ଟି ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି, ଯେଉଁଥିରେ ୫୨୦ଟି ଆଂଶିକ କ୍ଷତିଗ୍ରସ୍ତ ଏବଂ ୩ଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଘର ସାମିଲ ଅଛି, ଏହା ବ୍ୟତୀତ ୩୮ଟି ଗୁହାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଜନିତ ବିଭିନ୍ନ ଦୁର୍ଘଟଣାରେ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଜଣେ କାନ୍ଥ ଭୁଶୁଡ଼ିବା ଯୋଗୁଁ, ଦୁଇ ଜଣ ପାଣିରେ ବୁଡ଼ିଯିବା ଯୋଗୁଁ ଏବଂ ଜଣେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ଏହାସହ ୧୪ଟି ଗୋରୁଗାଈଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ସୂଚନା ମିଳିଛି।

### ୭୨୭ ଗ୍ରାମ ପ୍ରଭାବିତ, ୫୨୩ ଘର କ୍ଷତିଗ୍ରସ୍ତ, ୪ ମୃତ ସୂଚନା

ପ୍ରଶାସନ ପକ୍ଷରୁ ୧୮ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଥିଲା, ଯେଉଁଥିରୁ ବର୍ତ୍ତମାନ ୨ଟି କାର୍ଯ୍ୟକ୍ଷମ ରହିଛି। ଏପର୍ଯ୍ୟନ୍ତ ମୋଟ ୬,୯୧୮ ଜଣ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ୬୦ ଜଣଙ୍କୁ ଖାଦ୍ୟ ପରଷା ଯାଇଛି। ପ୍ରଶାସନ ପକ୍ଷରୁ ୧,୮୧୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୯୨ ଜଣ ଗର୍ଭବତୀ ମହିଳାଙ୍କୁ 'ମା' ଗୃହ'କୁ ସ୍ଥାନାନ୍ତର କରାଯାଇଛି। ଏହାବ୍ୟତୀତ ୧ଟି ଆଶ୍ରୟସ୍ଥଳୀ, ୧୦ଟି ଗୋପାଳନ ଶିବିର (କ୍ୟାଟଲ କ୍ୟାମ୍ପ), ୧୦ଟି ମେଡିକାଲ ଟିମ୍, ୨୬ଟି ମୋବାଇଲ୍ ମେଡିକାଲ୍ ୟୁନିଟ୍ ଏବଂ ୧୦ଟି ପ୍ରାଣୀଧନ ଚିକିତ୍ସା ଟିମ୍ ନିୟୋଜିତ କରାଯିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ୫୬୯ଟି ପଲିଥିନ୍ ସିଟ୍ ବଣ୍ଟନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଡେପୁଟି କଲେକ୍ଟର (ଜରୁରିକାଳୀନ) ଅଭିଳାଷ ପୁରୋହିତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

# ବାଲେଶ୍ୱର ବନ୍ୟା; ୪୬୩ ଗାଁ ବୁଡ଼ିଲା, ଭାଙ୍ଗିଛି ୬୫୪ ଘର

**ବାଲେଶ୍ୱର, ୩୧।୭ (ସମିସ)**



ଲଗାଣ ବର୍ଷା ଓ ନଦୀଗୁଡ଼ିକର ଅସ୍ୱାଭାବିକ ଜଳସ୍ତର ବୃଦ୍ଧି ବାଲେଶ୍ୱର ଜିଲ୍ଲାକୁ ଏକ ଅଭୂତପୂର୍ବ ବନ୍ୟା ବିପର୍ଯ୍ୟୟରେ ଠେଲି ଦେଇଛି। ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ୧୨ଟି ବ୍ଲକର ୧୪୬ଟି ଗ୍ରାମ ପଞ୍ଚାୟତର ୪୬୩ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି।୧,୪୭,୦୬୫ ଜଣ ଲୋକ ବନ୍ୟାର ସିଧାସଳଖ ଶିକାର ହୋଇଥିବା ବେଳେ ୪୮,୧୩୦ ଜଣଙ୍କୁ ଜୀବନ ବଞ୍ଚାଇବା ପାଇଁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ ଶିବିରକୁ ସ୍ଥାନାନ୍ତର କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନରେ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ନୀଳଗିରି ବ୍ଲକ୍ ବନ୍ୟାରେ ସବୁଠାରୁ ଅଧିକ ବିପର୍ଯ୍ୟୟକୁ ସାମ୍ନା କରିଛି। ଏଠାର ୨୫ଟି ପଞ୍ଚାୟତର ୮୬ଟି ଗ୍ରାମର ୫୭,୯୨୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୭,୪୧୮ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୫୯ଟି ଘର ଭାଙ୍ଗି ଯାଇଛି। ଏହା ସହ ୩ ଗୋଟି ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ଜିଲ୍ଲାରେ ସର୍ବାଧିକ କ୍ଷୟକ୍ଷତି ନୀଳଗିରିରେ ହୋଇଥିବା ପ୍ରଶାସନିକ ରିପୋର୍ଟରୁ ସ୍ପଷ୍ଟ ହେଉଛି। ସେହିପରି ରେମୁଣା ବ୍ଲକ୍ ମଧ୍ୟ ବନ୍ୟାର ଆଉ ଏକ ବଡ଼ ହଟସ୍ପଟ୍ ପାଲଟିଛି। ରେମୁଣା ବ୍ଲକରେ ୩୨ଟି ପଞ୍ଚାୟତର ୮୫ଟି ଗାଁରେ ୨୧,୫୬୯ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୮,୦୭୨ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି , ଯାହା ଜିଲ୍ଲାରେ ସର୍ବାଧିକ ସ୍ଥାନାନ୍ତରଣ ଭାବେ ଉଭା ହୋଇଛି। ଏଠାରେ ୧୦୧ଟି ଘର କ୍ଷତିଗ୍ରସ୍ତ ହୋଇଥିବା ସହ ୫ଟି ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ଅନେକ ଗାଁ ଏବେ ବି ଜଳଘେରରେ ରହିଥିବାରୁ ସାଧାରଣ ଜୀବନ ସ୍ୱାଭାବିକ ହୋଇପାରିନାହିଁ। ବାଲେଶ୍ୱର ସଦର ବ୍ଲକରେ ୧୫,୬୯୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୪,୦୮୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଏଠାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଘର କ୍ଷତିଗ୍ରସ୍ତ ରିପୋର୍ଟ ସ୍ପଷ୍ଟ ହୋଇନି। ସହର ଓ ଗ୍ରାମାଞ୍ଚଳର ଅନେକ ଅଞ୍ଚଳରେ ପାଣି ପଶି ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ବାହାନଗା ବ୍ଲକରେ ୧୨,୩୬୯ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୬,୦୫୨ ଜଣଙ୍କୁ ଉଦ୍ଧାର କରାଯାଇଛି। ବସ୍ତା ବ୍ଲକରେ ୧୧,୫୩୧ ଜଣ, ଔପଦା ବ୍ଲକର ୧୪,୪୩୩ ଜଣ ବନ୍ୟା ପ୍ରଭାବ ଭୋଗୁଥିବା ବେଳେ ସର୍ବାଧିକ ୩୮୭ଟି ଘର ଭାଙ୍ଗିଛି , ସିମୁଳିଆ ବ୍ଲକର ୭,୫୨୩ ଜଣ ଏବଂ ସୋର ବ୍ଲକର ୩,୬୮୫ ଜଣ ବନ୍ୟାର ପ୍ରଭାବ ଭୋଗୁଛନ୍ତି। ସବୁଠାରୁ ଦୁଃଖଦ ବିଷୟ ହେଉଛି ବନ୍ୟାରେ ୩ ଜଣଙ୍କ ପ୍ରାଣହାନି ଘଟିଛି। ସରକାରୀ ତଥ୍ୟ ଅନୁଯାୟୀ ପ୍ରଳୟଙ୍କରୀ ବନ୍ୟାରେ ବାଲେଶ୍ୱର ସଦର, ସୋର ଏବଂ ସିମୁଳିଆ ବ୍ଲକ୍‌ରେ ଜଣେ ଲେଖାଏଁ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହା ସହ ୯ଟି ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ୬୫୪ଟି ଘର କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ୧୭୦ ଟି ରିଲିଫ କେନ୍ଦ୍ରରେ ରନ୍ଧା ଖାଦ୍ୟ ଯୋଗାଇ ଦିଆ ଯାଉଛି। ସ୍କୁଲ୍ ଓ ସେଲ୍ଟରଗୁଡ଼ିକରେ ୪୮,୧୩୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିସହ ୩୫.୩ କ୍ୱିଣ୍ଟାଲ ଚାଉଳ, ୨୫୬.୩ କ୍ୱିଣ୍ଟାଲ ଚୁଡ଼ା, ୨୬.୪୩ କ୍ୱିଣ୍ଟାଲ ଗୁଡ଼, ୧୨ ମେଟ୍ରିକ୍ ଟନ୍ ପଶୁଖାଦ୍ୟ, ୧୫୬ଟି ପଲିଥିନ୍ ସିଟ୍ ଏବଂ ୨୪ ମେଟ୍ରିକ୍ ଟନ୍ ଗ୍ରୀନ୍ ଫୋଡର୍ ବଣ୍ଟନ କରାଯାଇଛି। ଜିଲ୍ଲାରେ ଉଦ୍ଧାର ଅଭିଯାନ ପାଇଁ ଗୋଟିଏ ଏନଡ଼ିଆରଏଫ, ୪ଟି ଓଡ୍ରାଫ ଓ ୧୨ଟି ଅଗ୍ନିଶମ ବାହିନୀର ଟିମ୍ ନିୟୋଜିତ ହୋଇ ଦିନରାତି କାର୍ଯ୍ୟ କରୁଛନ୍ତି। ବୋଟ୍ ଯୋଗେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯିବା ସହ ଖାଦ୍ୟ, ପାନୀୟ ଜଳ ଓ ଔଷଧ ପହଞ୍ଚାଇବା କାର୍ଯ୍ୟ ଜାରି ରହିଛି। ବନ୍ୟା ପାଣି ଅନେକ ସ୍ଥାନରେ ଏବେ ମଧ୍ୟ ସମ୍ପୂର୍ଣ୍ଣ ଛାଡ଼ି ନଥିବାରୁ ପ୍ରକୃତ କ୍ଷୟକ୍ଷତିର ହିସାବ ଆସିବା ବାକି ରହିଛି। ଚଳିତ ବର୍ଷର ବନ୍ୟା ବାଲେଶ୍ୱର ଜିଲ୍ଲାରେ ସବୁଠାରୁ ବଡ଼ ମାନବୀୟ ସଙ୍କଟ ସୃଷ୍ଟି କରିଛି , ଯେଉଁଠାରେ ନୀଳଗିରି, ରେମୁଣା, ବାଲେଶ୍ୱର ସଦର ଓ ବାହାନଗା, ଔପଦା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳ ଭାବେ ଉଭା ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି।

**୩ ଜଣଙ୍କ ଜୀବନ ଯାଇଛି**

## ମହିଳାଙ୍କ ପେଟରୁ ବାହାରିଲା ୫ କେଜିର ଟ୍ୟୁମର



ସ୍ୱାସ୍ଥ୍ୟାବସ୍ଥା ଗୁରୁତର, ସହାୟତା ବିବେଚନ

**କାଳିପଦା, ୩୧।୭ (ସମିସ):** ସରକାର କହୁଛନ୍ତି ଆୟୁଷ୍ମାନ କାର୍ଡ ମାଧ୍ୟମରେ ଜଣେ ମହିଳା ଚିକିତ୍ସା ପାଇଁ ୧୦ ଲକ୍ଷର ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ପାଇବେ। ମାତ୍ର ବାସ୍ତବ କ୍ଷେତ୍ରରେ ଦେଖିବାକୁ ମିଳୁଛି ଗୋଟିଏ ଏହା ଏବେ କେବଳ ପ୍ରଚାର ସର୍ବସ୍ୱ ବୋଲି ଜଣେ ମହିଳା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ମହିଳାଙ୍କ ପେଟରୁ ଅପରେସନ କରି ୫ କେଜିର ଟ୍ୟୁମର ବାହାର କରାଯାଇଛି। ହେଲେ ଆୟୁଷ୍ମାନ କାର୍ଡରୁ ସରକାରୀ ସହାୟତା ମିଳିଲା ମାତ୍ର ୨୫ ହଜାର ଟଙ୍କା ମିଳି ଥିବା ବେଳେ ଖର୍ଚ୍ଚ ହେଲାଣି ୩ଲକ୍ଷ ୫୦ ହଜାର ଟଙ୍କା। ତଥାପି ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହିଁ ମହିଳା ସେବକଙ୍କର ଠାରୁ ଆଶା ହରାଇ ଏବେ ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି ମହିଳାଙ୍କ ସ୍ୱାମୀ। ସୂଚନା ମୁତାବକ ବାଲିଆପାଳ ବ୍ଲକ ଅନ୍ତର୍ଗତ ଚାଇଁଅଁଶ ଗ୍ରାମର ଭାନୁଚରଣ ବେହେରାଙ୍କ ପତ୍ନୀ ମାଳତୀ ବେହେରାଙ୍କ ପେଟ ଯନ୍ତ୍ରଣା ହେବାରୁ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯାଇ ଜାଣିଲେ ଯେ ତାଙ୍କ ପେଟରେ ଟ୍ୟୁମର ହୋଇଛି। ଅପରେସନ ଜରୁରୀ ଅଛି। ପରେ ଏକ ଘରୋଇ ହସ୍ପିଟାଲରେ ଗତ ଜୁନ ମାସ ୧୬ ତାରିଖରେ ଅପରେସନ କରାଇଲେ। ଖର୍ଚ୍ଚ ହେଲା ୩ ଲକ୍ଷ ୫୦ହଜାର ଟଙ୍କା। ଏହା ବାଦ କେବଳ ଟେଷ୍ଟରେ ଖର୍ଚ୍ଚ ହେଲା ୨୦ ହଜାର। ମାତ୍ର ଆୟୁଷ୍ମାନ କାର୍ଡରୁ ୨୫ ହଜାର ଆର୍ଥିକ ସହାୟତା ମିଳିଲା। ନିଜର ଯାହା ଜମିବାଡ଼ି ସୁନାରୁପା ଅଳଙ୍କାର ଥିଲା ସବୁ ବିକ୍ରି କରି ସାରିଲେଣି ଭାନୁ ଚରଣ। ପରିବାର କଥା ବୁଝିବେ ନା ପତ୍ନୀଙ୍କ ଚିକିତ୍ସା କଥା ବୁଝିବେ। ଆର୍ଥିକ ଅନଟନ ଭିତରେ ଭାଗ୍ୟକୁ ଆଦରି କେବଳ ଭଗବାନ ହିଁ ଭରସା ବୋଲି ଧରି ନେଇଛି। ଘରେ ଦବାଇ ଥିବା ମୁଢି ଭଜା ମେସିନ ଦ୍ୱାରା ପ୍ରତିଦିନ ଯାହା ରୋଜଗାର ହୋଇଥାଏ ତାହାହିଁ ଭରସା। ଯେତେବେଳେ ପତ୍ନୀଙ୍କୁ ହସ୍ପିଟାଲକୁ ନେବାକୁ ପଡୁଛି ରୋଜଗାର ବନ୍ଦ ହୋଇ ଯାଉଛି କଥା ଦୁଃଖଭରା କଣ୍ଠରେ କହିଛନ୍ତି ଭାନୁଚରଣ। ଏବେ ଚିକିତ୍ସା ଅଭାବରୁ ପତ୍ନୀ ମାଳତୀର ଅବସ୍ଥା ଦିନକୁ ଦିନ ଖରାପ ଆଡକୁ ଗତି କରୁଛି। ଟଙ୍କା ଅଭାବରୁ ଚିକିତ୍ସା କରାଇ ପାରୁ ନାହିଁ। ଯଦି କେହି ସହୃଦୟ ବ୍ୟକ୍ତି ମାଳତୀଙ୍କ ଚିକିତ୍ସା ପାଇଁ ସାହାଯ୍ୟର ହାତ ବଢାଇବାକୁ ଚେଷ୍ଟା କରନ୍ତି ତେବେ ୮୩୪୨୮୪୫୨୩୩ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଭାନୁ ଚରଣ ବେହେରା ଆକୁଳ ନିବେଦନ କରିଛନ୍ତି।

## ସୋରରେ ଏବେ ବି ଜଳବନ୍ଦୀରେ ଶହ ଶହ ପରିବାର

**ସୋର, ୩୧।୭ (ସମିସ):** ଚଳିତ ଲଗାଣ ବର୍ଷାରେ ସୋର ବ୍ଲକରେ ବନ୍ୟା ପରିସ୍ଥିତି ଉପୁଜି ଥିବା ବେଳେ ଏବେ ବି ଶହ ଶହ ପରିବାର ଜଳ ବନ୍ଦୀ ଅବସ୍ଥାରେ ଅଛନ୍ତି ।ଉପର ମୁଣ୍ଡରେ ବନ୍ୟା ଜଳ କମିଥିଲେ ବି ଏବେ ତଳିଆ ଅଞ୍ଚଳ ଟେଣ୍ଟେଇ, ପାଖର, ଗୁଡ଼, ବାଲଙ୍ଗ, କେଦାରପୁର, ସାଜନପୁର ଆଦି ପଞ୍ଚାୟତରେ ଏବେ ଶହ ଶହ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡିଛି। ଗୁଡ଼ ପଞ୍ଚାୟତର ରାମଚନ୍ଦ୍ରପୁର ଗାଁ କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଟେଣ୍ଟେଇ ପଞ୍ଚାୟତର ବିରିପଡା ବଙ୍ଗାଳି ସାହିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏବେ ବି ରାସ୍ତାରେ ଆଣ୍ଠୁଏ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଟେଣ୍ଟେଇ ପଂଚାୟତରେ ୩ ଶହରୁ ଉଦ୍ଧ୍ୱର୍ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡିଛି। ଏପରିସ୍ଥଳେ ସୋର ବିଧାୟକ ମାଧବ ଧଡ଼ା ଜଳବନ୍ଦୀ ପରିବାର ନିକଟରେ ପହଞ୍ଚି ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ବନ୍ୟା କାରଣରୁ ସୋରରେ ଚାଷ ବିଶେଷ ଭାବେ ନଷ୍ଟ ହୋଇଛି। ଯାହାକୁ ନେଇ ଚାଷୀ କୂଳ ଏବେ ଚିନ୍ତାରେ ଅଛନ୍ତି। ପରିବା ଓ ଧାନ ଉଭୟ ଚାଷ କରିଥିବା ଚାଷୀମାନେ ଏପରି ଅସହ୍ୟ କ୍ଷତି ପାଇଁ ମୁଣ୍ଡରେ ହାତ ଦେଇଛନ୍ତି। ବିଶେଷ ଭାବେ ସୋର ବ୍ଲକର କାଂଶବାଂଶ ନଦୀ କୂଳିଆ ୧୦ଟି ପଞ୍ଚାୟତର ଲୋକେ ବେଶ ପ୍ରଭାବିତ ହୋଇଛନ୍ତି। ସୋର ବ୍ଲକରେ ୩୦ ହେକ୍ଟରରୁ ଅଧିକ ଜମିରେ ପରିବା ଚାଷ ହୋଇଥିବା ବେଳେ ପାଖାପାଖି ୧୦ ହେକ୍ଟରରୁ ଅଧିକ ପରିବା ଚାଷ ନଷ୍ଟ ହୋଇଛି। ଚାଷୀ ମାନଙ୍କର ଏପରି ଅସହ୍ୟ କ୍ଷତି ପାଇଁ ଚାଷୀ କୁଳ ଚିନ୍ତାରେ ଥିବା ବେଳେ ସରକାରଙ୍କ ପକ୍ଷରୁ ତୁରନ୍ତ ସହାୟତା ପାଇଁ ଚାଷୀ ମାନେ ନିବେଦନ କରିଛନ୍ତି।



## ଜଳମଗ୍ନ ହେଲା ନାଟନଭ ବାୟୋସାଇନ୍ସ, ବ୍ୟାପକ କ୍ଷୟକ୍ଷତି

**ବାଲେଶ୍ୱର, ୩୧।୭ (ସମିସ):** ଲଗାଣ ବର୍ଷା ପାଇଁ ସୃଷ୍ଟି ହୋଇଥିବା ବନ୍ୟାରେ ଭଗତପୁରସ୍ଥିତ ନାଟନଭ ବାୟୋସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ କାରଖାନା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ଚିଙ୍ଗୁଡ଼ି ଖୋଳରୁ ଚିଟିନ୍ ଓ ଚିଟୋସାନ୍ ପରି ସାମୁଦ୍ରିକ ବାୟୋପଲିମର ଉତ୍ପାଦନ କରୁଥିବା ଏହି କମ୍ପାନୀର ଉତ୍ପାଦନ ୟୁନିଟ୍, ଗୋଦାମ, ଯନ୍ତ୍ରପାତି, କଞ୍ଚାମାଲ ଓ ପ୍ରସ୍ତୁତ ସାମଗ୍ରୀ ସମେତ ଶ୍ରମିକ ଆବାସରେ ବ୍ୟାପକ କ୍ଷତି ହୋଇଛି। ଦୀର୍ଘ ସମୟ ଧରି ପାଣି ଜମି ରହିବାରୁ ବହୁ ସାମଗ୍ରୀ ଭାସିଯାଇଛି ଏବଂ ଆର୍ଦ୍ରତା ଯୋଗୁଁ ଫଙ୍ଗସ୍ ଧରି ନଷ୍ଟ ହୋଇଯାଇଛି। ବିଦ୍ୟୁତ ବ୍ୟବସ୍ଥା ଓ ପ୍ରୋସେସିଂ ସିଷ୍ଟମ୍ ମଧ୍ୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏହି ବନ୍ୟା ଯୋଗୁଁ ସଂସ୍ଥା ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି। ତେବେ ଉତ୍ପାଦନକୁ ପୁନର୍ବାର ସ୍ୱାଭାବିକ କରିବା ପାଇଁ ପ୍ରୟାସ ଜାରି ରହିଛି।



## ଓଜେସିରେ ସାମିଲ ହେଲେ ଅରିଜିତ ଘୋଷାଲ

**ବାଲେଶ୍ୱର, ୩୧।୭ (ସମିସ):** ଭୁବନେଶ୍ୱର ସ୍ଥିତ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ର ରାଜ୍ୟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଯୁବନେତା ଏବଂ ପୂର୍ବତନ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ସଭାପତି ଅରିଜିତ ଘୋଷାଲ ନିଜର ଶତାଧିକ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଓଜେସିରେ ଯୋଗଦାନ କରିଛନ୍ତି। ବାଲେଶ୍ୱରର ମାଟି ଓ ଜନସାଧାରଣଙ୍କ ସମସ୍ୟାକୁ ନେଇ ସବୁବେଳେ ଆନ୍ଦୋଳନର ମୈଦାନରେ ରହିଆସିଥିବା ଶ୍ରୀ ଘୋଷାଲଙ୍କ ଏହି ମିଶ୍ରଣ ପର୍ବ ଜିଲ୍ଲା ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। ଏହି ମିଶ୍ରଣ ପର୍ବରେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଘୋଷାଲ ଏବଂ ତାଙ୍କ ସମର୍ଥକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ।

ବାଲେଶ୍ୱରବାସୀଙ୍କୁ ବାର୍ତ୍ତା ଦେଇ ଶ୍ରୀ ଘୋଷାଲ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଯେ, ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର କୋଣଅନୁକୋଣରୁ ହଜାର ହଜାର ଲୋକ ଓଜେସିରେ ଯୋଗଦେବେ ଏବଂ ଆଗାମୀ ପୌରନିର୍ବାଚନକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ କରାଯିବ। ଓଜେସି ମିଡିଆ ସେଲ୍ ଚେୟାରମ୍ୟାନ୍ ପ୍ରଶାନ୍ତ ଶତପଥୀ ପରିଚାଳନା କରିଥିବା ଏହି କାର୍ଯ୍ୟକ୍ରମରେ ଶ୍ରୀ ଘୋଷାଲଙ୍କ ସହିତ ବେଣୁଧର ଜେନା, ସଞ୍ଜୟ ବାରିକ, ଅଜୟ ଦାସ, ରତିକାନ୍ତ ନାୟକ, ଯୁବ ନେତା କ୍ଷୀରୋଦ ପ୍ରଧାନ,ରାଜଶଙ୍କର ନାୟକ, ସୁରଜ ନାୟକ, ଜଗନ୍ନାଥ ନାୟକ, ରାଜେନ୍ଦ୍ର ବେଦାନ୍ତ ପ୍ରମୁଖ ସାମିଲ ଅଛନ୍ତି। ଏହି ମିଶ୍ରଣ ପର୍ବରେ ଓଜେସି ସେବା ସଂଗଠନର ଅଧ୍ୟକ୍ଷ ମନୋଜ ଜେନା, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା ଏବଂ କୃଷକ ସେଲ୍ ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ ପ୍ରମୁଖ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।



## ବନ୍ୟା ପ୍ଲାବିତ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ



**ଜଳେଶ୍ୱର, ୩୧।୭ (ସମିସ):** ବାଲେଶ୍ୱର ଜିଲ୍ଲା ରେ ଲଗାଣ ବର୍ଷା ଫଳରେ ଜଳେଶ୍ୱର ବ୍ଲକର ବହୁ ପଞ୍ଚାୟତ ଜଳମଗ୍ନ ରହିଛି। ବେଧଡକ ନିର୍ମାଣ ଓ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଜଳେଶ୍ୱର ବ୍ଲକରେ ୨୦ ହଜାର ହେକ୍ଟରରୁ ଅଧିକ ଜମିରେ ଧାନଚାଷ ହେବାକୁ ଥିବା ବେଳେ ପ୍ରାୟ ୪ ହଜାର ହେକ୍ଟର ଜମି ବର୍ଷା ଜଳରେ ବୁଡ଼ି ରହିଛି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସଦ୍ୟ ରୁଆ ପୋତା ହୋଇଥିବା ଧାନ ଗଛ ଏବଂ ତଳି ପଡି ନଷ୍ଟ ହେବାକୁ ବସିଲାଣି। ପନିପରିବା ଫସଲରେ ପାଣି ଛିଡା ହେବାରୁ ସେଗୁଡ଼ିକ ପଚି ଶୁଖି ଗଲାଣି। ବହୁ ତଳୁଆ ପଞ୍ଚାୟତ ରେ ଘରେ ପାଣି ପଶିଥିବା ବେଳେ ବର୍ଷା ଲାଗି ରହିଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। କେତେକ ସ୍ଥାନରେ ସଡ଼କ ନଷ୍ଟ ହୋଇଥିବା ବେଳେ ମାଟି ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଛି। ୧୬ ନଂ ଜାତୀୟ ରାଜପଥ,ଅଳାଳ ପୁରୁନାମୋ ଆରଡି ସଡକ ତ୍ରୁଟିପୂର୍ଣ୍ଣ ନିର୍ମାଣ ଏବଂ ନିଷ୍କାସନ ନାଳରେ ବେଆଇନ ନିର୍ମାଣ ଯୋଗୁଁ ପାଖାପାଖି ପଞ୍ଚାୟତ ଓ ଜଳେଶ୍ୱର ସହର ବର୍ଷ ବର୍ଷ ଧରି ପ୍ଲାବିତ ହୋଇଆସୁଛି। ବିଭିନ୍ନ ବିଭାଗର ଅଧିକାରୀ ମାନେ ପ୍ରଭାବିତ ଅଞ୍ଚଳ ବୁଲି ଆକଳନ କରୁଥିବା ଜଣାଯାଉଛି। ଶୁକ୍ରବାର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଜେଡି ସାଂସଦ ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା ପ୍ରମୁଖ ପ୍ଲାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟାକ୍ଲିଷ୍ଟଙ୍କ ଦୁଃଖ ଶୁଣିଥିଲେ। ସୁଗୋ ଗ୍ରାମ ପଞ୍ଚାୟତର ବର୍ଣ୍ଣିଦା, କେନ୍ଦୁଆ ପଞ୍ଚାୟତର କପଶୁଦା, ସାଂତିଆ ପଞ୍ଚାୟତର ଡେମୁରିଆ, ଖାଜିନା ଓ ନାମୋ ପଞ୍ଚାୟତର ପ୍ଲାବିତ ଅଞ୍ଚଳ ବୁଲିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସାଥିରେ ଥିବା ଡ୍ରେନେଜ ବିଭାଗର ଏସଡିଓଙ୍କ ସହିତ ଆଲୋଚନା କରିଥିଲେ।

## ବିପନ୍ନଙ୍କ ସହ ବସି ଖାଦ୍ୟ ଖାଇଲେ ଜିଲ୍ଲାପାଳ



**ବାଲେଶ୍ୱର, ୩୧।୭ (ସମିସ) :** ବାଲେଶ୍ୱରରେ ବନ୍ୟା ପରିସ୍ଥିତି ଯୋଗୁଁ ବିଭିନ୍ନ ଅଞ୍ଚଳର ଲୋକେ ରିଲିଫ୍ ଶିବିରରେ ଆଶ୍ରୟ ନେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧାର ତଦାରଖକୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ ଓ ସଦର ତହସିଲଦାର ଅନିଲ କୁମାର ମହାନ୍ତି ରିଲିଫ୍ ଶିବିର ପରିଦର୍ଶନ କରି ବନ୍ୟା ପୀଡ଼ିତଙ୍କ ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଶିବିରରେ ରହୁଥିବା ଶିଶୁ, ମହିଳା, ବୃଦ୍ଧ ଓ ଅନ୍ୟାନ୍ୟ ବନ୍ୟା ପୀଡ଼ିତଙ୍କ ସହ ସିଧାସଳଖ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ପ୍ରଶାସନ ପକ୍ଷରୁ ମିଳୁଥିବା ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ। ରହିବା ବ୍ୟବସ୍ଥା, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଶିଶୁଙ୍କ ପାଇଁ ଆବଶ୍ୟକ ସୁବିଧା ଓ ରନ୍ଧା ଖାଦ୍ୟର ଗୁଣବତ୍ତାକୁ ମଧ୍ୟ ସେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ କେବଳ ରିଲିଫ୍ ଶିବିରର ବ୍ୟବସ୍ଥା ଯାଞ୍ଚ କରିନଥିଲେ, ବରଂ ବନ୍ୟା ପୀଡ଼ିତଙ୍କ ସହ ଏକାଠି ବସି ଭୋଜନ କରିଥିଲେ।

## ଶିକ୍ଷକ ନିଯୁକ୍ତି ଓ ବଦଳି ବନ୍ଦ ଦାବିରେ ବିକ୍ଷୋଭ

**ବାଲେଶ୍ୱର(ଉତ୍ତର), ୩୧।୭ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଲାଲ ବିନ୍ଧା ସ୍କୁଲ ବଞ୍ଚାଅ କମିଟିର ଶତାଧିକ ଅଭିଭାବକ ଓ ଜନସାଧାରଣ ଆଜି ଭୋଗରାଇ ବିଇଓ ଅଫିସକୁ ଘେରଉ କରିବା ସହିତ ଶିକ୍ଷକ ନିଯୁକ୍ତି ଦାବିରେ ପ୍ରତିବାଦ କରିଛନ୍ତି । ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ କମିଟି ପକ୍ଷରୁ ଏକ ବୃହତ୍ତର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ସ୍କୁଲ କମିଟିର ସମ୍ପାଦକ ସୁଦୀପ ବେହେରା ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ ଯେ ଉକ୍ତ ବିଦ୍ୟାଳୟରେ ପିଲା ସଂଖ୍ୟା ୧୬୮ ହୋଇଥିଲା ବେଳେ ସ୍କୁଲକୁ ଯେଉଁ ନୋଟିସ କରାଯାଇଛି ସେଥିରେ ୧୨୬ ଲେଖା ଯାଇଛି । ତେଣୁ ମିଥ୍ୟା ତଥ୍ୟ ବା ଭୁଲ ଛାତ୍ର ସଂଖ୍ୟା ଦେଇ ସ୍କୁଲରୁ ଶିକ୍ଷକଙ୍କୁ ବଦଳି କରା ଯାଇଛି । ବର୍ତ୍ତମାନ ସମସ୍ତ ସ୍କୁଲ ରେ ଶିକ୍ଷକ ମରୁଡି। ଜଣେ ଶିକ୍ଷକ ବଦଳରେ ଆଉ ଜଣେ ଶିକ୍ଷକ ଦେବା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କମିଟିର ସଦସ୍ୟ ତପନ ପଟ୍ଟନାୟକ ସମାବେଶରେ ଅଭିଯୋଗ କରିଥିଲେ । ସେହିପରି ସ୍କୁଲ ପରିଚାଳନା କମିଟିର ଉପ ସଭାପତି ସୁକାନ୍ତି ବାରିକ କହିଥିଲେ ଯେ ପର୍ଯ୍ୟନ୍ତ ଏଠାରୁ ବଦଳି ହୋଇଥିବା ଶିକ୍ଷକଙ୍କୁ ନ ଫେରାଯାଉଛି ସେ ପର୍ଯ୍ୟନ୍ତ ସ୍କୁଲ ତାଲା ପଡିବ ଓ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଥିଲେ।

## ପାଣି ନାଳରେ ପଡ଼ି ଚାଷୀ ମୃତ

**ଖଇରା,୩୧।୭ (ସମିସ):** ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧିନ ଶରତ ଗ୍ରାମର ରବିନ୍ଦ୍ର ପରିଡାଙ୍କ ପୁଅ ଅନ୍ତର୍ଯ୍ୟାମୀ (୪୦) ବିଲ କାମସାରି ଘରକୁ ଫେରୁଥିବା ବେଳେ ପାଣିନାଳରେ ଖସିପଡ଼ି ମୃତ୍ୟୁ ବରଣ କରିଛନ୍ତି। ଗୁରୁବାର ସକାଳେ ସେ ଚାଷଜମିକୁ କାମ କରିବାକୁ ଯାଇ ମଧ୍ୟାହ୍ନ ବେଳେ କାମ ସାରି ଘରକୁ ଫେରୁଥିଲେ। ଫେରିବା ରାସ୍ତାରେ ଏକା ପାଣିନାଳ ଅତିକ୍ରମ କରୁଥିବା ବେଳେ ମୁଣ୍ଡବୁଲାଇ ଦେବାରୁ ନାଳରେ ଭାସି ଯାଇଥିଲେ। ପାଖରେ କାମ କରୁଥିବା ଅନ୍ୟ ଚାଷୀମାନଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ନିଜର ଘର ନ ଥିବାରୁ ପର ଘରେ ଆଶ୍ରୟ ନେଇଥିବା ଅନ୍ତର୍ଯ୍ୟାମୀଙ୍କୁ କୌଣସୀ ସରକାରୀ ସହାୟତା ମିଳିନଥିବା ବେଳେ ତାଙ୍କର ଅନାଥ ସନ୍ତାନ ଭାବେ ଏକମାତ୍ର ଝିଅ ଓ ସ୍ତ୍ରୀଙ୍କୁ ସହୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ଗାଡ଼ିଆରୁ ଉଦ୍ଧାର

**ସୋର, ୩୧।୭ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଛତ୍ରପୁର ଗ୍ରାମର କୁମ ସାମଲ (୮୬)ଙ୍କ ମୃତଦେହ ଗୁରୁବାର ସୋର ବ୍ଲକ ନିକଟରେ ଥିବା ଏକ ପରିତ୍ୟକ୍ତ ଗାଡ଼ିଆରୁ ଉଦ୍ଧାର କରାଯାଇଛି। ଦୁଇ ଦିନ ଧରି ସେ ନିଖୋଜ ଥିବାରୁ ପରିବାର ସଦସ୍ୟ ଓ ସମ୍ପର୍କୀୟ ମାନେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ କୌଣସି ସନ୍ଧାନ ମିଳିନଥିଲା। ଆଜି ସକାଳେ ସ୍ଥାନୀୟ ଲୋକେ ଉକ୍ତ ପରିତ୍ୟକ୍ତ ଗାଡ଼ିଆରେ ଏକ ମୃତଦେହ ଭାସୁଥିବା ଦେଖି ସୋର ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ମୃତଦେହକୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ପରେ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଡାକ୍ତରଖାନାରେ ପୁଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତାଙ୍କ ମୃତ୍ୟୁରେ ଛତ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗାଡ଼ି ଜବତ, ୭ ଗୋରୁ ଉଦ୍ଧାର

**ନୀଳଗିରି, ୩୧।୭ (ସମିସ):** ଏକ ଟାଟା ଏସିଇ ଗାଡ଼ିରେ ବେଆଇନ୍ ଭାବେ ୭ଟି ଗୋରୁ ଚାଲାଣ ହେଉଥିବା ବେଳେ ବରହମପୁର ପୁଲିସ ଗାଡ଼ିକୁ ଜବତ କରିବା ସହ ଚାଳକକୁ ଗିରଫ କରିଛି। ଅନ୍ୟ ପାଞ୍ଚ ଜଣ ଫେରାର ଥିବାର ଜଣା ପଡ଼ିଛି। ଉକ୍ତ ଥାନା ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତର ମଧୁପୁରିଆ ଗ୍ରାମର ବନମାଳୀ ହେମ୍ବ୍ରମ୍ ଓ ଅନ୍ୟ ଲୋକଙ୍କ ଗୋରୁ ଚୋରି କରି ଏକ ଟାଟା ଏସି ଗାଡ଼ିରେ ବେଆଇନ୍ ଭାବେ ଚାଲାଣ ହେଉଥିବା ଖବର ପୋଲିସ ସୁରାକ୍ ପାଇଲା ପରେ କଲେଜ ଛକ ନିକଟରେ ପୁଲିସ ଗୋରୁ ଗାଡ଼ିକୁ ପିଛା କରି କରି ଆରବନ୍ଧ ନିକଟରେ ଗାଡ଼ିକୁ ଅଟକାଇବା ପରେ ପାଞ୍ଚ ଜଣ ଫେରାର ହୋଇ ଯାଇଥିଲେ। ଗାଡ଼ିଟିକୁ ଜବତ କରିବା ସହ ସାତଟି ଗୋରୁ ଉଦ୍ଧାର କରି ଆରବନ୍ଧ ଗ୍ରାମର ଡ୍ରାଇଭର ସଂଜିତ୍ ବିଶ୍ୱାଳ ଗିରଫ ହୋଇଥିବା ବେଳେ ଫେରାର ଅଭିଯୁକ୍ତ ମାନେ ହେଲେ ବାଉସପାଳ ଗ୍ରାମର ସଞ୍ଜୟ ସେଠୀ, ସରୋଜ ସେଠୀ, ବସନ୍ତ ସେଠୀ, ଦିଲ୍ଲୀପ ସେଠୀ, ଓ କଦମ୍ବଗଡି ଗ୍ରାମର ଦେବାଶିଷ ମାଝୀ ବୋଲି ପୁଲିସ ସୂଚନା ଦେଇଛନ୍ତି।

## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର/ରେମୁଣା, ୩୧।୭ (ସମିସ):** ରେମୁଣାସ୍ଥିତ ଶ୍ରୀ ଜଗନ୍ନାଥ ଏଜୁକେଶନାଲ, ଫାଉଣ୍ଡେସନ ଡିଗ୍ରୀ ମହାବିଦ୍ୟାଳୟ ବରୁଣସିଂରେ ଆଜି ଶକ୍ତିଶ୍ରୀ ବିଭାଗର ଛାତ୍ରୀ ଆତ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ୍ୟ ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ସମାଜସେବୀ ମାର୍କଣ୍ଡ ସେଠି ଯୋଗଦେଇ ଛାତ୍ରୀଙ୍କ ଉଦେଶ୍ୟରେ ଛାତ୍ରୀ ଆତ୍ମସୁରକ୍ଷା ଉପରେ ଗୁରୁତ୍ୱ ପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ବବିତା ସେଠୀ ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ଉଦେଶ୍ୟରେ ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ବେହେରା ଏବଂ ଶକ୍ତିଶ୍ରୀର ସଂଯୋଜିକା ତାପସୀ କୁଅଁର ଛାତ୍ରୀ ଆତ୍ମ ସୁରକ୍ଷା ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ଼. ଶଶିକାନ୍ତ ମହାନ୍ତି ଅତିଥି ପରିଚୟ ଓ କୈଳାସ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

**ସହକାରୀ ଶିକ୍ଷକଙ୍କ ବଦଳିକୁ ବିରୋଧ**

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

**ଚନ୍ଦନେଶ୍ୱର, ୩୧।୭ (ସମିସ)**


ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଚଣ୍ଡୀପୁର ମୁଣ୍ଡାବଣିଆ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଇଂରାଜୀ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ଅନ୍ୟତ୍ର ବଦଳିକୁ ବିରୋଧ କରି ଶୁକ୍ରବାର ବିଦ୍ୟାଳୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିବାରୁ ବିଦ୍ୟାଳୟର ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିପାରିନଥିଲେ ସେମାନଙ୍କୁ ଫାଟକ ବାହାରେ ଅପେକ୍ଷା କରିବାକୁ ପଡିଥିଲା।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଏଠାରେ ସାତଜଣ ଶିକ୍ଷକ ରହିବା କଥା ଥିବାବେଳେ ବର୍ତ୍ତମାନ ମାତ୍ର ଛଅଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ଚାରିବର୍ଷ ଧରି ସ୍ଥାୟୀ ପ୍ରଧାନ ଶିକ୍ଷକ ନଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବଳ ଚନ୍ଦ୍ର ସାହୁ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ସମ୍ଭାଳୁଛନ୍ତି। ଏଭଳି ସ୍ଥିତିରେ ଇଂରାଜୀ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ବଦଳି ହେବା ଫଳରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଥିଲେ। ତେଣୁ ଏହି ବଦଳି ଆଦେଶ ବାତିଲ କରିବା ପାଇଁ ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବାଲେଶ୍ୱର ସାଂସଦ, ଭୋଗରାଇ ବିଧାୟକ ଏବଂ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବିପତ୍ର ଦିଆଯାଇଥିଲା। ତେବେ କୌଣସି ସକାରାତ୍ମକ ପଦକ୍ଷେପ ନ ହେବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆନ୍ଦୋଳନର ପଥ ବାଛିଥିଲେ। ଖବର ପାଇ କଖଡ଼ା ସିଆରସିସି ପ୍ରତାପ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ନିଜ ଦାବିରେ ଅଟଳ ରହି ଧାରଣା ଜାରି ରଖିଥିଲେ। ପରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ୍ୱର ଜେନା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଆନ୍ଦୋଳନକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ପରେ ଶିକ୍ଷକ ସୁଶାନ୍ତ କୁମାର ଦାସ ସପ୍ତାହରେ ତିନିଦିନ ଚଣ୍ଡୀପୁର ମୁଣ୍ଡାବଣିଆ ବିଦ୍ୟାଳୟରେ ଏବଂ ଅବଶିଷ୍ଟ ତିନିଦିନ ବଦଳି ହୋଇଥିବା ବିଦ୍ୟାଳୟରେ ପାଠ ପଢ଼ାଇବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ଆଶ୍ୱାସନ ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣା ପ୍ରତ୍ୟାହାର କରିଥିଲେ ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଆଜିର ଆନ୍ଦୋଳନରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ ସାମଲ, ଉପସଭାପତି ଚାମେଲୀ ବିବି, ଦୀପକ ବାରିକ, ପଙ୍କଜ ସେନାପତି, ସୂର୍ଯ୍ୟକାନ୍ତ ସେନାପତି, ଅନନ୍ତ କୁମାର ସେନାପତି, ଆରତୀ ସେନାପତି, ଜୟନ୍ତୀ ସେନାପତି, ଜୟଦେବ ସେଠୀ, ଭାରତୀ ସେଠୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।



ସକାଳ
THE SAKALA

ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।
-ଭିକ୍ଟର ହ୍ୟୁଗୋ

# ରଙ୍ଗ-ରାଜନୀତି

ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଭାରତୀୟ ହକି ଦଳର ଜର୍ସି (ଆନ୍ତର୍ଜାତିକ ପ୍ରତିଯୋଗିତାରେ ଖେଳାଳିମାନେ ପିନ୍ଧୁଥିବା କ୍ରୀଡ଼ା ପୋଷାକ)ର ରଙ୍ଗ ନୀଳରୁ ଗେରୁଆକୁ ପରିବର୍ତ୍ତନ କରାଯିବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି। ଜର୍ସିର ରଙ୍ଗ ପରିବର୍ତ୍ତନ ନୂଆ କଥା ନୁହେଁ କି ଭାରତୀୟ ହକି ଦଳର ଜର୍ସି ପ୍ରଥମରୁ ଅପରିବର୍ତ୍ତିତ ରହିନାହିଁ। କିନ୍ତୁ ଦୀର୍ଘଦିନ ଧରି ନୀଳ ରଙ୍ଗ ଭାରତୀୟତା ଭାବନା ଓ ଐକ୍ୟର ପ୍ରତୀକ ଭାବେ ପ୍ରଦର୍ଶିତ ହୋଇଆସୁଛି। ତେଣୁ ହଠାତ୍ ଏହାର ରଙ୍ଗ ପରିବର୍ତ୍ତନର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଗେରୁଆ ରଙ୍ଗକୁ ପରିବର୍ତ୍ତନ ହେବା ପରେ ଏହାକୁ ନେଇ ରାଜନୀତି ତେଜିଛି। ସବୁଠାରୁ ଆଚମ୍ବିତ କଥା ହେଲା ଜର୍ସିର ରଙ୍ଗ ପରିବର୍ତ୍ତନ ବିଷୟରେ ନିର୍ବାହୀ ପରିଷଦରେ ଆଲୋଚନା ହୋଇନାହିଁ କି ଏ ବିଷୟରେ ହକି ଇଣ୍ଡିଆ (ଭାରତୀୟ ହକି ଦଳ)ର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲ୍ଲୀପ ତିର୍କୀ ମଧ୍ୟ ଅବଗତ ନୁହନ୍ତି। ଅର୍ଥାତ୍ ସମ୍ପୂର୍ଣ୍ଣ ଅନୈତିକ ଭାବରେ କାହା ଚାପରେ ଏହି ମନମୁଖି କାର୍ଯ୍ୟଟି ହୋଇଥିବା ଆପାତତଃ ବୁଝାପଡୁଛି। କାହା ନିର୍ଦ୍ଦେଶରେ ଏବଂ କାହା ଅନୁମତିରେ ଜର୍ସିର ରଙ୍ଗ ପରିବର୍ତ୍ତନ ହେଲା ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେବାକୁ ଦିଲ୍ଲୀପ ତିର୍କୀ ନିର୍ବାହୀ ପରିଷଦର ବରିଷ୍ଠ ଅଧିକାରୀଙ୍କଠାରୁ ଜବାବ ତଲବ କରିଛନ୍ତି।

୨୦୨୪ରେ କ୍ଷମତାକୁ ଆସିବା ପରେ ରାଜ୍ୟର ବିଜେପି ସରକାର ସରକାରୀ ରାଜକୋଷର ଅପଚୟରେ କୋଠାବାଡ଼ି, ଯାନବାହନ ଆଦିକୁ ଦଳୀୟ ଗୈରିକ ରଙ୍ଗରେ ପରିବର୍ତ୍ତନ କରିବାର ଧାରା ଜାରି ରଖିଛନ୍ତି। ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ଥିବାରୁ ଏହିକ୍ରମରେ ଏବେ ଖେଳାଳିମାନଙ୍କର ଜର୍ସିର ରଙ୍ଗ ପରିବର୍ତ୍ତନ ସହିତ ରାଜନୀତି ଯୋଡ଼ି ହେବା ସ୍ୱାଭାବିକ। ଶାସନାଧୀନ ରାଜ୍ୟ ବିଜେପି ସରକାର ଭାବିବା ଦରକାର ଯେ ଭାରତୀୟ ହକି ଦଳର ପ୍ରାୟୋଜକ ଓଡ଼ିଶା ସରକାର, ବିଜେଡି ନୁହେଁ କି ଜର୍ସିର ରଙ୍ଗ ସବୁଜ ନ ଥିଲା। ତେଣୁ ଜର୍ସିରେ ଓଡ଼ିଶା ସରକାରଙ୍କ ପ୍ରତୀକ ରହିବା ଦରକାର, ଯାହା ରହିଛି। ତେଣୁ ହଠାତ୍ ଜର୍ସିର ରଙ୍ଗ ଗେରୁଆ ହୋଇଯିବା ପରେ ସହଜରେ ଗ୍ରହଣୀୟ ଓ ନିର୍ବିବାଦୀୟ ହୋଇପାରୁନାହିଁ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ହକିକୁ ପୁନଃଜୀବନ ଦେଇଥିବା ନବୀନ ପଟ୍ଟନାୟକ ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି। ଏଭଳି ଉଦ୍ୟମକୁ ନିମ୍ନମାନର ରାଜନୀତି ଭାବେ ଅଭିହିତ କରି ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ହକି ଟିମ୍‌ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ଯୋଡ଼ିହୋଇ ରହିଥିବା ଏକ ଆବେଗ। ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି। ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ। ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି। ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି। ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ। ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା। ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ। ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା। କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ। ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି। ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା।

ଜର୍ସିର ଗୈରିକୀକରଣକୁ ଜାତୀୟ ସ୍ତରରେ ମଧ୍ୟ ନାପସନ୍ଦ କରାଯାଇଛି। ପୂର୍ବତନ କ୍ରୀଡ଼ାବିତ୍‌ମାନେ ଏହି ଉଦ୍ୟମକୁ ତୀବ୍ର ସମାଲୋଚନା କରିଛନ୍ତି। ସଂସଦରେ ମଧ୍ୟ ପ୍ରତିବାଦର ସ୍ୱର ଶୁଭିଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସରକାରଙ୍କ ଜର୍ସି ରଙ୍ଗ ପରିବର୍ତ୍ତନ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିବା ସହିତ ଦେଶର ଅଖଣ୍ଡତା ଓ ଏକତା ପ୍ରତି ଆହ୍ୱାନ ବୋଲି କହିଛନ୍ତି। ବିଶେଷକରି ଆମର ଜାତୀୟ କ୍ରୀଡ଼ାରେ ଜର୍ସିର ଗୈରିକୀକରଣ କରାଯିବା ପରେ ଦଳର ସଦସ୍ୟଙ୍କ ଭିତରେ ଭେଦଭାବ ସୃଷ୍ଟି କରିବ ଏବଂ ଖେଳର ମୌଳିକ ଲକ୍ଷ୍ୟ ସୁଦୂର ପରାହତ ହେବ। ରଙ୍ଗ ଆଧାରରେ ଦେଶକୁ ଭାଗ ଭାଗ କରିବାର ହୀନ ଉଦ୍ୟମ ଆରମ୍ଭ ହୋଇଛି। କିନ୍ତୁ ଭାରତର ଆତ୍ମା ଏକ ଓ ଅଭିନ୍ନ। ଏହାକୁ କୌଣସି ରଙ୍ଗରେ ରଙ୍ଗାୟିତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

କ୍ଷମତାର ମୋହ ଶାସକକୁ ଅନ୍ଧ କରିଦେଲେ ଏଭଳି ଉଦ୍‌ଭ୍ରାନ୍ତ ଚିନ୍ତାଧାରା ସବୁ ମୁଣ୍ଡରେ ପଶେ। ରାଜ୍ୟରେ ଓ ଦେଶରେ ବହୁ ମୌଳିକ ସମସ୍ୟା ରହିଛି। ତାହାର ସମାଧାନର ବାଟ ନ ଖୋଜି କେବଳ ଦଳୀୟ ଏଜେଣ୍ଡାକୁ ପ୍ରାଥମିକତା ଦେବା ଗଣତନ୍ତ୍ରରେ ସ୍ପୃହଣୀୟ ନୁହେଁ। ରାଜ୍ୟ କୋଠାବାଡ଼ିର ରଙ୍ଗ ବଦଳାଇବା ପାଇଁ ରାଜ୍ୟବାସୀ ବିଜେପିକୁ ଭୋଟ ଦେଇ ନଥିଲେ। ତେଣୁ ଶାସନାଧୀନ ଦଳ ବାସ୍ତବବାଦୀ ହେବା ଆବଶ୍ୟକ। ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଶାସନ ଓଡ଼ିଶାର ବିକାଶର ରେଖା ଯେଉଁଠି ଛାଡ଼ିଥିଲା ସେଥିରୁ ଇଞ୍ଚେ ହେଲେ ବି ଅଗ୍ରଗତି କରି ନାହିଁ ବରଂ ନିମ୍ନମୁଖୀ ହୋଇଛି। ହିତାଧିକାରୀମାନେ ରାସନ୍ ଓ ଭତ୍ତା ପାଇବାରୁ ଦୀର୍ଘଦିନ ଧରି ବଞ୍ଚିତ ଅଛନ୍ତି। ଶାସନକଳର ଏହି ଅପାରଗତାକୁ ଲୁଚାଇବାକୁ ଯୋଜନାର ନାମ ଏବଂ କୋଠାବାଡ଼ିର ରଙ୍ଗ ପରିବର୍ତ୍ତନର ଅପପ୍ରୟାସ ଆରମ୍ଭ ହୋଇଥିବା ଲୋକମୁଖରେ ଚର୍ଚ୍ଚା ହେଉଛି।

ସରକାର ଜାଣି ରଖିବା ଦରକାର ଯେ ରଙ୍ଗ ରାଜନୀତିରେ ଲୋକଙ୍କୁ ଅଧିକ ଦିନ ବିଭ୍ରାନ୍ତ କରି ରଖିହେବ ନାହିଁ। ସମୟ ସ୍ରୋତରେ ରଙ୍ଗ ରାଜନୀତି ଅଚିରେ ଧୋଇ ହୋଇଯିବ। କେବଳ ବିକାଶର ରଙ୍ଗ ହିଁ ଦୀର୍ଘସ୍ଥାୟୀ। ଲୋକେ ବିକାଶର ଚିତ୍ର ଓ ପ୍ରଗତିର ରଙ୍ଗ ଦେଖିବାକୁ ଚାହାନ୍ତି। କ୍ଷମତାବିଭୋର ସରକାର ଲୋକମାନସିକତାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ ଏବଂ ଲୋକଙ୍କୁ ଉନ୍ନତିର ରଙ୍ଗରେ ରଙ୍ଗାୟିତ କରିବାକୁ ଯୋଜନା କରନ୍ତୁ। ●

# ସମାବେଶୀ ବିକାଶରେ ସମ୍ଭାବନାର ସୂର୍ଯ୍ୟୋଦୟ

## ମୋ ସ୍ୱପ୍ନର ଓଡ଼ିଶା

ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ବ୍ୟାସକବି ଫକିରମୋହନ ସେନାପତି ପ୍ରମୁଖ ମହାମନୀଷୀ ଉତ୍କଳ ସମ୍ମିଳନୀ ଗଠନ କରି ପରାଧୀନ ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ ରହିଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନ କରିବାର ମଙ୍ଗ ଧରି ସଫଳ ହୋଇଥିଲେ। ସେହି ପ୍ରଥିତଯଶା ମହାପୁରୁଷମାନଙ୍କ ତ୍ୟାଗ, ବଳିଦାନ, ପ୍ରେରଣା, ଅଦମ୍ୟ ଦୁଃସାହସିକତାର ଫଳପ୍ରସୂ ଉଦ୍ୟମ ଯୋଗୁଁ ୧୯୩୬ ମସିହା ଏପ୍ରିଲ ମାସ ପହିଲା ଦିନ ଗଠିତ ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ଅବଶ୍ୟ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅନ୍ୟାନ୍ୟ ପ୍ରଦେଶରେ ରହିଗଲା।

ସମୟର ଚୋରାବାଲିରେ ଅନେକ ଘଟଣା, ଦୁର୍ଘଟଣା, ସୁଯୋଗ, ଦୁର୍ଯୋଗ, ବିକାଶ, ବିନାଶ, ପ୍ରଗତି, ଦୁର୍ଗତି, ସୁନାମ, ଦୁର୍ନାମ ଏବଂ ସଫଳତା, ବିଫଳତାର ଇତିହାସକୁ ଦେଖିଦେଖି ଓଡ଼ିଶା ଆଜି ୯୦ଟି ବସନ୍ତକୁ ପାର କରି ୨୦୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଏହାକୁ ଆଖି ଆଗରେ ରଖି ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଯେପରି ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ ହୋଇ ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହେବ ସେଥିପାଇଁ ରାଜ୍ୟ ସରକାର ଭିଜନ ପ୍ରସ୍ତୁତ କରିଛନ୍ତି। ଭିଜନ ପ୍ରସ୍ତୁତ କରିବା ବଡ଼କଥା ନୁହେଁ; ମାତ୍ର ଏହାକୁ ସଫଳ ଭାବରେ କାର୍ଯ୍ୟାନ୍ୱୟନ କରିବା ହେଉଛି ଖୁବ୍ ଆହ୍ୱାନପୂର୍ଣ୍ଣ।

ସରକାର ଏବେ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା କରିବାରେ ବିଶେଷ ମନୋନିବେଶ କରୁଛନ୍ତି ଏବଂ ଲକ୍ଷଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେଉଥିବା କଥା ବିଭିନ୍ନ ସମୟରେ ପ୍ରଚାର କରୁଛନ୍ତି। ଖାଲି କଳକାରଖାନା ପ୍ରତିଷ୍ଠା ହୋଇଗଲେ କିମ୍ବା ରାସ୍ତାଘାଟର ବିକାଶ କରିଦେଲେ କ'ଣ ରାଜ୍ୟ ଓ ରାଜ୍ୟବାସୀଙ୍କର ବିକାଶ ହୋଇଯିବ? ଏହାଦ୍ୱାରା ବିକାଶ ଆଖିକୁ ଦେଖାଯାଇପାରେ, ମାତ୍ର ପ୍ରକୃତ ବିକାଶ କେବଳ ଗୋଟିଏ ଶ୍ରେଣୀ (ଧନୀ)ର ଏବଂ ଗୋଟିଏ କ୍ଷେତ୍ର (ଶିଳ୍ପ)ରେ ସୀମିତ ରହିଯିବ। ବିକଶିତ ରାଜ୍ୟ କହିଲେ ବିକାଶ ସବୁବର୍ଗର ଏବଂ ସବୁକ୍ଷେତ୍ରର ହେବା ଦରକାର। ସେହିଭଳି କେବଳ ଜି.ଏସ.ଡି.ପି ବୃଦ୍ଧି କରିଦେଲେ ଯେ ରାଜ୍ୟ ଉନ୍ନତି ହୋଇଗଲା ତାହା ଭାବିବା ଭୁଲ।

ଅମାପ ପ୍ରକୃତିରାଜି, ପ୍ରଚୁର ଖଣିଜ, ବୈଭବ, ଐଶ୍ୱର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟଭରା ପବିତ୍ର ଭୂମି ହେଉଛି ଓଡ଼ିଶା। ଦେଶବିଦେଶର ଶିଳ୍ପପତିଙ୍କଠୁ ଆରମ୍ଭ କରି ପୁଞ୍ଜିନିବେଶକାରୀମାନଙ୍କର ଦୃଷ୍ଟି ଆମ ରାଜ୍ୟର ଖଣିଜ ସମ୍ପଦ ଉପରେ ନିବଦ୍ଧ। ଆମ ରାଜ୍ୟ ଧନୀ, କିନ୍ତୁ ରାଜ୍ୟର ଲୋକମାନେ ଗରୀବ। ଆମ ରାଜ୍ୟରେ ମୁଣ୍ଡପିଛା ଆୟ ହେଉଛି ୧ଲକ୍ଷ ୮୬ହଜାର ଟଙ୍କା ମାତ୍ର। ମାସ ଶେଷରେ ୩ କୋଟି ୨୫ ଲକ୍ଷ ଲୋକ ମାଗଣା ରାସନକୁ ଅପେକ୍ଷା କରନ୍ତି। ସାଢ଼େ ୩ କୋଟି ଲୋକ ଆୟୁଷ୍ମାନ ଯୋଜନାରେ ମାଗଣା ଚିକିତ୍ସା ପାଇଁ ଆକାଂକ୍ଷାରତ। ୫୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ଭତ୍ତାକୁ ଭରସା କରିଛନ୍ତି। ଏବେବି ରାଜ୍ୟର ୧୫ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟର କଷାଘାତରେ ପେଶି ହେଉଛନ୍ତି। ସରଳ, ନିରୀହ ଓଡ଼ିଆ ଯୁବକ ଆଜି ଦାଦନର ଦାନବ ଆଗରେ ଅସହାୟ। ଦୁର୍ଯୋଗର ଚକ୍ରବ୍ୟୂହକୁ ଭେଦକରି ସୁଯୋଗର ଲକ୍ଷ୍ୟସ୍ଥଳରେ ପହଂଚିବାକୁ ସେ ଅସମର୍ଥ। ପ୍ରକୃତପକ୍ଷେ ଯେଉଁଦିନ ଏହିସବୁ ଉପେକ୍ଷିତ, ଅବହେଳିତ ଲୋକମାନଙ୍କର ସାମଗ୍ରିକ ବିକାଶ ହୋଇପାରିବ ଏବଂ ସେମାନେ ଜୀବନଯାପନ ପାଇଁ ଆଉ ସରକାରୀ ଯୋଜନା ଉପରେ ନିର୍ଭରଶୀଳ ହେବେ ନାହିଁ ସେଦିନ ଯାଇ ଓଡ଼ିଶା ବିକଶିତ ହେଲା ବୋଲି ଆମକୁ ବୁଝିବାକୁ ପଡ଼ିବ। ପ୍ରତିବର୍ଷ ଜି.ଏସ.ଡି.ପି ହାର ୧୦ରୁ ୧୨ ପ୍ରତିଶତ ବୃଦ୍ଧି ପାଇବା ସହିତ ମୁଣ୍ଡପିଛା ଆୟ ୯ ଲକ୍ଷ ଟଙ୍କାରେ ପହଞ୍ଚି ପାରିଲେ ଯାଇ ସମ୍ଭାବନାର ସୂର୍ଯ୍ୟୋଦୟ ହେବ।

ବିଗତ ସରକାରରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ହେତୁ ଆଜି ରାଜ୍ୟର ଅର୍ଥନୀତି ସୁଦୃଢ଼ ଓ ସମୃଦ୍ଧ ହୋଇପାରିଛି। ଉତ୍କଟ ନିଅଣ୍ଟିଆ ଅବସ୍ଥା ଏବଂ ଓଭର ଡ୍ରାଫ୍ଟ କବଳରୁ ରାଜ୍ୟ ମୁକ୍ତ ହୋଇ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଖୋଲାବଜାରରୁ ଋଣ ଆଣୁ ନଥିବାରୁ ଋଣ-ଜିଏସ୍‌ଡିପି ଅନୁପାତ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଯାହାଫଳରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୃହତ ବଜେଟ ପ୍ରସ୍ତୁତ କରିପାରିଛନ୍ତି। ମାତ୍ର ଏହାଦ୍ୱାରା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ଏବଂ ୫୦୦ ବିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ଏଥିପାଇଁ ଦୁଇଗୁଣରୁ ଅଧିକ ବଡ଼ ବଜେଟ ରାଜ୍ୟବାସୀଙ୍କୁ ଦେବାକୁ ପଡ଼ିବ, ପର୍ଯ୍ୟାପ୍ତ ସମ୍ବଳ ବୃଦ୍ଧି କରିବାକୁ ପଡ଼ିବ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ସ୍ୱତନ୍ତ୍ର ଅନୁଦାନ ଆଣିବାକୁ ପଡ଼ିବ। ଲକ୍ଷ୍ୟ ହେବ ସମାବେଶୀ ବିକାଶ।

ଏ ପରିପ୍ରେକ୍ଷୀରେ ମୁଁ ବିକଶିତ ଓଡ଼ିଶା-୨୦୩୬ ପାଇଁ ନିମ୍ନରେ ମୋର କିଛି ମତାମତ ଓ ପ୍ରସ୍ତାବ ଉତ୍‌ଥାପନ କରୁଛି।

୧) ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କୃଷି ଓ କୃଷକର ବିକାଶ ହେଲେ ସମଗ୍ର ଓଡ଼ିଶାର ବିକାଶ ମାନଚିତ୍ର ବଦଳିଯାଇ ପାରିବ। ମାତ୍ର ଓଡ଼ିଶାର ଚାଷୀ ସବୁବେଳେ ଅବହେଳିତ। ଅନିଶ୍ଚିତତାର ଭସାବାଦଲ ହିଁ ତା'ର ଭାଗ୍ୟରେ ଲେଖା। ଆମ ଦେଶର ୪୮.୩ ପ୍ରତିଶତ ଚାଷଜମି, ବିଶେଷକରି ପଞ୍ଜାବ ଭଳି ରାଜ୍ୟର ୯୮.୧ ପ୍ରତିଶତ ଜମି, ଜଳସେଚିତ ହୋଇଥିବା ବେଳେ ଓଡ଼ିଶାରେ ମାତ୍ର ୩୫ ପ୍ରତିଶତ ଜମି ଜଳସେଚିତ ହୋଇପାରିଛି। କୃଷିର ବିକାଶ କରିବାକୁ ହେଲେ ପ୍ରଥମେ ଜମିକୁ ଜଳସେଚିତ କରିବାକୁ ପଡ଼ିବ। ସେଥିପାଇଁ ମହାନଦୀ, ବ୍ରହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ଇତ୍ୟାଦି ନଦୀରେ ବହୁମୁଖୀ ନଦୀବନ୍ଧ କିମ୍ବା ଜଳପ୍ରକଳ୍ପ ନିର୍ମାଣ କରି ପ୍ରତ୍ୟେକ ଚାଷୀକୁ ଜଳସେଚନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ବିଦ୍ୟୁତ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇପାରିବ। ଚାଷୀକୁ ମାଗଣା କିମ୍ବା ଅତିସ୍ୱଳ୍ପ ଦରରେ ବିଜୁଳି, ଶୀତଳ ଭଣ୍ଡାର, ଅଭାବୀ ବିକ୍ରିରୁ ମୁକ୍ତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଉଚିତ।

୨) ରାଜ୍ୟର ଚାଷୀ ଚାଷ କରିବାକୁ ଚାହିଁଲେ ମଧ୍ୟ ବିଭିନ୍ନ ଯାଗାରେ ଛୋଟ ଛୋଟ ଆକାରରେ ଜମିର ଅବସ୍ଥିତି ଥିବାରୁ କୌଣସି ଗୋଟିଏ ଲାଭଜନକ ଚାଷ କରିପାରୁ ନାହିଁ। ତେଣୁ ଚକବନ୍ଦୀ କାର୍ଯ୍ୟକ୍ରମ ମାଧ୍ୟରେ ଚାଷଜମିକୁ ଗୋଟିଏ ଗୋଟିଏ ଚକରେ ପରିଣତ କରିପାରିଲେ ଗୋଟିଏ ଜାଗାରେ ଚାଷୀ ତା'ର ମନପସନ୍ଦର ଫସଲ ସହିତ କୁକୁଡ଼ା ଚାଷ, ମାଛ ଚାଷ, ଗୋପାଳନ, ଉଦ୍ୟାନକୃଷି ଇତ୍ୟାଦି କରି ଲାଭବାନ ହୋଇପାରନ୍ତା। ଚାଷୀର ଅର୍ଥନୈତିକ ଉନ୍ନତି ପାଇଁ ଚକବନ୍ଦୀ କାର୍ଯ୍ୟକ୍ରମ (କନ୍‌ସୋଲିଡେସନ୍ ଅଫ୍ ଲ୍ୟାଣ୍ଡ ହୋଲ୍‌ଡିଂ) ଉପରେ ସରକାରଙ୍କର ସର୍ବାଧିକ ଗୁରୁତ୍ୱ ରହିବା ଆବଶ୍ୟକ।

୩) ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ବିକାଶର ଆବଶ୍ୟକତା ରହିଛି। ଅବଶ୍ୟ ଓଡ଼ିଶା ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷଣ କରିବା ଦିଗରେ ପାଞ୍ଚଟି ଉନ୍ନତ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ମାତ୍ର ଖଣିଜ ସମ୍ପଦ ସମ୍ପର୍କୀୟ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକସଂଖ୍ୟକ ପୁଞ୍ଜିପତି ଓଡ଼ିଶା ଆସୁଛନ୍ତି। ଯେହେତୁ ଓଡ଼ିଶାରେ ଲୁହାପଥର, ବକ୍ସାଇଟ, କ୍ରୋମାଇଟ, କୋଇଲା ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି, ତେଣୁ ପୁଞ୍ଜିପତି ଆକୃଷ୍ଟ ହେବା ସ୍ୱାଭାବିକ। କିନ୍ତୁ ଅସଲ କଥା ହେଉଛି କାରଖାନା ଏବଂ ଖଣି ସଂସ୍ଥା ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କର ବିକାଶ ହେଉଛି କି? ଉତ୍ତର ହେଉଛି 'ନା'। କାରଣ ଶିଳ୍ପପତିମାନେ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦିଅନ୍ତି, ସ୍ଥାନୀୟ ଯୁବକମାନଙ୍କୁ ଲୋଭ ଦେଖାନ୍ତି।

ଅନେକ ପରିବାର ବିସ୍ଥାପିତ ହୁଅନ୍ତି, ଭିଟାମାଟି ଛାଡ଼ନ୍ତି। ମାତ୍ର କାରଖାନାର ପାଚେରି ଠିଆ ହେବା ପରେ ସ୍ଥାନୀୟ ବେକାର ଯୁବକ ହକ୍ ପାଏନା। ଶିଳ୍ପ ସଂସ୍ଥାମାନେ ବାହାର ରାଜ୍ୟର ଯୁବକଯୁବତୀଙ୍କୁ ଆଣି ନିଯୁକ୍ତି ଦିଅନ୍ତି ଏବଂ ଅଣଓଡ଼ିଆମାନେ ଠିକାଦାରି କରନ୍ତି। ସ୍ଥାନୀୟ ଯୁବକ ବାହାରକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହୁଏ। କିଛି ଶ୍ରମିକଶ୍ରେଣୀର କାର୍ଯ୍ୟ ଏବଂ ଛୋଟମୋଟ ଠିକାଦାରୀ କିଛି ସ୍ଥାନୀୟ ମୁଷ୍ଟିମେୟ ପ୍ରଭାବଶାଳୀ ଯୁବକମାନଙ୍କୁ ଦିଆଯାଏ, ଯେଉଁମାନେ ସ୍ଥାନୀୟ ଅଞ୍ଚଳରେ ସେମାନଙ୍କୁ ସୁରକ୍ଷା ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରି ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଏବଂ ଠିକାଦାରୀ ଦେବା ବାଧ୍ୟତାମୂଳକ କରିବା ଆବଶ୍ୟକ। ଏଥିସହିତ ଉତ୍ପାଦିତ ଦ୍ରବ୍ୟ (ଫିନିସ୍‌ଡ ପ୍ରଡକ୍ଟ) ବାହାର ରାଜ୍ୟକୁ ପରିବହନ କରିବା ବଦଳରେ କଳକାରଖାନା ନିକଟରେ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିପାରିଲେ ଆହୁରି ନିଯୁକ୍ତି ଓ ବ୍ୟବସାୟର ସୁଯୋଗ ସୃଷ୍ଟି ହୋଇପାରନ୍ତା। ଯେପରିକି ଏସିଆର ସର୍ବବୃହତ ଷ୍ଟେନଲେସ ଷ୍ଟିଲ କାରଖାନା ଓଡ଼ିଶାର କଳିଙ୍ଗନଗରରେ ଅଛି। ମାତ୍ର ଷ୍ଟେନଲେସ ଷ୍ଟିଲର ଉପକରଣ କାରଖାନାଗୁଡ଼ିକ ବାହାର ରାଜ୍ୟରେ ପ୍ରତିଷ୍ଠା ଲାଭ କରିଛି। ସେହିପରି ଆଲୁମିନିୟମ ଏବଂ ଆଲୁମିନା କାରଖାନା ଓଡ଼ିଶାରେ; କିନ୍ତୁ ଆଲୁମିନିୟମ ଉତ୍ପାଦ ଏବଂ ବାସନକୁସନ ବାହାର ରାଜ୍ୟରେ ତିଆରି ହେଉଛି। ଏଗୁଡ଼ିକ ବାହାର ରାଜ୍ୟରେ ନରହି ଓଡ଼ିଶାରେ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକ ଉପକୃତ ହେବା ସହିତ ରାଜ୍ୟ ମଧ୍ୟ ଅଧିକ ରାଜସ୍ୱ ହାସଲ କରିପାରନ୍ତା।

୪) ପ୍ରତି ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତିର ସୁଯୋଗ ଦେବା ଦରକାର ଯେପରି ପ୍ରତିଟି ପରିବାର ରୋଜଗାରକ୍ଷମ ହୋଇ ନିଜଗୋଡ଼ରେ ଛିଡ଼ା ହୋଇପାରିବେ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଆତ୍ମନିଯୁକ୍ତି ଦେବାର ବାଟ ବାହାର କରିବା ସରକାରଙ୍କ ଦାୟିତ୍ୱ ହେବା ଉଚିତ। (କ୍ରମଶଃ...) ●

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ସଂରକ୍ଷଣରେ କ୍ରିମିଲେୟର

କମଳାକାନ୍ତ ପ୍ରହରାଜ

ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ଉତ୍ତରପିଢ଼ି ପାଇଁ ସଂରକ୍ଷଣ ସୁବିଧା ଆବଶ୍ୟକ କି? ବୋଧହୁଏ ନା। କାରଣ ସେମାନେ ବର୍ତ୍ତମାନ ସେତିକି ପରିମାଣ ସକ୍ଷମ ଯେ ତାଙ୍କ ପାଇଁ ଆଉ ସଂରକ୍ଷଣର ଆବଶ୍ୟକତା ନାହିଁ। ସେଥିପାଇଁ ତ ପଛୁଆ ଜାତି ପାଇଁ 'ଇଡବ୍ଲୁଏସ୍' (ଇକନୋମିକ୍ ୱିକର ସେକ୍‌ସନ୍), ଇବିସି (ଇକନୋମିକ୍ ବ୍ୟାକ୍‌ୱାର୍ଡ କ୍ଲାସେସ୍) ଉଲ୍ଲେଖ କରାଯାଇ ଯାହାର ବାର୍ଷିକ ଆୟ ୮ ଲକ୍ଷରୁ ଅଧିକ ସେମାନଙ୍କୁ ସଂରକ୍ଷଣରୁ ମୁକ୍ତ କରିବା ପାଇଁ ମତ ପ୍ରକାଶ ପାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଦୁଃଖର ବିଷୟ ଏହା ପାଇଁ କୌଣସି ବିଧିବଦ୍ଧ ନିୟମ କାନୁନ୍ ନାହିଁ। ସେଥିପାଇଁ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ଉଚ୍ଚ ନ୍ୟାୟାଳୟଗୁଡ଼ିକ ବିଭିନ୍ନ ସମୟରେ ବାଧ୍ୟ ହୋଇ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବାରମ୍ବାର କହୁଛନ୍ତି ଯେ 'କ୍ରିମିଲେୟର'କୁ ସଂରକ୍ଷଣରୁ ଅଲଗା କରାଯାଉ।।

ସବୁ ଜାତି/ ବର୍ଗ/ ସମ୍ପ୍ରଦାୟରେ କିଛି କିଛି 'କ୍ରିମିଲେୟର' ରହିଛି, ଯେଉଁମାନେ ଶିକ୍ଷା, ସାମାଜିକ ଓ ରାଜନୈତିକ ପ୍ରତିଷ୍ଠା, ଅର୍ଥ ଆଦିରେ ଉନ୍ନତ। ସେମାନଙ୍କ ପାଇଁ ଅନ୍ୟ କୌଣସି ଅନୁଗ୍ରହର ପ୍ରୟୋଜନ ନାହିଁ। ମୋ ବ୍ୟକ୍ତିଗତ ଅନୁଭବ ଅନୁଯାୟୀ - ଓଡ଼ିଶାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୫୦୦ ରୁ ଅଧିକ ଉଚ୍ଚ ବିଦ୍ୟାଳୟ, ୬୩ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶତାଧିକ ଛାତ୍ରାବାସରୁ ପ୍ରତିବର୍ଷ ୫୦ ରୁ ୬୦ ହଜାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ମାତ୍ର ୧୦% ବା କମ୍ ପିଲା ଜୀବନ-ଜୀବିକା ଯୁଦ୍ଧରେ ବିଜୟୀ ହୁଅନ୍ତି। ଅର୍ଥାତ୍ ଛୋଟ ବଡ଼ ଚାକିରି କରି କୌଣସିପ୍ରକାରେ ତିଷ୍ଠି ରହନ୍ତି। ଅପରପକ୍ଷରେ 'କ୍ରିମିଲେୟର'ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନେ ୫ରୁ ୬ ହଜାର ମଧ୍ୟରେ ସୀମିତ ଥିବେ, ଯେଉଁମାନେ କି ରାଜ୍ୟ ବା ଦେଶର ନାମୀ ଦାମୀ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇଥା'ନ୍ତି। ଦେଖାଯାଏ ଯେ ସେମାନଙ୍କର ବାପ ମା'ଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ବଢ଼ିଥିବାରୁ ଚାକିରି ପାଇବା କ୍ଷେତ୍ରରେ ୮୦ ରୁ ୯୦ ଶତକଡ଼ା ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥା'ନ୍ତି।

ଉଦାହରଣ ସ୍ୱରୂପ, ମନେ କରନ୍ତୁ ଏ ବର୍ଷ ସବୁ ବିଭାଗ ମିଶି ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ୫୦୦ ଟି ଚାକିରି ବାହାରିଛି। ସେହି ବର୍ଗର ସାଧାରଣ ଗରିବ ଘରର ୧୦ ହଜାର ଓ ଧନୀ ଘରର ୧ ହଜାର ପିଲା ପରୀକ୍ଷା ଦେଇଥିବେ। ସାଧାରଣତଃ ଦେଖାଯାଉଛି ଯେ ସାଧାରଣ ଗରିବ ପିଲା ୧୦ ହଜାରରୁ ମାତ୍ର ୫୦/୬୦ ଟି ଚାକିରି ପାଉଥିବା ସ୍ଥଳେ ଧନୀ ଘରର ପିଲା ବାକି ୪୪୦ ରୁ ୪୫୦ ଟି ଚାକିରି ଉପରେ ନିଜର ହକ୍ ଜମାଇ ବସୁଛନ୍ତି। ଏହା ଗୁଣୋତ୍ତର ପ୍ରଗତି କ୍ରମେ ଘୋର ଆର୍ଥିକ ବୈଷମ୍ୟ ସୃଷ୍ଟି କରୁଛି। କିନ୍ତୁ ଏହାଠାରୁ ଆହୁରି ପରିତାପର ବିଷୟ ଏହିକି ଯେ ସରକାର ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ଉପଦେଶ ଶୁଣିବା ପରିବର୍ତ୍ତେ, ତୁଷ୍ଟୀକରଣ ରାଜନୀତି ମାଧ୍ୟମରେ ରାଜ୍ୟରେ ଉଚ୍ଚଶିକ୍ଷାରେ ସଂରକ୍ଷଣକୁ ଦୁଇଗୁଣା ବୃଦ୍ଧି କରିଦେଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା। ସମସ୍ତେ ଉତ୍ସାହିତ ହୋଇ ସରକାରଙ୍କ ଗୁଣଗାନ କରିବାରେ ଲାଗିପଡ଼ିଲେ। 'କ୍ରିମିଲେୟର' କଥା ଭୁଲିଗଲେ।

ସଂରକ୍ଷଣରେ ଏହି ଦୁଇଗୁଣ ବୃଦ୍ଧି, ସେହି ବର୍ଗର ସାଧାରଣ ଗରିବ ଛାତ୍ରଛାତ୍ରୀମାନଙ୍କର ବିଶେଷ କିଛି ଲାଭ ହେବ ନାହିଁ। ସବୁ ସୁବିଧା ସୁଯୋଗ ସେହି 'କ୍ରିମିଲେୟର'ମାନେ ହିଁ ମାଡ଼ି ବସିବେ। ସାଧାରଣ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଯେଉଁ ତିମିରକୁ ସେହି ତିମିରେ। ତେଣୁ ଯେତେଶୀଘ୍ର ସରକାର ସବୁ ରାଜନୈତିକ ଦଳ ଏବଂ ସମସ୍ତ ଜନତା ବୁଝିବିଚାରି ଯେତେଶୀଘ୍ର କାର୍ଯ୍ୟ କରିବେ, ଅର୍ଥାତ୍ ସଂରକ୍ଷଣ ବୃଦ୍ଧି ପରିବର୍ତ୍ତେ 'କ୍ରିମିଲେୟର'ମାନଙ୍କୁ ସଂରକ୍ଷଣରୁ ଅପସାରଣ ସହ କେବଳ ଆର୍ଥିକ ମାନଦଣ୍ଡ ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ, ତାହା ରାଜ୍ୟ, ଦେଶ ଓ ସମସ୍ତଙ୍କ ପାଇଁ ମଙ୍ଗଳ ହେବ। ●

(ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ)
ଭୁବନେଶ୍ୱର, ମୋ: ୭୦୦୮୩୮୫୯୮୫

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

## ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବପ୍ରକାଶିତ ଉତ୍ତାରୁ...

ନଂ ୧୦ - ଏହା ଏକ ଶୁଦ୍ଧ ନୈତିକ ଅନୁଶାସନ। ଲୋକମାନେ ଯେପରି ଧମ୍ମ (ଧର୍ମ/ନୀତି) ଅନୁସରଣ କରନ୍ତି କେବଳ ସେଥିପାଇଁ ଅଶୋକ ପ୍ରସିଦ୍ଧ ବା ଯଶ କାମନା କରିଛନ୍ତି। ଧର୍ମର ମାର୍ଗ ଅତ୍ୟନ୍ତ କଠିନ ଏବଂ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଅଧିକ କଷ୍ଟକର। ନଂ ୧୪- ଏହି ଅନୁଶାସନଟି ପ୍ରାୟ ଏକ ପୁସ୍ତିକା ସଦୃଶ, ଯେଉଁଥିରେ ସମ୍ରାଟ ଅଶୋକ ସ୍ୱୀକାର କରିଛନ୍ତି ଯେ ତାଙ୍କର ସମସ୍ତ ଶିଳାଲେଖ ସବୁ ସ୍ଥାନରେ ଖୋଦିତ ହୋଇନାହିଁ ଏବଂ କିଛି ସଂସ୍କରଣରେ କିଛି ତ୍ରୁଟି ମଧ୍ୟ ରହିଯାଇ ଥାଇପାରେ।

ଯାହା ଦେଖାଯାଉଛି ଅଥବା ଜଣାଯାଉଛି, ଏହି ଅନୁଶାସନଗୁଡ଼ିକ କଳିଙ୍ଗରେ ମୌର୍ଯ୍ୟ ସାମ୍ରାଜ୍ୟର ଶକ୍ତିଶାଳୀ ନିୟନ୍ତ୍ରଣ କିମ୍ବା ସେଠାରେ ଅଶୋକଙ୍କ ଧର୍ମର ପ୍ରଚାର ପ୍ରସାର ଉପରେ କେଣେସି ପ୍ରକାର କ୍ଷତିକାରକ ପ୍ରଭାବ ପକାଇଥିବା ଆଦୌ ସମ୍ଭବ ନୁହେଁ। ବିଜିତ ଲୋକମାନଙ୍କ ମଧ୍ୟରେ ଏଗୁଡ଼ିକୁ ପ୍ରକାଶ ନ କରିବାର କୌଣସି ଠୋସ୍ କାରଣ ନଥିଲା। ଅନ୍ୟପକ୍ଷରେ, କଳିଙ୍ଗ ସଂସ୍କରଣରେ ବାଦ୍ ଦିଆଯାଇଥିବା ତିନୋଟି ଅନୁଶାସନରେ ଏପରି କିଛି ବିଷୟବସ୍ତୁ ଥାଇପାରେ, ଯାହାକୁ ସେଠାରେ ଅଧିକ ଲୋକଙ୍କୁ ଜଣାଇବା ଅନୁଚିତ କିମ୍ବା ବିପଦଜନକ ତଥା ଅସୁବିଧାଜନକ ହୋଇପାରେ ବୋଲି ଆଶଙ୍କା କରାଯାଇ ଥାଇପାରେ।

କଳିଙ୍ଗରେ ପ୍ରକାଶିତ ହୋଇନଥିବା ଶିଳାଲେଖ: ନଂ୧୧ - ଏହି ଅନୁଶାସନଟି ସ୍ପଷ୍ଟ ଭାବେ ଗୋଟିଏ ଅନପକାରୀ ରାଜାଜ୍ଞା ଥିଲା, ଯେଉଁଥିରେ ଧର୍ମର ଗୁଣଗାନ କରାଯାଇ ଏହାକୁ ମାନିବା ନିମନ୍ତେ ଲୋକମାନଙ୍କୁ କୁହାଯାଇଥିଲା। କଳିଙ୍ଗ ସଂସ୍କରଣରେ ଏହି କ୍ଷୁଦ୍ର ଅନୁଶାସନଟିକୁ କାହିଁକି ବାଦ ଦିଆଗଲା ସେ ନେଇ କୌଣସି ସ୍ପଷ୍ଟ ସଙ୍କେତ ଅଥବା ସୂଚନା ମିଳେ ନାହିଁ। ଏହା ହୁଏତ ଅସାବଧାନତା ଯୋଗୁଁ କିମ୍ବା ଭୁଲବଶତଃ ଅଥବା ସହଜ ଭାବରେ କହିଲେ ଏହି ଲେଖାଗୁଡ଼ିକରେ ସମାନ ପ୍ରକାରର ଭାବନା ଅନ୍ୟତ୍ର ଉପଲବ୍ଧ ଥିବାରୁ ଏହାକୁ ବାଦ ଦିଆଯିବା ଦ୍ୱାରା ସମୟ, ପରିଶ୍ରମ ତଥା ବ୍ୟୟଭାର ବଞ୍ଚାଯାଇପାରିବା ହୋଇଥାଇପାରେ। ନଂ ୧୨ - ଏହା ହେଉଛି ସେହି ପ୍ରସିଦ୍ଧ ଶିଳାଲେଖ ଅଥବା ରାଜାନୁଶାସନ, ଯେଉଁଥିରେ ସମ୍ରାଟ ଅଶୋକ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ଧର୍ମ ଓ ସଂପ୍ରଦାୟଗୁଡ଼ିକ ମଧ୍ୟରେ ସହନଶୀଳତା ତଥା ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବଜାୟ ରଖିବା ନିମନ୍ତେ ଅଶୋକଙ୍କର ଏକ ଆହ୍ୱାନ। ଯଦି ଏହି ଅନୁଶାସନର ବାଦ ପଡ଼ିବା କେବଳ ସ୍ଥାନ ଓ ସମୟର ଅଭାବ ଯୋଗୁଁ ନ ହୋଇଥାଏ, ଯେପରି ନଂ ୧୧ କ୍ଷେତ୍ରରେ ଘଟିଥିଲା। ଆମେ କେବଳ ଏହା ହିଁ କହିପାରିବା କି ସେତେବେଳେ କଳିଙ୍ଗରେ ଏପରି କିଛି ଧର୍ମଗୋଷ୍ଠୀ ଥିଲେ, ଯାହାଙ୍କୁ ଅଶୋକ ଓ ମୌର୍ଯ୍ୟସାମ୍ରାଜ୍ୟ ପସନ୍ଦ କରୁନଥିଲେ ଏବଂ ସେହି ଧର୍ମ, ପରମ୍ପରା ବା ସଂସ୍କୃତିକୁ ରାଜ ପ୍ରୋତ୍ସାହନ ଦିଆଯାଉ ନ ଥିଲା। ଏଠାରେ ଆମେ କେବଳ ଅନୁମାନ କରିପାରିବା ଏବଂ ଏହା ପରେ ପରେ ରହିଥିବା ବିଷୟବସ୍ତୁକୁ ମଧ୍ୟ ଏକ ଅନ୍ଦାଜ ବୋଲି ଧରି ନିଆଯାଇପାରେ। କିନ୍ତୁ ଏହା ନିଶ୍ଚିତ ଭାବେ ଏକ ଯୁକ୍ତିଯୁକ୍ତ ସମ୍ଭାବନା।

ଏହା ସମସ୍ତଙ୍କୁ ଜଣା ଯେ ଓଡ଼ିଶାର ଲୋକମାନେ ବିଶେଷଭାବରେ ଶ୍ରୀଜଗନ୍ନାଥ ଧର୍ମ ପ୍ରତି ଅତ୍ୟନ୍ତ ଭକ୍ତିଭାବ ରଖିଥା'ନ୍ତି, ଯାହା ପୁରୀର ପ୍ରସିଦ୍ଧ ଶ୍ରୀମନ୍ଦିର ଉପରେ କେନ୍ଦ୍ରୀଭୂତ। ଓଡ଼ିଶାର ଆଞ୍ଚଳିକ ଜାତୀୟତା ଅତିକମ୍‌ରେ ହଜାରେ କିମ୍ବା ତା'ଠାରୁ ଅଧିକ ବର୍ଷ ଧରି ଏହି ଧର୍ମଧାରାକୁ କେନ୍ଦ୍ର କରି ଗଢ଼ି ଉଠିଛି। ଆମେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଇତିହାସକୁ ଅଶୋକଙ୍କ ସମୟ ପର୍ଯ୍ୟନ୍ତ ନେଇ ଖୋଜି ପାରିବା ନାହିଁ। ମାତ୍ର ଏହା ସମ୍ଭବ ଯେ ଏହାପୂର୍ବରୁ କୌଣସି ଏକ ରୂପରେ ଏହି ଧର୍ମଧାରା ନିଶ୍ଚିତ ଭାବରେ ବିଦ୍ୟମାନ ଥିଲା, ଏକ ଅସଂସ୍କୃତ ରୂପରେ, ଯେଉଁଥିରେ ଏହାର ଦେବତ୍ୱ ହିନ୍ଦୁ ଦେବତା ବିଷ୍ଣୁଙ୍କ ସହିତ ଚିହ୍ନଟ ହୋଇ ନ ଥିଲା। ଏହିପରି ଏକ ଧର୍ମ / ସଂପ୍ରଦାୟ ଯାହାର ନିଜସ୍ୱ ସ୍ଥାନୀୟ ପୁରୋହିତ ବର୍ଗ ଥିଲେ। ସେମାନେ ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ବିରୋଧରେ ନିଶ୍ଚିତ ଭାବରେ ପ୍ରତିରୋଧର ମତପୋଷଣ କରିଥିବେ ଏବଂ ବିଦ୍ରୋହ ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରିଥିବେ। ଯାହା ଫଳରେ କଳିଙ୍ଗର ପୁରୁଣା ସ୍ଥାନୀୟ ରାଜାଙ୍କୁ ପୁଣି ଶାସନକୁ ଅଣାଯାଇପାରିବ। ଏହା ମଧ୍ୟ କଳିଙ୍ଗ ସଂସ୍କରଣରେ ଅଶୋକଙ୍କୁ ଦ୍ୱାଦଶ ଶିଳାଲେଖକୁ ବାଦ ଦିଆଯିବାର କାରଣ ହୋଇପାରେ। ଏହିଭଳି ଭିନ୍ନ ଭିନ୍ନ କଳ୍ପନା ଜଳ୍ପନା କରାଯାଇପାରେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ



**ଭୁବନେଶ୍ୱର,୩୧।୭(ସମିସ):** ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ମିଶନ ଅଏଲ ପାମ୍‌ର କାର୍ଯ୍ୟକାରିତାର ସ୍ଥିତି ଉପରେ ଲୋକଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଭାରତର ଆମଦାନି ନିର୍ଭରତା କମାଇବା ପାଇଁ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହା ଜାତୀୟ ଅର୍ଥନୀତିକୁ ମଜବୁତ କରିବ, ବିଦେଶୀ ମୁଦ୍ରା ସଞ୍ଚୟ ଏବଂ ଖାଦ୍ୟ ନିରାପତ୍ତା ବଢ଼ାଇବ ବୋଲି ରାଜ୍ୟପାଳ କହିଥିଲେ। କୃଷିପ୍ରଧାନ ଦେଶ ହୋଇଥିବା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଖାଦ୍ୟ ତୈଳ ଆମଦାନି କରୁଛି। ଫଳରେ ବିଦେଶୀ ମୂଦ୍ରାର ବହୁଳ ପରିମାଣରେ ବାହ୍ୟପ୍ରବାହ ହେଉଛି। ଆମଦାନି କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିପାରିଲେ ଦେଶର ଅର୍ଥନୀତି ମଜବୁତ୍ ହେବ। ଓଡ଼ିଶାରେ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଏବଂ ବିସ୍ତୃତ ଚାଷପୋଯୋଗୀ ଜମି ସହିତ ଓଡ଼ିଶା ଭାରତର ଖାଦ୍ୟ ତୈଳ ସ୍ୱାବଲମ୍ବନଶୀଳତାରେ ଏକ ପ୍ରମୁଖ ଅବଦାନ ରଖୁଥିବା ରାଜ୍ୟ ଭାବେ ଉଭା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ, ଗବେଷଣା ଅନୁଷ୍ଠାନ ଏବଂ ତାଲିକାଭୁକ୍ତ ବେସରକାରୀ ସହଭାଗୀଙ୍କ ସହଯୋଗରେ ଓଡ଼ିଶା ସରକାର ଗ୍ରହଣ କରିଥିବା କ୍ଲଷ୍ଟର ଆଧାରିତ କାର୍ଯ୍ୟକାରିତା କୌଶଳ ଏକ ସ୍ଥିର ପାମ୍ ତୈଳ ପରିବେଶ ତଥା ଗ୍ରାମୀଣ ଜୀବିକାର ରୂପାନ୍ତରଣ କରିପାରିବ ବୋଲି ସେ କହିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀ, ଉଦ୍ୟାନ ନିର୍ଦ୍ଦେଶାଳୟ, ପାମ୍ ତୈଳ କମ୍ପାନୀର ପ୍ରତିନିଧି ଏବଂ ଲୋକ ଭବନର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଓଡ଼ିଶାରେ ଏହି ମିଶନର କାର୍ଯ୍ୟକାରିତାର ସ୍ଥିତି ଉପରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। ଉଦ୍ୟାନ ନିର୍ଦ୍ଦେଶକ କଲୁଙ୍ଗ୍ ଗୋରାଖ୍ ୱାମନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଗୀତାଶ୍ରୀ ପାର୍ହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟା ପାଣିରେ ବୁଡ଼ି ୭ ବର୍ଷର ଶିଶୁ କନ୍ୟା ମୃତ

**ଅସୁରାଳି,୩୧।୭(ସମିସ):** ଧାମନଗର ବ୍ଲକ୍ ଫତେପୁର ଗାଁର ନୃସିଂହ ସାହୁଙ୍କ ୭ ବର୍ଷର ଝିଅ ଜ୍ୟୋତି ସାହୁ ବନ୍ୟା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ପରେ ସମଗ୍ର ଧାମନଗର ଓ ଫତେପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧୨ଟାରେ ଜ୍ୟୋତି ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ଗଭୀର ବନ୍ୟା ପାଣିରେ ବୁଡ଼ି ଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ଖବର ପାଇ ଧୂଷୁରୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ଶପଥପତ୍ର

ଆମ୍ଭେ ସନ୍ଦୀପ କୁମାର ଦାସ, ପିତା- ଶିଶିର କୁମାର ଦାସ ବୟସ ପ୍ରାୟ ୩୨ ବର୍ଷ, ଗ୍ରାମ/ସାହି - ନୂଆଗାଁ, ପୋ - ବାଲିସାହି, ନରସିଂହପୁର, ଜି-କଟକ, ଏହା ଜଣାଉ ଅଛୁ ଯେ ମୋ ଘର ନିକଟରେ, ଖାତା ନଂ. ୧୮୮/୧୦, ପ୍ଲଟ୍ ନଂ. ୪୨, ସମ୍ବନ୍ଧୀୟ ମୁଳ ଆରଓଆର୍ ହଜିଯାଇଛି / ମିଳୁନାହିଁ । ଏହି ସମ୍ବନ୍ଧରେ ୨୯.୦୭.୨୦୨୬ ତାରିଖରେ କୁଜୁମ ଥାନାରେ ଅଭିଯୋଗ କରାଯାଇଅଛି । ଯଦି କେହି ଉକ୍ତ ଆରଓଆର୍/ପଟ୍ଟା ପାଇଥାଆନ୍ତି ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ । ଆଡ୍‌ଭୋକେଟ ସୋମନାଥ ପଟ୍ଟନାୟକ-୮୪୨୦୦୧୧୯୯୫

## AFFIDAVIT

By virtue of an affidavit no10549, sworn before the Executive Magistrate Jajpur on dtd 31/07/2026, I Sasmita Jena, aged-35years, W/o- Late Bikas Jena, permanent resident of At/P.o-Kapila, P.s-Alakund, Dist-Jajpur, Odisha, Pin -755004 declared that I have changed my minor daughter's name from MAMUNI JENA(Old Name) to PAPUNI JENA(New Name) Henceforth she shall be known as **PAPUNI JENA** for all future purposes.

Sd/-Sasmita Jena

## AFFIDAVIT

By virtue of an affidavit no 2326, sworn before the Notary Public, Umerkote, Dist.- Nabarangpur, dtd 30/07/2026, I, Bharati Baidya, At/Po- Murtuma, U.V.-6, Ps.- Umerkote, Dist. Nabarangpur, hereby declare that the name of my minor daughter has been changed from Gungun Baidya to Aadyasha Baidya. Henceforth she shall be known as **Aadyasha Baidya** for all purposes.

Sd/- Bharati Baidya

## AFFIDAVIT

By virtue of an affidavit no. 113 before the Executive Magistrate, Bhubaneswar, dtd. 31/07/2026, I, Smruti Bhoi, D/o- Tunia Bhoi, residing At- Bhagabanpur, Po- Patrapada, Bhubaneswar-751019 do hereby declare that I have changed my name from Meghana Bhoi to **Smruti Bhoi.** That both the names refer to one and the same person i.e. myself. Henceforth I shall be known as **Smruti Bhoi** for all purposes.

Smruti Bhoi

## AFFIDAVIT

I, Chandan Mishra, aged about 46 years, S/o- Sashibhusan Mishra, resident of At- Sadhanapitha, Subalapur, PO: Satasnkha, PS: Pipili, Dist: Puri, State: Odisha, PIN- 752046 declared by this affidavit No. 1984, dtd- 23.07.2026 that now onwards I shall be known as **CHANDAN KUMAR MISHRA** for all future purposes.

## AFFIDAVIT

I, Kabita, aged about 41 years, W/o- Chandan Kumar Mishra, resident of At- Sadhanapitha, Subalapur, PO: Satasnkha, PS: Pipili, Dist: Puri, State: Odisha, PIN- 752046 declared by this affidavit No. 1983, dtd- 23.07.2026 that now onwards I shall be known as **KABITA MISHRA** for all future purposes.

24001/364/2627

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAB-GM-0029-2025- 17877 / R&DM, Dated 27.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଦୋଳବ**, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୯୬୫୦ ତା. ୦୭.୦୮.୨୦୨୫ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଦୋଳବ**, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

### ତଫସିଲ- କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଗଞ୍ଜାମ — ତହସିଲ: - ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୋଳବ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୯.୯୨୧ | ଏକର ୩.୫୮୫ | ଏଥି ସହିତ ସଂଲଗ୍ନ |

### ତଫସିଲ- ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଗଞ୍ଜାମ — ତହସିଲ: - ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୩.୧୨.୨୦୨୫।

### ଦୋଳବ ଗ୍ରାମର ଜମିର ବିବରଣୀ

ମୌଜା – ଦୋଳବ ତହସିଲ - ସାନଖେମୁଣ୍ଡି ଜିଲ୍ଲା – ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୨୦୧୮ | ୦.୦୭୦ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ଅନନ୍ତ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୪୧ | ୦.୦୬୦ | ୦.୦୨୦ | | | |
| ୨ | ୬ | ୨୧୩୨ | ୦.୩୨୦ | ୦.୧୭୫ | ପଦର | ଅରକ୍ଷିତ ରାଉତ, ଦୟା ରାଉତ, କୁନ୍ଦନ ରାଉତ ପି: କୋରା ରାଉତ, କେତକି ରାଉତ ସ୍ୱା: କୋରା ରାଉତ, ଶିରି ରାଉତ ସ୍ୱା: ଦୁଃଖୀ ରାଉତ, ଉଲି ରାଉତ, ହେମ ରାଉତ, ସତ୍ୟ ରାଉତ ପି: ଦଣ୍ଡିଆ ରାଉତ, ବାସୁ ରାଉତ ପି: ଅନାମ ରାଉତ, ମଧୁ ରାଉତ ପି: ଜଗା ରାଉତ, ବେନୁ ରାଉତ, ପୁନିଆଁ ରାଉତ ପି: ଇଶ୍ୱର ରାଉତ, ରଘୁ ରାଉତ ପି: କ୍ଷେତ୍ରି ରାଉତ, ତବତିଆ ରାଉତ ପି: ଶୁକ୍ର ରାଉତ, ଅର୍ଜୁନ ରାଉତ, ବୁଧି ରାଉତ ପି: ରାମ ରାଉତ, ଚେରୁ ରାଉତ ପି: ଭିମ ରାଉତ, ସାଇବାଣି ରାଉତ ସ୍ୱା: ଭିମ ରାଉତ, ସିପା ରାଉତ ପି: କଇ ରାଉତ, ଭିମ ରାଉତ, ହରି ରାଉତ, ଲିଙ୍ଗା ରାଉତ, ଗୋବିନ୍ଦ ରାଉତ ପି: ବାପାଣି ରାଉତ, ମୋଟିଆଣି ରାଉତ ପି: ମୋହନ ରାଉତ, ରଇବାରି ରାଉତ ସ୍ୱା: ଯଦୁ ରାଉତ, ନଟିଆ ରାଉତ ପି: ଭାଇଗ ରାଉତ ଜା: କୁରୁମ ବା: ନିଜଗାଁ | |
| ୩ | ୭ | ୨୦୨୮ | ୦.୦୮୫ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ଆନନ୍ଦ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୩୦ | ୦.୦୫୨ | ୦.୦୩୫ | | | |
| | | ୨୦୪୦ | ୦.୦୫୫ | ୦.୦୫୦ | | | |
| ୪ | ୧୩ | ୨୦୭୩ | ୦.୩୫୦ | ୦.୦୫୦ | ପଦର | ଉଜ୍ଜଳ ଗଉଡ ପି: ମେହେଙ୍କାଳ ଗଉଡ ଜା: ଗଉଡ ବା:ନିଜଗାଁ | |
| ୫ | ୩୫ | ୧୭୨୨ | ୦.୬୦୦ | ୦.୧୧୦ | ପଦର | କୋରା ପାତ୍ର ପି: ଚନ୍ଦରୁ ପାତ୍ର ଜା: କୁରୁମ ବା:ନିଜଗାଁ | |
| ୬ | ୩୯ | ୨୧୦୦ | ୦.୧୦୦ | ୦.୦୪୫ | ପଦର | ଗଦା ନାୟକ ପି: ବେଣିଆ ନାୟକ ଜା: କୁରୁମ ବା:ନିଜଗାଁ | |
| | | ୨୧୦୧ | ୦.୦୬୫ | ୦.୦୧୦ | | | |
| ୭ | ୪୫ | ୧୭୦୩ | ୦.୨୯୦ | ୦.୦୭୦ | ପଦର | ଗୋପିନାଥ ରଥ ପି:ବିନାୟକ ରଥ ଜା:ବ୍ରାହ୍ମଣ ବା:ନିଜଗାଁ | |
| ୮ | ୫୮ | ୨୧୧୪ | ୦.୨୨୦ | ୦.୦୪୫ | ପଦର | ଜାଗିଲି ନାୟକ ପି: ଦଣ୍ଡ ନାୟକ, କୌତୁକି ନାୟକ ସ୍ୱା: ଦଣ୍ଡ ନାୟକ, ରଙ୍କ ନାୟକ, ବାବାଜି ନାୟକ ପି: ଭାଇଗ ନାୟକ, ଡଲି ନାୟକ, ଝୁମ୍ପା ନାୟକ ପି: ଭୋବନା ନାୟକ, ତାଂପା ନାୟକ ସ୍ୱା:ଭୋବନା ନାୟକ, ସୁମା ନାୟକ, ପରି ନାୟକ, ରବି ନାୟକ ପି: ଅର୍ଜୁନ ନାୟକ, ଝରି ନାୟକ ସ୍ୱା: ଅର୍ଜୁନ ନାୟକ, ନଟବର ନାୟକ ପି: ନାଲୁ ନାୟକ, ତବତିଆ ନାୟକ, ସହଦେବ ନାୟକ, ସବିତ୍ରି ନାୟକ ପି: ୟୁରିଆ ନାୟକ, କନ୍ତାରୁ ନାୟକ, ରଘୁନାଥ ନାୟକ, କୈବଲ ନାୟକ, ନକୁଳ ନାୟକ ପି: ବୈରାଗି ନାୟକ, ଭଲା ନାୟକ, ସେବାବତୀ ନାୟକ, ବିଷ୍ଣୁ ନାୟକ ପି: ଭୀମ ନାୟକ, ଝୁମ୍ପା ନାୟକ ସ୍ୱା: ଭୀମ ନାୟକ, ବୁଲି ନାୟକ ପି: ଅଧମ ନାୟକ, କୁମାରୀ ନାୟକ ସ୍ୱା: ଅଧମ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୧୧୫ | ୦.୧୩୫ | ୦.୦୪୦ | | | |
| | | ୨୧୧୮ | ୦.୧୨୦ | ୦.୦୬୦ | | | |
| | | ୨୧୧୯ | ୦.୧୧୦ | ୦.୦୧୦ | | | |
| | | ୨୧୨୩ | ୦.୦୭୦ | ୦.୦୧୦ | | | |
| | | ୨୧୨୪ | ୦.୧୭୫ | ୦.୦୩୫ | | | |
| ୯ | ୫୯ | ୨୦୬୦ | ୦.୦୮୫ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ଜାଗିଲି ନାୟକ ପି: ବେନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୧୦ | ୬୧ | ୨୦୮୫ | ୦.୧୦୫ | ୦.୦୨୦ | ପଦର | ଜାଗିଲି ପାତ୍ର, ପରି ପାତ୍ର, ପଙ୍କଜ ପାତ୍ର ପି: ବୃନ୍ଦା ପାତ୍ର, ସୀତା ପାତ୍ର ସ୍ୱା: ବୃନ୍ଦା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୧ | ୭୨ | ୨୦୧୯ | ୦.୦୬୦ | ୦.୦୪୫ | ବିଲ ଅଣଜଳସେଚିତ ଦୁଇ | ଦଣ୍ଡିଆ ନାୟକ ପି: ନରସିଂହ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୦୨୦ | ୦.୦୪୩ | ୦.୦୧୦ | | | |
| | | ୨୦୨୧ | ୦.୦୫୦ | ୦.୦୧୦ | | | |
| ୧୨ | ୮୩ | ୨୦୧୦ | ୦.୫୧୫ | ୦.୧୧୫ | ପଦର | ନଟବର ନାୟକ ପି: ନାଲୁ ନାୟକ, ଝରା ନାୟକ ସ୍ୱା: ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୦୧୭ | ୦.୯୦୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | | |
| ୧୩ | ୮୬ | ୧୫୯୧ | ୦.୧୯୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ନରସିଂହ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା ପି: ଭିକାରୀ ପଣ୍ଡା ଜା:ବ୍ରାହ୍ମଣ ବା: ଭୀଷ୍ମଗିରୀ | |
| ୧୪ | ୯୧ | ୧୭୧୦ | ୧.୦୦୦ | ୦.୨୩୦ | ପଦର | ପର୍ଶୁରାମ ନାୟକ, ବିଦ୍ଧାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ ପି: ଧନୁ ନାୟକ ଜା:କୁରୁମ ବା:ନିଜଗାଁ | |
| ୧୫ | ୧୦୩ | ୧୭୦୬ | ୦.୧୦୫ | ୦.୦୧୫ | ପଦର | ବୀର ନାୟକ ପି: ପରମା ନାୟକ ଜା:କୁରୁମ ବା:ନିଜଗାଁ | |
| | | ୨୧୦୬ | ୦.୨୦୦ | ୦.୦୫୦ | | | |
| ୧୬ | ୧୦୭ | ୨୦୨୯ | ୦.୦୭୫ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ଭୀମ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୩୧ | ୦.୦୫୫ | ୦.୦୧୦ | | | |
| ୧୭ | ୧୦୮ | ୨୦୯୫ | ୦.୦୮୫ | ୦.୦୭୫ | ପଦର | ଭିକା ପାତ୍ର ପି: ଭଗିଆ ପାତ୍ର ଜା: କୁରୁମ ବା: ନିଜଗାଁ | |
| | | ୨୧୦୯ | ୦. ୩୫୦ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | | |
| ୧୮ | ୧୧୨ | ୨୦୯୪ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ମହନ୍ତର ପାତ୍ର ପି: ବରଜ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୯ | ୧୧୯ | ୨୦୮୨ | ୦.୩୦୦ | ୦.୦୪୫ | ପଦର | ମାଧବ ପାତ୍ର, ରମେଶ ପାତ୍ର, କଂଗ୍ରେସ ପାତ୍ର ପି: ଦଣ୍ଡାସି ପାତ୍ର, କ୍ଷିର ପାତ୍ର ସ୍ୱା: ଦଣ୍ଡାସି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୦ | ୧୨୨ | ୨୦୭୪ | ୦.୩୬୦ | ୦.୦୬୫ | ପଦର | ରଘୁ ଗଉଡ ପି: ମେହେଙ୍କାଳ ଗଉଡ ଜା: ଗଉଡ ବା: ନିଜଗାଁ | |
| ୨୧ | ୧୨୩ | ୨୦୬୧ | ୦.୩୧୦ | ୦.୨୨୫ | ବିଲ ଅଣଜଳସେଚିତ ଦୁଇ | ରଘୁ ଗଉଡ, ଭଲା ଗଉଡ ପି: ଉଜ୍ଜଳ ଗଉଡ ଜା: ଗଉଡ ବା: ନିଜଗାଁ | |
| ୨୨ | ୧୩୭ | ୧୭୦୨ | ୦.୪୧୦ | ୦.୦୮୫ | ପଦର | ରାଜେନ୍ଦ୍ର ନାୟକ, ରବି ନାୟକ, କାମିନି ନାୟକ, ତନୁ ନାୟକ, ଝୁନୁ ନାୟକ ପି: କାଣ୍ଡିଆ ନାୟକ ଜା: କୁରୁମ ବା: ନିଜଗାଁ | |
| ୨୩ | ୧୩୯ | ୧୭୨୧ | ୦.୬୦୦ | ୦.୧୦୦ | ପଦର | ରାଜୁ ପାତ୍ର ପି: ରୁଷି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୪ | ୧୫୦ | ୨୦୭୮ | ୦.୫୫୦ | ୦.୦୭୫ | ପଦର | ସନ୍ତୋଷ ପାତ୍ର ପି:ଅର୍ଜୁନ ପାତ୍ର, ଉଲି ପାତ୍ର ସ୍ୱା: ଅର୍ଜୁନ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୫ | ୧୬୬ | ୨୦୮୩ | ୦.୩୦୦ | ୦.୦୪୦ | ପଦର | ସୁବୁଧି ପାତ୍ର ପି: ବାଉରି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୬ | ୧୭୨ | ୨୦୮୯ | ୦.୦୯୦ | ୦.୦୫୦ | ପଦର | ସୁଦର୍ଶନ ପାତ୍ର ପି: ଭୀମ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୭ | ୧୮୩ | ୧୬୦୮ | ୦.୭୮୦ | ୦.୧୫୫ | ପଦର | ଗ୍ରାମବାସୀଙ୍କ ତରଫେ ବା:ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ ପି:କାଳୁ ନାୟକ, ଜାଗିଲି ନାୟକ, ଗୋବିନ୍ଦ ନାୟକ, ଉଲି ନାୟକ ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଟିଆଣି ନାୟକ ପି: ଲାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ଧାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ ପି: ଧନୁ ନାୟକ, ଝୁମ୍ପା ନାୟକ ସ୍ୱା: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୨୮ | ୧୮୫ | ୧୫୯୦ | ୦.୧୨୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ ପି:କାଳୁ ନାୟକ, ଜାଗିଲି ନାୟକ, ଗୋବିନ୍ଦ ନାୟକ, ଉଲି ନାୟକ ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଟିଆଣି ନାୟକ ପି:ନାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ଧାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ ପି: ଧନୁ ନାୟକ, ଝୁମ୍ପା ନାୟକ ସ୍ୱା: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୧୫୯୫ | ୧.୮୫୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | | |
| | | ୧୫୯୮ | ୦.୦୬୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୫୯୯ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୬୦୦ | ୦.୪୬୦ | ୦.୦୧୦ | ପଦର | | |
| | | ୧୬୦୧ | ୦.୩୦୦ | ୦.୦୧୦ | ପଦର | | |
| | | ୧୬୦୬ | ୦.୪୮୫ | ୦.୦୧୦ | ପଦର | | |
| | | ୨୦୧୧ | ୦.୨୪୫ | ୦.୦୧୦ | ପଦର | | |
| | | ୨୦୩୯ | ୦.୩୮୦ | ୦.୦୧୦ | ପଦର | | |
| | | ୨୦୫୭ | ୦.୧୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୨୧୨୭ | ୦.୫୨୦ | ୦.୦୧୦ | ପଦର | | |
| | | ୨୧୩୦ | ୦.୬୮୦ | ୦.୨୦୦ | ପଦର | | |
| ୨୯ | ୧୮୫/୫ | ୨୦୦୯ | ୦.୫୪୦ | ୦.୧୦୫ | ପଦର | ଚିତ୍ରସେନ ନାୟକ ପି: ନଟବର ନାୟକ ଜା: କୁରୁମ ବା: ଦୋଳବ | |
| ୩୦ | ୧୮୫/୧୧ | ୧୭୨୦ | ୧.୦୦୦ | ୦.୧୮୫ | ପଦର | ଗଣେଶ ନାୟକ ପି: ହେରମ୍ବ ନାୟକ ଜା: କୁରୁମ ବା: ନିଜଗାଁ | |
| ୩୧ | ୧୮୫/୧୯ | ୨୧୦୮ | ୦.୧୩୦ | ୦.୦୧୦ | ପଦର | ବାବାଜୀ ନାୟକ ପି: ବୀର ନାୟକ ଜା: କୁରୁମ ବା: ଦୋଳବ | |
| | | ୨୧୦୭ | ୦.୧୩୦ | ୦.୦୦୫ | | | |
| | | ୧୭୦୫ | ୦.୧୩୦ | ୦.୦୯୦ | | | |
| ୩୨ | ୧୮୫/୩୪ | ୨୦୭୯ | ୦.୪୬୦ | ୦.୦୭୦ | ପଦର | ସନ୍ତୋଷ ପାତ୍ର ପି:ଅର୍ଜୁନ ପାତ୍ର ଜା: କୁରୁମ ବା: ଦୋଳବ | |
| ୩୩ | ୧୮୫/୮୫ | ୨୦୮୪ | ୦.୦୮୫ | ୦.୦୨୦ | ପଦର | ସୁମତି ମଣ୍ଡଳ ସ୍ୱା: କୋରା ମଣ୍ଡଳ ଜା: କୁରୁମ ବା: ନିଜଗାଁ | |
| ୩୪ | ୧୮୫/୮୭ | ୨୦୭୨ | ୦.୮୭୦ | ୦.୧୩୦ | ପଦର | ନମିତା ପ୍ରଧାନ ସ୍ୱା: ଭଗବାନ ପ୍ରଧାନ ଜା: କୁରୁମ ବା: ତୁଣ୍ଡରା | |
| ୩୫ | ୧୮୫/୯୦ | ୨୦୨୭ | ୦.୧୪୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ସୁଦର୍ଶନ ନାୟକ ପି:ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| ୩୬ | ୧୮୫/୯୧ | ୧୭୧୧ | ୦.୧୦୬ | ୦.୦୬୫ | ପଦର | ସିମାଞ୍ଚଳ ପାତ୍ର ପି:କୋରା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୩୭ | ୧୮୫/୧୨୩ | ୨୦୭୭ | ୦.୪୭୫ | ୦.୦୬୫ | ପଦର | ପୂର୍ଣବାସୀ ପ୍ରଧାନ ସ୍ୱା: ବାସୁଦେବ ପ୍ରଧାନ ଜା: କୁରୁମ ବା: ତୁଣ୍ଡରା | |

ମୋଟ - ୩.୫୮୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0120

13001/1367/2627

Phone No. : (0661)-2500224
Email ID : secretaryrda@gmail.com

**GOVERNMENT OF ODISHA**
**ROURKELA DEVELOPMENT AUTHORITY, ROURKELA**
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. 04/Rkl. RDA/2026-27 Dt.30.07.2026**

| | | |
|---|---|---|
| 01. | Name of the Work | 1 no. works |
| 02. | Estimated Cost | 30.14 Lakhs |
| 03. | Period of Completion | 60 (Ninety) days |
| 04. | Date & Time of availability of bid document in the portal | From 11.00 AM of dt.31.07.26 to 5.00 PM of dt.11.08.26 |
| 05. | Last date / time of receipt of bids in the portal | 5.00 PM of 11.08.26 |
| 06. | Date & Time of opening of bids | At 11.00 AM of 12.08.26 |
| 07. | Name and Address of the Officer Inviting Bid | Secretary, Rourkela Development Authority, Uditnagar, Rourkela-769012. |

Further details can be seen from the web site www.tendersodisha.gov.in

Secretary,
Rourkela Development Authority, Rourkela

OIPR-13001/13250/1/26-27/0028

## KASTURBA GANDHI BALIKA VIDYALAYA OAV, BANDUPALI

BLOCK-RAJBODASAMBAR DIST-BARAGADA PIN 768036

Letter No- 01 — Date- 28.07.2026

27001/115/2627 **SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and service Tax (GST) registration certificate for supply of following items like Grocery, Cosmetics, Dress material, Course Book,, Medicine, Non-Veg items, Milk Product, Toilet items, Vegetable, Fruits to the Kasturba Gandhi Balika Vidyalaya, OAV Bandupali Block-Rajbodasambar, Dist–Baragada Pin-768036 for the year 2026-27.

Last date of receipt of tender form is **18.08.2026 at 4.00 PM.** For details contact the undersigned with in office Hours.

Sd/- Principal Cum convenor
KGBV-IV, OAV, Bandupali RBS, Bargarh

OIPR-27001/27257/1/26-27/0001

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

10001/421/2627 — Notice No. 4282 Date: 31/07/26

**TENDER CALL NOTICE FOR SUPPLY OF DRUGS, LABORATORY REAGENTS & CONSUMABLES**

Sealed tenders are invited from different bidders having valid GST registration & Drug License for supply of Items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website www.dhenkanal.odisha.gov.in, which may be downloaded for reference. Interested parties may submit their offers in sealed covers super-scribing as "Tender for supply of Drugs, Laboratory Reagents & Consumables with reference to Advertisement No. ______ dt. ________" to the undersigned through registered post/speed post only, which should reach on or before 5.00 P.M. of dt. 24.08.2026 positively and will be opened on next day at 11.00 AM before District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay/omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/-Chief District Medical &
Public Health Officer, Dhenkanal

OIPR-10001/10059/1/26-27/0009

## ଜଳେଶ୍ୱର ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ଜଳେଶ୍ୱର, ୩୧।୭ (ସମିସ):** ଜଳେଶ୍ୱର ଡିଗ୍ରୀ ମହିଳା ମହାବିଦ୍ୟାଳୟର ପ୍ରଥମ ବର୍ଷରେ ନୂତନ ଭାବେ ମହାବିଦ୍ୟାଳୟକୁ ଆସିଥିବା ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସରକାରଙ୍କ ନୂତନ ଶିକ୍ଷା ବ୍ୟବସ୍ଥାନୁଯାୟୀ ଶକ୍ତିଶ୍ରୀ ସଂଗଠନ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଯୋଗଦେଇ ନବାଗତ ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାମଶଙ୍କର ଦାସ, ଶକ୍ତିଶ୍ରୀ କମିଟିର ଅଧ୍ୟକ୍ଷା ସୁସ୍ମିତା ପାତ୍ର, ସଂଯୋଜିକା ଦିବ୍ୟାଭାରତୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଶକ୍ତିଶ୍ରୀ କମିଟି ଦ୍ୱାରା ଛାତ୍ରୀମାନଙ୍କ ସୁରକ୍ଷା ଓ ସୁଫଳ ବିଷୟରେ ଅବଗତ କରାଇଥିଲେ। ଅଧ୍ୟାପିକା ଦିବ୍ୟାଭାରତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷାରେ ବେହାଲ ତାମୁଲିଆ ଉଡ଼ନ୍ତା ପୋଲ

**ବାଲେଶ୍ୱର, ୩୧।୭ (ସମିସ)**



ଲଗାଣ ବର୍ଷା ପରେ ବାଲେଶ୍ୱର ସହର ପ୍ରମୁଖ ପ୍ରବେଶ ପଥ ତଥା ମୁଖ୍ୟ ରାସ୍ତା 'ତାମୁଲିଆ ଉଡ଼ନ୍ତା ପୋଲ'ର ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାତ୍ର କିଛି ଦିନର ବର୍ଷାରେ ପୋଲ ଉପରୁ ପିଚୁ ଛାଡ଼ିଯାଇ ସାରା ରାସ୍ତାରେ ଗୁଣ୍ଡ ପିଚୁ ବିଛାଡ଼ି ହୋଇ ପଡ଼ିଥିବା ବେଳେ ଏହା ଏବେ ଯାତାୟାତ ପାଇଁ ମୃତ୍ୟୁଫାନ୍ଦ ସାଜିଛି। କେବଳ ପିଚୁ ଉଠିବା ନୁହେଁ, ବ୍ରିଜ୍‌ର ରାସ୍ତା ଭାଙ୍ଗି ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି ଏବଂ ଭିତର ଲୁହା ଛଡ଼ ଗୁଡ଼ିକ ବାହାରକୁ ଦୃଶ୍ୟମାନ ହେଉଛି। ଫଳରେ ଯାନବାହାନ ଚାଳକ, ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ପ୍ରତିମୁହୂର୍ତ୍ତରେ ଦୁର୍ଘଟଣାର ଶିକାର ହେବାର ଭୟଙ୍କର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ୨୦୧୯ ମସିହା ଫେବୃଆରୀ ୧୩ ତାରିଖରେ ଏହି ଉଡ଼ନ୍ତା ପୋଲ ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏହି ପ୍ରକଳ୍ପ ପାଇଁ ସରକାରୀ କୋଷାଗାରରୁ ୬୩୫୪.୯୬ ଲକ୍ଷ ଟଙ୍କା ଅର୍ଥାତ୍ ୬୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ନିର୍ମାଣର ମାତ୍ର ୭ ବର୍ଷ ନପୁରୁଣୁ କୋଟି କୋଟି ଟଙ୍କାର ଏହି ନିର୍ମାଣ କାର୍ଯ୍ୟର ଅସଲ ଚେହେରା ପଦାରେ ପଡ଼ିଛି। ବ୍ରିଜ୍‌ର ଖୋଲା ଲୁହା ଛଡ଼ଗୁଡ଼ିକ ବର୍ଷା ପାଣିରେ ଭିଜି ଜଙ୍ଗ ଧରୁଥିବାରୁ ଏହାର ଭାର ବହନ କ୍ଷମତା ଏବଂ ସ୍ଥାୟିତ୍ୱ ହ୍ରାସ ପାଇବା ନେଇ ବୈଷୟିକ ବିଶେଷଜ୍ଞ ଓ ସ୍ଥାନୀୟ ଲୋକେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଧିବାସୀ ଓ ନିୟମିତ ଯାତାୟାତ କରୁଥିବା ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ ପୂର୍ତ୍ତ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ବିଭାଗୀୟ ଦାୟିତ୍ୱହୀନତା ଯୋଗୁଁ ଠିକାଦାର ପ୍ରତିଥର କେବଳ ନାମକୁ ମାତ୍ର ଅସ୍ଥାୟୀ ଭାବେ ତାରକୋଲ୍ ଓ ଗୁଣ୍ଡି ପକାଇ ଗାତ ପୋତି ଦେଇ ନିଜ ଦାୟିତ୍ୱ ଶେଷ କରୁଛନ୍ତି, ଯାହା ସାମାନ୍ୟ ବର୍ଷାରେ ପୁଣି ଉପୁଡ଼ି ଯାଉଛି। ଏହି ବ୍ରିଜ୍ ଦେଇ ଦୈନିକ ହଜାର ହଜାର ଛୋଟବଡ଼ ଯାନବାହାନ ସହ ଜରୁରୀକାଳୀନ ଆମ୍ବୁଲାନ୍ସ ଯାତାୟାତ କରୁଥିବା ବେଳେ ରାସ୍ତାସାରା ପଡ଼ିଥିବା ଗୁଣ୍ଡି ପିଚୁରେ ଗାଡ଼ି ସ୍ଲିପ୍ କରି ପ୍ରତିଦିନ ସାନବଡ଼ ଦୁର୍ଘଟଣା ଘଟୁଛି। ତୁରନ୍ତ ଏହି ଉଡ଼ନ୍ତା ପୋଲର ବିଶେଷଜ୍ଞ ଟିମ୍ ଦ୍ୱାରା ଅନୁଧ୍ୟାନ କରାଇ ସ୍ଥାୟୀ ମରାମତି କରାଯିବା ସହ ଅତ୍ୟନ୍ତ ନିମ୍ନମାନର କାମ କରିଥିବା ଠିକାସଂସ୍ଥା ଏବଂ ନଜର ରଖିବାରେ ବିଫଳ ହୋଇଥିବା ଦାୟୀ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କଠୋର ଦଣ୍ଡାନୁଷ୍ଠାନ ଗ୍ରହଣ କରିବାକୁ ବାଲେଶ୍ୱରବାସୀ ଦୃଢ଼ ଦାବି କରିଛନ୍ତି।

## ଫ୍ରଣ୍ଟଲାଇନ କର୍ମଚାରୀଙ୍କ ଦୁର୍ଘଟଣା ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବାଲେଶ୍ୱର, ୩୧।୭ (ସମିସ):** ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ ଅଧୀନ ନଂ-୨୨ ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ ବ୍ରିଗେଡ୍ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରେ ଫ୍ରଣ୍ଟଲାଇନ୍ ରେଳ କର୍ମଚାରୀଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା, ସିପିଆର୍ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରେଳବାଇ ନେଟୱର୍କରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସୁରକ୍ଷା ସଂସ୍କୃତିକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଛି। ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ ବ୍ରିଗେଡର ପ୍ରମାଣିତ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଏବଂ ଅଭିଜ୍ଞ ସ୍ୱେଚ୍ଛାସେବୀମାନେ ତାତ୍ତ୍ୱିକ ଓ ବ୍ୟବହାରିକ ଉଭୟ ପ୍ରକାରର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀମାନେ ସିପିଆର୍, ବେସିକ୍ ଲାଇଫ୍ ସପୋର୍ଟ (ବାଲେଶ୍ୱର), ଅଟୋମେଟେଡ୍ ଏକ୍ସଟର୍ନାଲ୍ ଡିଫିବ୍ରିଲେଟର୍ (ଏଇଡି) ବ୍ୟବହାର, ରକ୍ତସ୍ରାବ ଓ ଶକ୍ ପରିଚାଳନା, ହାଡ଼ ଭାଙ୍ଗିବା ସ୍ଥିତିରେ ପ୍ରାଥମିକ ଚିକିତ୍ସା, ସୁରକ୍ଷିତ ଭାବେ ଆହତଙ୍କୁ ସ୍ଥାନାନ୍ତରଣ, ଅଗ୍ନି ନିରାପତ୍ତା, ଉଦ୍ଧାର ଓ ନିର୍ଗମନ ପ୍ରକ୍ରିୟା ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କରେ ବିସ୍ତୃତ ତାଲିମ ପାଇଥିଲେ। ପ୍ରଶିକ୍ଷାର୍ଥୀମାନେ ସିପିଆର୍ ମାନିକିନ୍ ଉପରେ ଛାତି ଚାପ ପ୍ରୟୋଗ ଓ ଜରୁରୀ ପ୍ରତିକ୍ରିୟା କୌଶଳର ବ୍ୟବହାରିକ ଅଭ୍ୟାସ କରିଥିଲେ। ଖଡ଼ଗପୁର ଡିଭିଜନ ପକ୍ଷରୁ ଭବିଷ୍ୟତରେ ମଧ୍ୟ ଏଭଳି କ୍ଷମତା ବିକାଶ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯାଇ ରେଳବାଇର ଜରୁରୀକାଳୀନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରାଯିବ ବୋଲି ଜଣାପଡ଼ିଛି।

## ଚାଲନ୍ତି ମଣ୍ଡିରେ ରାଜ୍ୟସ୍ତରୀୟ କ୍ରେତା ବିକ୍ରେତା ସମ୍ମିଳନୀ

**ଜଳେଶ୍ୱର, ୩୧।୭ (ସମିସ) :** ସରକାରୀ ମଣ୍ଡି ମାଧ୍ୟମରେ ଚାଷୀ ଓ ବ୍ୟବସାୟୀ ମାନଙ୍କୁ ସିଧାସଳଖ ଯୋଡିବା ଲକ୍ଷ୍ୟରେ ଚାଲନ୍ତି ଉପ ବଜାର ପ୍ରାଙ୍ଗଣରେ ରାଜ୍ୟ ସ୍ତରୀୟ ପରିବା କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଆୟୋଜିତ ସମ୍ମିଳନୀରେ ଡିଆରସିଏସ ସରୋଜିନି ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓଡ଼ିଶା କୃଷି ବିପଣନ ପରିଷଦର ଜେନେରାଲ ମେନେଜର ଧରିତ୍ରୀ ମିଶ୍ର ଯୋଗ ଦେଇ ମଣ୍ଡିରେ ନିଲାମ ପ୍ରକ୍ରିୟା ଦ୍ୱାରା ଚାଷୀ ଲାଭବାନ ହେବା ସହିତ ଦଲାଲ୍ ମୁକ୍ତ ହୋଇପାରିବ ବୋଲି କହିଥିଲେ। ଅଞ୍ଚଳର ଆବଶ୍ୟକତାକୁ ଲକ୍ଷ୍ୟ ରଖି ମଡେଲ ମଣ୍ଡି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା କହିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ମଧ୍ୟରେ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ଦେବବ୍ରତ ସାମଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ଓରମାସର ଡେପୁଟି ସିଇଓ ଶାନ୍ତନୁ ବାନାର୍ଜୀ, ମିଶନ ଶକ୍ତିର ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ଉଦ୍ୟାନ ବିଭାଗର ସହ ନିର୍ଦ୍ଦେଶନାଳ ରଶ୍ମିରେଖା ପଣ୍ଡା, ଏଆରସିଏସ ତଥା ଆରେମୋ ଏକାଦଶୀ ଦାସ, ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଭୁବନେଶ୍ୱରର ରିସର୍ଚ୍ଚ ଆସିଷ୍ଟାଣ୍ଟ କେଦାରନାଥ ସ୍ୱାଇଁ, ରପ୍ତାନି କରୁଥିବା ଗ୍ରିନ୍ ବକ୍ସ କମ୍ପାନୀର ଅଫିସର, ନିୟନ୍ତ୍ରିତ ବଜାର କମିଟି ର ଉପାଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷ ମାନସ ଜେନା ପ୍ରମୁଖ ଯୋଗଦେଇ ଚାଷୀଙ୍କ ଲାଗି ମଣ୍ଡିରେ ଉତ୍ପନ୍ନ ପନିପରିବା ବିପଣନରେ ସରଳୀ କରଣ, ବଜାର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ୧୦ଟି ଜିଲ୍ଲାରୁ ଟ୍ରେଡର, ଚାଷୀ, ବ୍ୟବସାୟୀ ଆସିଥିବା ବେଳେ ପନିପରିବା ର ସ୍ଥାନୀୟ ମୂଲ୍ୟ ଓ ଉତ୍କୃଷ୍ଟ ମାନର ପନିପରିବା ଉତ୍ପନ୍ନ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ସାମଲ, ମଧୁସୂଦନ ସେନାପତି, ନିତ୍ୟାନନ୍ଦ ଦାସ, ରବିନ୍ଦ୍ର ପ୍ରଧାନ, ସତ୍ୟ ଦାସ ମହାପାତ୍ର, ଚନ୍ଦ୍ର ଶେଖର ପ୍ରଧାନ ପ୍ରମୁଖ ଏବଂ ମିଶନ ଶକ୍ତି ମହିଳା ଗୋଷ୍ଠୀ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁକାନ୍ତ ପାତ୍ର ଧନ୍ୟବାଦ ଦେଇଥିବା ବେଳେ ସମସ୍ତ କର୍ମଚାରୀ ସମ୍ମିଳନୀ ପରିଚାଳନା ରେ ସହଯୋଗ କରିଥିଲେ।

## ବାଲେଶ୍ୱର 'ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା' ଭାବେ ପୁରସ୍କୃତ



**ବାଲେଶ୍ୱର, ୩୧।୭ (ସମିସ):** ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ (ଓଏସବିଏ)ର ବାର୍ଷିକ ସାଧାରଣ ସଭାରେ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନକୁ ୨୦୨୫/୨୬ ଅଧିବେଶନ ପାଇଁ 'ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା' ଭାବେ ପୁରସ୍କୃତ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ମନୋରଞ୍ଜନ ପଣ୍ଡାଙ୍କୁ ମଧ୍ୟ ୨୦୨୫/୨୬ ସେସନର "ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବେ ସମ୍ମାନିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମର ଟେନିସ୍ ଅଡିଟୋରିୟମ୍ ରେ ଆୟୋଜିତ ଏହି ବୈଠକରେ ଓଏସବିଏ ବରିଷ୍ଠ ଉପସଭାପତି କାର୍ତ୍ତିକ ଦାସ, ସଚିବ ନଳୀନି କୁମାର ଓ କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା କ୍ରୀଡ଼ା ବିଭାଗ ଦ୍ୱାରା ବ୍ୟାଡମିଣ୍ଟନ ପାଇଁ ନିଯୁକ୍ତ ସୋନାଲି ଚାନ୍ଦ ସ୍ୱତନ୍ତ୍ର ଅତିଥି ଭାବରେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜିଲ୍ଲାର ଦୁଇ ଜଣ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସର୍ବଦା ତା'ର ଟୁର୍ଣ୍ଣାମେଣ୍ଟ ଆୟୋଜନ କ୍ଷମତା, ଦଳଗତ କାର୍ଯ୍ୟ ଏବଂ ରାଜ୍ୟ ଓ ଦେଶ ପାଇଁ ନୂତନ ବ୍ୟାଡମିଣ୍ଟନ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଉତ୍ସର୍ଗ, ପ୍ରୟାସ ଓ ପ୍ରତିବଦ୍ଧତା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସଫଳତା ପାଇଁ ବିଡିବିଏ ସଭାପତି ଚିନ୍ମୟ ବିଶ୍ୱାଳ ଓ ସଚିବ ମନୋରଞ୍ଜନ ପଣ୍ଡା ଆସୋସିଏସନର ସମସ୍ତ ସଦସ୍ୟ, ରାଜ୍ୟସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଖେଳାଳି, ଅଭିଭାବକ, ଜିଲ୍ଲା ପ୍ରଶାସନ ଓ ସମସ୍ତ ପ୍ରାୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ୨୦୨୪ ମସିହାରେ ମଧ୍ୟ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ସଂଘ "ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା' ଭାବରେ ବିଜେତା ହୋଇଥିଲା। ଏହା ଦ୍ୱାରା କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ସମ୍ମାନ ବାଲେଶ୍ୱର ଜିଲ୍ଲାକୁ ମିଳିଛି।

## ନୀଳଗିରି ଡାକ୍ତରଖାନା ସମ୍ମୁଖରେ ପ୍ରତିବାଦ ସଭା




**ନୀଳଗିରି, ୩୧।୭ (ସମିସ):** ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟର ବିଭିନ୍ନ ସମସ୍ୟାର ସମାଧାନ ସହିତ ବାଲେଶ୍ୱର ଏମସ ସାଟେଲାଇଟ୍ ସେଣ୍ଟର କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟ ସମ୍ମୁଖ ରେ ପ୍ରତିବାଦ ସଭା କରାଯାଇ ଥିଲା। ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟର ଏସଡିଏମଓ (ମୁଖ୍ୟ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଗୋପାଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନୀଳଗିରି ଡାକ୍ତରଖାନା ରେ ୪୯ ଟି ଡାକ୍ତର ପଦବୀ ଥିବା ସ୍ଥାନରେ ୧୪ ଜଣ ଡ଼ାକ୍ତର କାର୍ଯ୍ୟ କରୁଛନ୍ତି। ସେଇଭଳି ନର୍ସ ସିଷ୍ଟର, ଏଲ ଟି, ଫାର୍ମାସିଷ୍ଟ କମ୍ ଅଛନ୍ତି। ବହୁ ଡାକ୍ତର ଡେପୁଟେସନ ରେ ଯାଇଛନ୍ତି। ସେମାନଙ୍କୁ ଯାଥା ଶୀଘ୍ର ନୀଳଗିରି ଫେରାଇ ଅଣାଯାଉ ତତ୍ ସହିତ ନୀଳଗିରି ଡାକ୍ତରଖାନା ରେ ରୋଗୀ ଶଯ୍ୟା ସଂଖ୍ୟା ବଢାଇବା ଦରକାର। ବର୍ତ୍ତମାନ ଶଯ୍ୟା ସଂଖ୍ୟା ୭୦ ଅଛି, ଏହାକୁ ୧୪୦ କୁ ବୃଦ୍ଧି କରିବା ଦରକାର। ପ୍ରତିବାଦ ସଭାରେ କ୍ରିୟାନୁଷ୍ଠାନ କମିଟିର ନୀଳଗିରି ସମ୍ପାଦକ ବିଜୟ କୁମାର ପାତ୍ର ଡବଲ ଇଞ୍ଜିନି ସରକାର ର ବିଫଳତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଷ୍ଟାଲିନ୍ ମିଶ୍ର, ଯୋଗନନ୍ଦ ଦାଶ, ଅନିରୁଦ୍ଧ ବେହେରା ଦାବୀ ପୂରଣ ନହେଲେ ଆଗାମୀ ଦିନରେ ନୀଳଗିରି ରେ ଆନ୍ଦୋଳନ ତୀବ୍ର ହେବ ବୋଲି ପ୍ରକାଶ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ




**କାଳିପଦା, ୩୧।୭ (ସମିସ):** ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଶୁକ୍ରବାର ଅଣଶିକ୍ଷକ କର୍ମଚାରୀ ସୁଶ୍ରୀ ପ୍ରମିଳା ଗିରିଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଓଡ଼ିଆ ବିଭାଗ ମୁଖ୍ୟ ଡ଼ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହିତ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ବିଶ୍ୱାଳ ଯୋଗଦେଇ ବିଦାୟୀ ପ୍ରମିଳାଙ୍କ ଦୀର୍ଘ ୩୮ ବର୍ଷର କାର୍ଯ୍ୟକାଳକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଜଗଦୀଶ ଚନ୍ଦ୍ର ବିଶ୍ୱାଳ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଭାତ କୁମାର ଜେନା, ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଭାଂଶୁ କୁମାର ସି ବିଦାୟୀ କର୍ମଚାରୀଙ୍କ ଗୁଣଗାନ କରିଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର



**ଜଳେଶ୍ୱର ବ୍ଲକ, ୩୧।୭ (ସମିସ):** ଲଗାଣ ବର୍ଷାରେ ଭାଙ୍ଗିଲା ଘର ଅନ୍ବେକ ବର୍ତ୍ତିଲେ ପରିବାର ଲୋକ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆର୍ଡ ଗ୍ରାମ ପଞ୍ଚାୟତର ଖୁଆଡ଼ ଗ୍ରାମର ୯ ୱାର୍ଡ ପ୍ରଶାନ୍ତ କୁମାର ଗିରିଙ୍କ ଝାଟି ମାଟିର ଘର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସମ୍ପୁର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି। ଯାହା ଫଳରେ ପରିବାରର ୬ ଜଣ ସଦସ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଗୃହଟିଏ ଯୋଗାଇବାକୁ ଦାବି ହେଉଛି।

## ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ



**ବାଲେଶ୍ୱର, ୩୧।୭ (ସମିସ):** ଜିଲ୍ଲାରେ ହୋମଗାଡର୍ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ଆଶାୟୀ ପରୀକ୍ଷାର୍ଥୀମାନେ। ଏ ନେଇ ଆଜି ସେମାନେ ଡିଆଇଜିଙ୍କ ନିକଟରେ ସ୍ମାରକପତ୍ର ପ୍ରଦାନ କରି ପରୀକ୍ଷାକୁ ବାତିଲ୍ କରି ପୁନଃ ପରୀକ୍ଷା କରିବାକୁ ଦାବି କରିଛନ୍ତି। ୨୦୨୫ ଡିସେମ୍ବର ୧୪ ତାରିଖରେ ହୋମଗାଡର୍ ଲିଖିତ ପରୀକ୍ଷା ହୋଇଥିଲା। ସେଥିରେ ପ୍ରାୟ ୬ ହଜାର ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। କିଛି ମାସ ପରେ ଟ୍ରେଡ୍ ଟେଷ୍ଟ ଓ ଭାଇଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୫ ମାସ ପରେ ଅର୍ଥାତ୍ ଚଳିତବର୍ଷ ଜୁଲାଇ ୨୭ ତାରିଖରେ ଅଫଲାଇନ୍ ଫଳ ପ୍ରକାଶ କରାଯାଇଥିଲା। ଆଶାୟୀଙ୍କ ଅଭିଯୋଗ ଅନୁସାରେ, ଲିଖିତ ଓ ଟ୍ରେଡ୍ ରେ ଭଲ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ଭାଇଭା ରେ ମାତ୍ର ୫, ୬, ୭ ନମ୍ବର ଦେଇ ଅଯୋଗ୍ୟ କରାଯାଇଛି। ସେହିପରି ଲିଖିତ ପରୀକ୍ଷାରେ କମ୍ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ମନମୁଖି ଭାବେ ଅଧିକ ନମ୍ବର ଦେଇ ଯୋଗ୍ୟ ଘୋଷଣା କରାଯାଇଛି। ବିଜ୍ଞପ୍ତି ଅନୁସାରେ ମୋଟ ୧୯୭ଟି ପଦବୀ ଥିଲା। ସେଥିମଧ୍ୟରୁ ୧୮୮ ପୁରୁଷ ଓ ୯ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଚୂଡ଼ାନ୍ତ ତାଲିକାରେ ୧୯୬ ଜଣ ଯୋଗ୍ୟ ବୋଲି ଦେଖାଯାଇଥିଲା, ଯେଉଁଥିରେ ୫୨ ଜଣ ମହିଳା ଥିଲେ। ଏହା ସମ୍ପୂର୍ଣ୍ଣ ଭାବେ ନିୟମ ବିରୁଦ୍ଧ ବୋଲି ଆଶାୟୀମାନେ କହିଛନ୍ତି। ଏତଦ୍ ବ୍ୟତୀତ ଭାଇଭା ଦେଇଥିବା ଦୁଇ ଜଣ ପ୍ରାର୍ଥୀଙ୍କୁ ଅନୁପସ୍ଥିତ ଦର୍ଶାଯାଇଥିବା ବେଳେ ଜଣେ ପ୍ରାର୍ଥୀଙ୍କ ଭାଇଭାରେ 'ଏମ୍' ଲେଖାଯାଇ ମଧ୍ୟ ତାଙ୍କୁ ଚୟନ କରାଯାଇଛି। ଫଳ ପ୍ରକାଶର ଦୁଇ ଦିନ ମଧ୍ୟରେ ଅର୍ଥାତ୍ ୨୮ ରେ ସ୍ୱାସ୍ଥ୍ୟ ଓ ୨୯ ରେ ନିଯୁକ୍ତିପତ୍ର ଦେବା ତରବରିଆ ପ୍ରକ୍ରିୟା ସନ୍ଦେହକୁ ଆହୁରି ବଢ଼ାଇଛି। ଶିକ୍ଷା ସୁରକ୍ଷା ମଞ୍ଚର ସଂଯୋଜକ ଆଇନଜୀବି ରଘୁନାଥ ଲେଙ୍କାଙ୍କ ସହଯୋଗରେ ଆଶାୟୀମାନେ ଏହାକୁ ସମ୍ପୂର୍ଣ୍ଣ ଦୁର୍ନୀତି ବୋଲି ଅଭିହିତ କରି ତୁରନ୍ତ ନିଯୁକ୍ତିକୁ ରଦ୍ଦ କରି ପୁନଃ ସ୍ୱଚ୍ଛ ପରୀକ୍ଷା କରିବାକୁ ଦାବି କରିଛନ୍ତି।

## ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

**ଜଳେଶ୍ୱର, ୩୧।୭ (ସମିସ) :** ଜଳେଶ୍ୱର ପୌରାଞ୍ଚଳ ଅଧିନ ୯ ୱାର୍ଡ ରେ ପୂର୍ବରୁ ଏକ ଠିପି ବନ୍ଦ ମଦ ଦୋକାନ ଦୀର୍ଘଦିନ ଧରି ଚାଲି ଆସୁଥିଲା। ସରକାରଙ୍କ ଟେଣ୍ଡର ଅନୁସାରେ ଲକ୍ଷ୍ମଣନାଥ ନାଥ ପଞ୍ଚାୟତ, ପଞ୍ଚୁଘଣ୍ଟା ୯ ୱାର୍ଡ ରେ ପୂର୍ବ ଭଳି ମଦ ଦୋକାନ ଖୋଲିବା ନେଇ ସରକାର ଅନୁମତି ଦେଇଛନ୍ତି। କିନ୍ତୁ ନିକଟବର୍ତ୍ତୀ ଅଞ୍ଚଳରେ ଘରୋଇ ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ଥିବା ବେଳେ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଲକ୍ଷ୍ମଣନାଥ ପଞ୍ଚାୟତ ରେ ମଦ କାଉଣ୍ଟର ଖୋଲିବା ଲାଗି ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ଆଇଆଇସି, ଏସ୍‌ଡିପିଓ, ନଗରପାଳ, ବିଡିଓ, ତହସିଲଦାର, ଅବକାରୀ ବିଭାଗ, ବିଧାୟକ, ସାଂସଦ, ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସ୍ଥାନୀୟ କାଉନ୍‌ସିଲର ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ୬ନଂ କାଉନସିଲର ଚନ୍ଦନ ଦାସ, ମୋନାର ସଭାପତି ଅଶୋକ ଜେନା, ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀ, ସମାଜସେବୀ ଦୁର୍ଗାଶଙ୍କର ଆସ, ବିଧାୟକ ଟାଉନ ପ୍ରତିନିଧି ସତ୍ୟ ଦାସ ମହାପାତ୍ର, ଦୀପକ ପାତ୍ର, ଜଳନ୍ଧର ସାହୁ, ଅଜୟ ଦାସ ଯୋଗଦେଇ ମଦଦୋକାନ ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ଏସ୍‌ଆଇଆର୍ ଶୁଣାଣି କ୍ୟାମ୍ପ୍

ଜଳେଶ୍ୱର ବ୍ଲକ, ୩୧।୭ (ସମିସ): ଜଳେଶ୍ୱର ଜଳେଶ୍ୱର ବ୍ଲକର ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳରେ ଜନସାଧାରଣଙ୍କ ପାଇଁ ଏକ ବଡ଼ ଆଶ୍ୱାସନାପୂର୍ଣ୍ଣ ଲାଘବ ଘଟିଛି। ଏଣିକି ସଆଇଆର ସଂଶୋଧନ ଶୁଣାଣି ପାଇଁ ଲୋକଙ୍କୁ ଆଉ ୩୦ କିଲୋମିଟର ଦୂର ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟକୁ ଧାଇଁବାକୁ ପଡ଼ିଲା ନାହିଁ ନିଜ ଅଞ୍ଚଳରେ ହିଁ ଏହି ଶୁଣାଣି ସୁବିଧା ଉପଲବ୍ଧ ହେଲା ଆଜି ଶ୍ୟାମନଗର ଗ୍ରାମ ପଞ୍ଚାୟତ ଅଧିନସ୍ଥ ପୁରୁଷୋତ୍ତମ ବିଦ୍ୟା ନିକେତନ ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏସ୍‌ଆଇଆର ଶୁଣାଣି କ୍ୟାମ୍ପରେ ୪୫୦ରୁ ଉର୍ଦ୍ଧ ଭୋଟର ନିଜର ଭୋଟର ତାଲିକା ସମସ୍ୟାକୁ ସମାଧାନ ପାଇଁ ଉପସ୍ଥିତ ହୋଇ ସଠିକ ନଥିପତ୍ର ପ୍ରଦାନ କରିଥିଲେ। ଏହି କ୍ୟାମ୍ପରେ ଉପସ୍ଥିତ ରହିଥିଲେ ଜଳେଶ୍ୱର ଗୋଷ୍ଠୀ ସହକାରୀ ଉନ୍ନୟନ ଅଧିକାରୀ ସୁଧୀର କୁମାର ସାହୁ, ସଂଜୀବ କୁମାର ପାତ୍ର, ବିଏଲଓ ଝାଡେଶ୍ୱର ବାରିକ, ବାର୍ଣ୍ଣା ହାଂସଦା, ଶ୍ରୀମାତ ମୁର୍ମୁ, ବଳରାମ ଟୁଡୁ ଏବଂ ବିଏଲଓ ସୁପରଭାଜର ରାଧାକାନ୍ତ ସିଂ, ସରପଞ୍ଚ ଗିରିଜା ଶଙ୍କର ସାସମାଲ, ଉଦୟ ନାଥ ମୁର୍ମୁ, ଶରତ ସାସମଲ, ରାଜକିଶୋର ପାତ୍ର, ଅହୀନ ପାତ୍ର, ସୁଶୀଲ ମହାନ୍ତ, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧା ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ନିରାପତ୍ତା ସଚେତନତା ଶିବିର

**ଜଳେଶ୍ୱର, ୩୧।୭ (ସମିସ):** ଜଳେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ସେଲ ଦ୍ୱାରା ଆୟୋଜିତ ସାଇବର ନିରାପତ୍ତା ଏବଂ ଆହ୍ୱାନ ସଚେତନତା ଶିବିର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଲିପ୍ସା ଦାସ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁସ୍ମିତା ପାତ୍ର ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଦିବ୍ୟାଭାରତୀ ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ରାଜନୀତି ବିଜ୍ଞାନ ବିଭାଗୀୟ ଅଧ୍ୟାପିକା ରାଜଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଧାରଣା

×ବାଲେଶ୍ୱର, ୩୧।୭ (ସମିସ): ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ଫକୀରମୋହନ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗଣଧାରଣା କରାଯାଇଛି। ଧାରଣାକାରୀମାନେ ବାଲେଶ୍ୱର ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦାବି କରିଥିଲେ। କମିଟି ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ନିରଞ୍ଜନ ରାଉତ ସଭାରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ଦାସ କହିଲେ, ବାଲେଶ୍ୱରରେ ହୃଦରୋଗ, ସ୍ନାୟୁରୋଗ ଆଦି ଗୁରୁତର ରୋଗର କୌଣସି ଚିକିତ୍ସା ବ୍ୟବସ୍ଥା ନାହିଁ। ଫକୀରମୋହନ ମେଡିକାଲ୍ କଲେଜରେ ମଧ୍ୟ ବହୁ ବିଭାଗ ଖୋଲାଯାଇ ପାରିନାହିଁ। ତେଣୁ ଉନ୍ନତ ଚିକିତ୍ସା ପାଇଁ ବାଲେଶ୍ୱର ରୋଗୀମାନେ କଟକ ଓ ଭୁବନେଶ୍ୱର ଯିବାକୁ ବାଧ୍ୟ ହେଉଛନ୍ତି। ଧାରଣାରେ ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ, ସୁଧାଂଶୁ ପରିଡ଼ା, ଓକିଲ ସଂଘ ସଭାପତି ମନୋଜ ନାୟକ, ଡ. କେଶବ ଚରଣ ପଣ୍ଡା ଅନ୍ୟମାନେ ପ୍ରମୁଖ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ଦାବି କରିଥିଲେ। ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଅଗଷ୍ଟ ୧ ତାରିଖରେ ଏମ୍ସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ



ଗଣବିକ୍ଷୋଭ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ଜେନା ଓ ପ୍ରଶାସନିକ ଅଧିକାରୀ ଅନିତା ନାୟକ ଆନ୍ଦୋଳନକାରୀଙ୍କଠୁ ଦାବିପତ୍ର ଗ୍ରହଣ କରିଥିଲେ। ରଘୁନାଥ ଲେଙ୍କା ଧନ୍ୟବାଦ ଅର୍ପଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବନ୍ୟା ଉଜାଡ଼ି ଦେଲା ନଳିତା ଚାଷ; ଚାଷୀ ମୁଣ୍ଡରେ ଚଡ଼କ

**କାଳିପଦା, ୩୧।୭ (ସମିସ)**



ଲଗାଣ ବର୍ଷା ଓ ସୁବର୍ଣ୍ଣରେଖା ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକର ହେକ୍ଟର ହେକ୍ଟର ନଳିତା ଓ ପରିବା ଚାଷ ଉଜୁଡି ଯାଇଛି। ବନ୍ୟା ଥମିବା ସତ୍ତ୍ୱେ ବିଲରେ ବନ୍ୟା ପାଣି ଜମି ରହିଛି। ଚାଷ କ୍ଷତି ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସରକାର କ୍ଷୟ କ୍ଷତିର ଆକଳନ କରି କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ନଳିତା ଚାଷ ଖୁବ ଭଲ ହୋଇଥିଲା। ସରକାରୀ ବିହନ ବିକ୍ରୟ କେନ୍ଦ୍ରରୁ ଉଭୟେ ମିଠା ଓ ପିତା ନଳିତା ମଞ୍ଜି କ୍ରୟ କରି ଚାଷୀ ଚାଷ କରିଥିଲେ। କେତେକ ଚାଷୀ ଚାଷ ପାଇଁ ଜାତୀୟକରଣ ବ୍ୟାଙ୍କ ଓ ସେବା ସମବାୟ ସମିତିରୁ ଏଥିପାଇଁ ଋଣ ଆଣିଥିଲେ। ଏବେ ଚାଷ ଉଜୁଡି ଯିବାରୁ ଋଣ ସୁଝି ପାରିବେ ନାହିଁ ବୋଲି ଅନନ୍ତ କୁମାର ଜେନା, ଲୋକନାଥ ଦଳାଇ, ମହେଶ୍ୱର ଗଙ୍ଗାଇ, ଭୀଷ୍ମ ଚରଣ ଦାସ, ମୁକୁନ୍ଦ ମୁରାରୀ ସେଣ, ଶରତ ଚନ୍ଦ୍ର ପ୍ରଧାନ, ସୁବୋଧ କୁମାର ପାତ୍ର, ପର୍ଶୁରାମ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ନଳିତା ଏକ ଅର୍ଥକାରୀ ଫସଲ ହୋଇ ଥିବାରୁ ପ୍ରାୟେ ଅଣି ଦଶକରୁ ସୁବର୍ଣ୍ଣ ରେଖା ନଦୀ ଅବବାହିକା କୁମ୍ଭୀର, ନିଖିରା, ଶ୍ରୀରାମ ପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମ କୁଣ୍ଡା ଆଦି ପଞ୍ଚାୟତରେ ପ୍ରଚୁର ପରିମାଣରେ ଚାଷୀ ଚାଷ କରିଥାନ୍ତି। ତିନି ଦିନ ଧରି ବର୍ଷା ଓ ବନ୍ୟା ପାଣିରେ ନଳିତା ଗଛ ଗୁଡିକ ବୁଡି ରହିବା ଯୋଗୁଁ ଏବେ ଗଛ ଗୁଡିକ ପଚିବା ଆରମ୍ଭ କରିଛି। ସେହିପରି ବର୍ଷା ଓ ବନ୍ୟା ଯୋଗୁଁ ଚାଷୀଙ୍କ ପରିବା ଚାଷ ଉଜୁଡି ଯାଇଛି କହିଲେ ଚଳେ। ବାଇଗଣ, ପୋଇ, ଭେଣ୍ଡି, କଲରା, କଖାରୁ, ଜହ୍ନି, କାକୁଡି ଆଦି ଚାଷ ଜମିରେ ବନ୍ୟା ପାଣି ପଶିବା ଫଳରେ ଗଛ ଗୁଡିକ ପଚି ଶୁଖିବାକୁ ଲାଗିଛି। ଫଳ ଧରିବା ସମୟରେ ଚାଷ ନଷ୍ଟ ହୋଇ ଯାଇ ଥିବାରୁ ଚାଷୀ ଅଧିକ କ୍ଷତିର ସମ୍ମୁଖୀନ ହୋଇଥିବା କୁହାଯାଇଛି।

# ବନ୍ୟା ଧୋଇଦେଲା ରାସ୍ତା





ତେଲକୋଇ, ୩୧ା୭ (ସମିସ)

ଗତ ଲଗାଣ ବର୍ଷା ଓ ବନ୍ୟା ପ୍ରଭାବରେ ତେଲକୋଇ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ପୋଡାଙ୍ଗ ପଞ୍ଚାୟତ ଟେଣ୍ଟେଇନାଳି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନ ଧୋଇ ଯାଇଛି । ଏହାଫଳରେ ଟେଣ୍ଟେଇ ନାଳର ପୋଲ ଦେଇ ଯାତାୟାତ ବ୍ୟାହତ ହୋଇଛି । ଟେଣ୍ଟେଇନାଳି ଗ୍ରାମବାସୀ ବିଡିଓଙ୍କୁ ଭେଟି ରାସ୍ତା ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି । ସୂଚନା ଅନୁସାରେ, ବେଣା ଗ୍ରାମଠାରୁ ଟେଣ୍ଟେଇନାଳିକୁ ସଂଯୋଗ କରୁଥିବା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବାବେଳେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହା ଭାଙ୍ଗି ଯାଇଛି । ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ସରିବାରେ ନାଁ ଧରୁନି । କେତେକ ସ୍ଥାନରେ ପୋଲ ନିର୍ମାଣ ହୋଇଥିବା ବେଳେ ଅପ୍ରୋଚ ରାସ୍ତା ବହୁ ତଳକୁ ଦବି ଯାଇଛି । ଅନେକ ସ୍ଥାନରେ ପଡ଼ିଥିବା ମେଟାଲ ମଧ୍ୟ ଧୋଇଯାଇଛି । ଟେଣ୍ଟେଇନାଳି ଗ୍ରାମରେ ୮୦ରୁ ଅଧିକ ଜୁଆଙ୍ଗ ଜନଜାତି ପରିବାର ବସବାସ କରୁଥିବା ବେଳେ ତୁରନ୍ତ ଗମନାଗମନ ସମସ୍ୟା ସମାଧାନ କରିବାପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଟେଣ୍ଟେଇନାଳିକୁ ଚଳାଚଳ ବ୍ୟାହତ ୧୦ କିମି ବୁଲାଇ ଗର୍ଭବତୀଙ୍କୁ ନେଲେ ମେଡିକାଲ

ଆଜି ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ବେଦନା ଆସିବାରୁ ପରିବାର ଲୋକ ଓ ଗ୍ରାମବାସୀ ଜଙ୍ଗଲ ମଧ୍ୟରେ ଏକ ବିକଳ୍ପ ରାସ୍ତାରେ ଓଢଣା ରାଙ୍କୀ ଦେଇ ସାଙ୍କୁଇ ରାସ୍ତାରେ ପହଞ୍ଚିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତେଲକୋଇ ମେଡିକାଲକୁ ଆଣିଥିବା ଜଣାପଡ଼ିଛି । ୩ କିମି ବଦଳରେ ଦୀର୍ଘ ୧୦ କିମି ରାସ୍ତା ବୁଲିବାକୁ ପଡ଼ିଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି । ଜରୁରିକାଳୀନ ସମସ୍ୟାକୁ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି ।

---

## ବେକାର ଜୁଆଙ୍ଗ ଯୁବକଯୁବତୀଙ୍କ ଥଇଥାନ, କର୍ମନିଯୁକ୍ତି ଦାବି

କେନ୍ଦୁଝର, ୩୧ା୭ (ସମିସ): ଏଆଇଟିୟୁସି କେନ୍ଦୁଝର ଜିଲ୍ଲା କମିଟି ତରଫରୁ କେନ୍ଦୁଝରର ଜନଜାତି ଜୁଆଙ୍ଗ ବେକାର ଯୁବକ ଯୁବତୀ ଏବଂ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ତୁରନ୍ତ ପୁନର୍ବାସ, ସ୍ଥାନୀୟ ନିଯୁକ୍ତି, ଆର୍ଥିକ ସହାୟତା ବ୍ୟବସ୍ଥା କରିବାକୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ତାମିଲନାଡୁର ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କାରଖାନାରେ ବିଷାକ୍ତ ଗ୍ୟାସ୍/ବିଷକ୍ରିୟା ଜନିତ ଦୁର୍ଘଟଣା ହେତୁ ୧୪ ଜଣ ନିରୀହ ଆଦିବାସୀ ଜୀବନ ହରାଇଛନ୍ତି । ରାଜ୍ୟ ଶ୍ରମ ବିଭାଗର ହସ୍ତକ୍ଷେପରେ ୮୪ ଜଣ ଶ୍ରମିକ ଫେରିଥିବାବେଳେ ଜଣେ ଶ୍ରମିକ ଏବେ ମଧ୍ୟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଅତି ଦୁର୍ବଳ ଆର୍ଥିକ ସ୍ଥିତିରେ ରହିଥିବା ଏହି ଜୁଆଙ୍ଗ ଜନଗୋଷ୍ଠୀଙ୍କର ସୁରକ୍ଷା ଏବଂ ସ୍ଥାୟୀ ଜୀବିକା ବ୍ୟବସ୍ଥା ପାଇଁ ଅଲ୍‌ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ ତରଫରୁ ଦାବି କରାଯାଇଛି । ଜଙ୍ଗଲ ବିଭାଗରେ ବନୀକରଣ, ଜଙ୍ଗଲ ସୁରକ୍ଷା ଏବଂ ନର୍ସରୀ ପରିଚାଳନାରେ ତୁରନ୍ତ ସ୍ଥାନୀୟ ଚାକିରି ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ସ୍ଥାନୀୟ ଖଣି ଲିଜ୍‌ଧାରୀ ଏବଂ ଶିଳ୍ପଗୁଡ଼ିକୁ ଏହି ଯୁବକମାନଙ୍କୁ ଗୋଷ୍ଠୀ ବିକାଶ ଏବଂ ପାର୍ଶ୍ୱବର୍ତ୍ତୀ କଲ୍ୟାଣମୂଳକ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ବାଧ୍ୟତାମୂଳକ କରାଯାଉ, ଦୁଗ୍ଧ ଚାଷ, ଛେଳି ପାଳନ ଏବଂ ଆନୁଷଙ୍ଗିକ କୃଷି ୟୁନିଟ୍ ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନ ସିଧାସଳଖ ସହାୟତା ପ୍ରଦାନ, ଆତ୍ମନିଯୁକ୍ତି ବ୍ୟବସ୍ଥା ପାଇଁ ପ୍ରାରମ୍ଭିକ ପୁଞ୍ଜି ପ୍ରଦାନ ଆଦି ଦାବି ସହ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଏଆଇଟିୟୁସିର କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ସ୍ମାରକପତ୍ରରେ ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ସାମ୍ବାଦିକ ସରୋଜ ବେହେରାଙ୍କ ପରଲୋକ

ଶୁକ୍ଳି, ୩୧ା୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକର ସାମ୍ବାଦିକ ସରୋଜ ବେହେରାଙ୍କ ଆଜି ଅପରାହ୍ନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୪୬ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ସାମ୍ବାଦିକ ମହଲ, ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ସରୋଜ ବେହେରା କିଛିବର୍ଷ ଧରି ଏକ ଅଜ୍ଞାତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକାଧିକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ସେ ବଜାରରେ ଚଲାବୁଲା କରୁଥିଲେ । ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଶୁକ୍ଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଶୁକ୍ଳି ବ୍ଲକର କଖାରୁପନା ଗ୍ରାମର ବାସିନ୍ଦା ସ୍ୱର୍ଗତ ବେହେରା ପ୍ରଥମେ ଓଟିଭିର କରଞ୍ଜିଆ ପ୍ରତିନିଧି ଭାବେ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ । ପରେ ୨୦୦୯ରୁ ଦୈନିକ "ସମାଜ' ସହ ଯୋଡ଼ି ହୋଇଥିଲେ । ପରବର୍ତ୍ତୀ ସମୟରେ ସେ କଳିଙ୍ଗ ଟିଭିର କରଞ୍ଜିଆ ଉପଖଣ୍ଡ ପ୍ରତିନିଧି ଭାବେ ମଧ୍ୟ କାର୍ଯ୍ୟରତ ଥିଲେ । ସାମ୍ବାଦିକତା ସହ ସାମାଜିକ କାର୍ଯ୍ୟକଳାପରେ ମଧ୍ୟ ସେ ସକ୍ରିୟ ଥିଲେ । ତାଙ୍କ ଉଦ୍ୟମରେ ୨୦୧୨ରେ ଖିଚିଂ ମହୋତ୍ସବର ଶୁଭାରମ୍ଭ ହୋଇଥିଲା । ତାଙ୍କ ବିୟୋଗରେ ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ଶୁକ୍ଳି ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ ଓ ସାମ୍ବାଦିକ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।



- କାନ୍ଥ ପଡ଼ି ଭାଙ୍ଗିଛି ଦୁଇ ଗୋଡ଼

## ଅର୍ଥ ଅଭାବରୁ ଚିକିତ୍ସା ନ ପାଇ ଘରକୁ ଫେରିଲେ ଦୁକା

ମହୁଲଡିହା,୩୧ା୭ (ସମିସ): ଠାକୁରମୁଣ୍ଡା ବ୍ଲକ୍ ହାଣ୍ଡିଫୁଟା ଗ୍ରାମ ଯୋଡାମ୍ବ ସାହି ନିକଟରେ ଥିବା ଦୁକା ନାଏକଙ୍କ ଘର କାନ୍ଥ ଖସି ପଡ଼ିବାରୁ ଦୁକାଙ୍କ ୨ ଗୋଡ଼ ଭାଙ୍ଗିଯାଇଥିଲା । ୨୯ ତାରିଖ ସକାଳ ୬.୩୦ରେ ଦୁର୍ଘଟଣା ପରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅଧିକ ଚିକିତ୍ସା ଆବଶ୍ୟକ ଥିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ଡାକ୍ତର । ସଠାରେ କୌଣସି ଚିକିତ୍ସା ନ କରି କଟକ ବଡ଼ ଡାକ୍ତରଖାନାକୁ ରେଫର କରାଗଲା । ଦୁକା ଓ ତାଙ୍କ ପରିବାର ନିକଟରେ ଅର୍ଥ ନ ଥିବାରୁ ଫେରି ଆସିଲେ ଗାଁକୁ । ଚିକିତ୍ସା ନ ପାଇ ଭଙ୍ଗା ଗୋଡ଼ ବାଙ୍କି ଗଲାଣି । କଷ୍ଟ ଭୋଗୁଛନ୍ତି ଦୁକା । ଏ ସମୟରେ ପ୍ରଶାସନ ତାଙ୍କୁ ସହାୟତାର ହାତ ବଢାଇବା ପରିବର୍ତ୍ତେ ହତାଦର କରିଛି । ଆବଶ୍ୟକ ସ୍ଥଳେ ଆନ୍ତତଃ ପକ୍ଷେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ମିଳିଥିଲେ ଦୁକା ଚିକିତ୍ସା ପାଇପାରିଥା'ନ୍ତେ । ଏଠି ଲୋକଙ୍କ ସରକାରରେ ଗାଁ ଗହଳିରେ ଅସହାୟଙ୍କୁ ଚେରମୂଳି ଚିକିତ୍ସା କରିବା ପାଇଁ ବାଧ୍ୟ କରାଯାଉଛି । ସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା ସୁବିଧା ଥିଲେ ସୁଦ୍ଧା ପରିବାର ଲୋକ ପାଖରେ ରହିବା, ଯାତାୟାତ ପାଇଁ ଅର୍ଥ ନ ଥିବାରୁ କଟକ ଯିବା ପାଇଁ ସାହସ କରିପାରିନଥିଲେ । ଦୁକାଙ୍କ ବୁଢ଼ୀ ମାଆ ଓ ଭାଇଙ୍କ ପରିବାର ଅଛନ୍ତି । ଭାଇ ପରିବାର ହାତରେ ଅର୍ଥ ନ ଥିବାରୁ ଫେରାଇ ଆଣିଲେ ବୋଲି ଦୁକାଙ୍କ ମାଆ କହିଛନ୍ତି ।



- ଶଙ୍କରାୟ ନଦୀରେ ଭାସିଯାଇଥିଲେ ଚାଷୀ

## ତିନିଦିନ ପରେ ଗଳିତ ମୃତଦେହ ଉଦ୍ଧାର

ବାରିପଦା,୩୧ା୭ (ସମିସ): ବାଙ୍ଗିରିପୋଷି ବ୍ଲକ ଭୂଆଁଶୁଣୀ ପଞ୍ଚାୟତ ରାୟାଁ ଗ୍ରାମର ପାରାଉ ସୋରେନର ପୁଅ ଭାଗନ (୩୫) ମଙ୍ଗଳବାର ଲଘୁଚାପ ବର୍ଷା ସମୟରେ ଚାଷ ଜମିକୁ ଚାଷ କରିବା ପାଇଁ ଶଙ୍କରାୟ ନାଳ ପାର ହୋଇଯାଇଥିଲେ । ଭାଗନ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିବାରୁ ଘରଲୋକ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ । ଭାଗନଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ । ପରେ ବୁଧବାର ତାଙ୍କ ଭାଇ ରଳିଆ ସୋରେନ ଥାନାରେ ଭାଗନ ନିଖୋଜ ହୋଇଥିବା ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ଖୋଜାଖୋଜି ଆରମ୍ଭ କରିଥିଲା । ତେବେ ଗୁରୁବାର ଅପରାହ୍ନ ସମୟରେ ଭୂଆସୁଣୀ ଗାଁ ପାଖ ଶଙ୍କରାୟ ନଦୀରେ ମୃତଦେହ ଭାସୁଥିବା ଖବର ପାଇ ଗାଁ ଲୋକେ ବାଙ୍ଗିରିପୋଷି ଥାନା ସହିତ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀ ସହିତ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ । ମୃତଦେହ ଭାଗନଙ୍କର ବୋଲି ପରିବାର ଲୋକ ଚିହ୍ନଟ କରିଥିଲେ । ଏ ନେଇ ବାଙ୍ଗିରିପୋଷି ଥାନାରେ ଅପମୃତ୍ୟୁ ମାମଲା ରୁଜୁ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



---

### ସାମାନ୍ୟ ବନ୍ୟାରେ ଯୋଗାଯୋଗ ବିଚ୍ଛିନ୍ନ

## ରାସ୍ତା ଓ ପୋଲର ଉଚ୍ଚତା ବୃଦ୍ଧି ନିଷ୍ପତ୍ତି



ବାରିପଦା, ୩୧ା୭ (ସମିସ): ସାମାନ୍ୟ ବନ୍ୟାରେ ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳର ସମସ୍ୟାର ହେବ ସ୍ଥାୟୀ ସମାଧାନ । ସମ୍ପୃକ୍ତ ଅଞ୍ଚଳର ବୁଡ଼ିଯାଉଥିବା ରାସ୍ତା ଉଚ୍ଚ କରାଯିବା ସହିତ ଉଚ୍ଚ ପୋଲ ନିର୍ମାଣ କରାଯିବ । ଚଳିତ ବନ୍ୟାରେ ଏଭଳି ସ୍ଥାନର ସର୍ଭେ କରାଯାଉଛି । ଏହାପରେ ଡିପିଆର ପ୍ରସ୍ତୁତ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପରବର୍ତ୍ତୀ ପଦକ୍ଷେପ ନେବାକୁ ଯାଉଛି ବୋଲି ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଆଭାସୀ ବୈଠକ ପରେ ସେ ଏପରି ସୂଚନା ଦେଇଛନ୍ତି । ବଣ, ପାହାଡ଼ ଘେରା ମୟୂରଭଞ୍ଜ ଜିଲ୍ଲାର ବିସ୍ତୃତ ଅଞ୍ଚଳରେ ଗାଁଗୁଡିକ ଅବସ୍ଥିତ । ଯୋଗାଯୋଗ ପାଇଁ ବହୁ ପୂର୍ବରୁ ନିର୍ମିତ ରାସ୍ତା ଏବେ ବନ୍ୟା ସମୟରେ ସମସ୍ୟା ଆଣୁଛି । ସାମାନ୍ୟ ବନ୍ୟା ପାଇଁ ଗ୍ରାମବାସୀ ଯୋଗାଯୋଗ ଅଭାବରୁ ପାଣିଘେରରେ ୨/୩ ଦିନ ରହୁଛନ୍ତି । ଏପରି ସ୍ଥଳେ ଜରୁରୀ ସେବା ଯୋଗାଇବା ସହ ଉଦ୍ଧାରରେ ପ୍ରଶାସନକୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷ ଭାବେ ଜିଲ୍ଲାର ବଡ଼ସାହି, ବେତନଟୀ, ରାସଗୋବିନ୍ଦପୁର, ମୋରଡା, ଉଦଳା, କପ୍ତିପଦା, ଠାକୁରମୁଣ୍ଡା, ବାଙ୍ଗିରିପୋଷି, ଶାମାଖୁଣ୍ଟା, ଖୁଣ୍ଟା, ଗୋପବନ୍ଧୁନଗର, ବିଶୋଇ, ବିଜାତଳା, ଠାକୁରମୁଣ୍ଡା, କୁସୁମୀ, ରରୁଆଁ ଓ ଯଶିପୁର ଆଦି ବ୍ଲକରେ ବିଭିନ୍ନ ଗ୍ରାମରେ ଉପରୋକ୍ତ ସମସ୍ୟା ରହିଛି । ବୁଢାବଳଙ୍ଗ, ଗଙ୍ଗାହାର, ସୋନ, ଜମ୍ବୀରା(ଜଳକା), ସୁବର୍ଣ୍ଣରେଖା, ଭଣ୍ଡନ, ବୈତରଣୀ, ଦେଓ, ଖଡଖାଇ, ବାଉଁଶ ଆଦି ନଦୀରେ ସାମାନ୍ୟ ବନ୍ୟାରେ ଯୋଗାଯୋଗ ବିଚ୍ଛିନ୍ନ ମୁଖ୍ୟ ସମସ୍ୟା ଦେଖାଦେଇଛି । ବନ୍ୟା ସମୟରେ ରାସ୍ତା ପାରିବେଳେ ମୃତାହତ ଘଟୁଛି । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା ସମୟରେ ଉପରୋକ୍ତ ସମସ୍ୟା ସ୍ଥାୟୀ ସମାଧାନ ପାଇଁ ନିର୍ଦ୍ଦେଶ

### ସର୍ଭେ ପରେ ଡିପିଆର:ଜିଲ୍ଲାପାଳ

ଦେଇଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି ।

ସେହିପରି ଚଳିତ ବନ୍ୟାର ବିବରଣୀ ପ୍ରଦାନ ସହିତ ଏ ପର୍ଯ୍ୟନ୍ତ ଶୂନ୍ୟ ମୃତାହତ ପାଇଁ ସେ ସମସ୍ତ ଅଧିକାରୀ/କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରାଧୀନ, ଫସଲ ନଷ୍ଟ ସମ୍ପର୍କରେ ରାଜସ୍ୱ ଓ କୃଷି ବିଭାଗ ମିଳିତ ରିପୋର୍ଟ ବନ୍ୟା ପାଣି କମିବା ପରେ ପ୍ରଦାନ କରିବେ କହିଛନ୍ତି । ପ୍ରମୁଖ ନଦୀର ବନ୍ୟା ଜଳ ବିପଦ ସଙ୍କେତଠାରୁ ଯଥେଷ୍ଟ ତଳେ ପ୍ରବାହିତ ହେଉଛି ବୋଲି କହିଛନ୍ତି । ତେବେ ଆସନ୍ତା ୨ ତାରିଖରେ ଆଉଏକ ଲଘୁଚାପ ପାଇଁ ଉତ୍ତର ଓଡ଼ିଶା ସମେତ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ପ୍ରସ୍ତୁତ ରହିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚେନ୍ନାଇରେ ପୁଣି ଜଣେ ଦାଦନ ଶ୍ରମିକ ମୃତ



ଆନନ୍ଦପୁର, ୩୧ା୭ (ସମିସ): ଘଷିପୁରା ବ୍ଲକ ଖଲଣା ପଞ୍ଚାୟତ ଆଗରଦା ଗ୍ରାମର ସ୍ୱର୍ଗତ ଦାଶରଥୀ ଜେନାଙ୍କ ପୁଅ ମହେନ୍ଦ୍ର (୫୭) କାର୍ଯ୍ୟ ଅନ୍ୱେଷଣରେ ଚେନ୍ନାଇକୁ ଦାଦନ ଶ୍ରମିକ ଭାବେ ଯାଇଥିଲା ବେଳେ ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରି ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । କେନ୍ଦୁଝର ଜିଲ୍ଲାରେ କାମଧନ୍ଦାର ସୁଯୋଗ ନ ପାଇଁ ଯୁବକ ଯୁବତୀ ବାହାର ରାଜ୍ୟକୁ ଖଟିବାକୁ ଯାଉଛନ୍ତି । ସେଠାରେ ଏଭଳି ଅନେକ ଲୋକ ନିଖୋଜ ହେଉଛନ୍ତି ତ ଆଉ ବହୁ ସଂଖ୍ୟାରେ ମୃତ୍ୟୁ ତାଲିକା ବଢ଼ି ବଢ଼ି ଯାଉଛି । ଏହି ଜିଲ୍ଲାରୁ ଜଣେ ଆଦିବାସୀ ନେତା ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାର ଆଦିବାସୀଙ୍କ ନିଯୁକ୍ତି ସୁଯୋଗ ନିମନ୍ତେ ଠୋସ୍ ଯୋଜନା କିମ୍ବା ପଦକ୍ଷେପ ଗ୍ରହଣ କରଯାଉ ନଥିବା ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ । ସୂଚନା ଅନୁସାରେ, ମହେନ୍ଦ୍ର ପରିବାରର ଏକମାତ୍ର ବ୍ୟକ୍ତି ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ପରିବାର ମହେନ୍ଦ୍ରଙ୍କୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା କହିଛନ୍ତି ଗ୍ରାମବାସୀ । ପରିବାର ଲୋକେ ଅସହାୟ ହୋଇ ପଡ଼ିଥିବା ସହ ଯୁକ୍ତ ଦୁଇରେ ପଢୁଥିବା ତାଙ୍କ ଝିଅ ଓ ଦଶମ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ, ବାପା ଛେଉଣ୍ଡ ହୋଇ ଯାଇଛନ୍ତି । ସ୍ଥାନୀୟ ବାସିନ୍ଦା ଟିକନ ମାଝୀ ଏ ସଂକ୍ରାନ୍ତରେ ତଦନ୍ତ ପୂର୍ବକୁ ସରକାର ଉକ୍ତ ପରିବାରକୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ରାଇରଙ୍ଗପୁର ପୁଲିସ୍‌ରେ ବଦଳି

ରାଇରଙ୍ଗପୁର, ୩୧ା୭ (ସମିସ) ପ୍ରଶାସନିକ ଆବଶ୍ୟକତା ଓ ଜନସେବା ସ୍ୱାର୍ଥରେ ରାଇରଙ୍ଗପୁର ପୁଲିସ୍ ବିଭାଗରେ ବଦଳି ହୋଇଛି । ଶୁକ୍ରବାର ନୂତନ ପୁଲିସ ଜିଲ୍ଲା ସ୍ଥାପନ ବୋର୍ଡ ବୈଠକର ସୁପାରିଶ କ୍ରମେ ବଦଳି ଆଦେଶ ଜାରି ହୋଇଛି । ୧୪ ଜଣ ଇନ୍ସପେକ୍ଟର ଓ ସବ୍‌ଇନ୍ସପେକ୍ଟରଙ୍କୁ ବଦଳି କରାଯାଇ ତୁରନ୍ତ ନୂଆ କାର୍ଯ୍ୟସ୍ଥଳରେ ଯୋଗ ଦେବାକୁ କୁହାଯାଇଛି । ଇନ୍ସପେକ୍ଟର ରାଜେଶ ସେଠୀଙ୍କୁ ଜାମଦା ଥାନାରୁ ଯଶିପୁର ଥାନା, ଇନ୍ସପେକ୍ଟର ସଞ୍ଜୁକ୍ତା ମହାଲିକଙ୍କୁ ଯଶିପୁରରୁ ବାଦାମପାହାଡ଼ ଥାନା, ଏସ୍‌ଆଇ କେ କେ ହେମ୍ବ୍ରମଙ୍କୁ ବାଦାମପାହାଡ଼ରୁ ରାଇରଙ୍ଗପୁର ଟାଉନ ଥାନା, ଇନ୍ସପେକ୍ଟର ବୀରେନ୍ଦ୍ର ରାଉତଙ୍କୁ ଘାଗରବେଡାରୁ ମହୁଲଡିହା ଥାନା, ଇନ୍ସପେକ୍ଟର ତୁଷାର ନାୟକଙ୍କୁ ମହୁଲଡିହାରୁ ଘାଗରବେଡା ଥାନା, ଇନ୍ସପେକ୍ଟର ସୁବର୍ଣ୍ଣା ବେହେରାଙ୍କୁ ହେଡ କ୍ୱାର୍ଟରରୁ ବିଶୋଇ ଥାନା, ଇନ୍ସପେକ୍ଟର ଶରତ ଦାସଙ୍କୁ ବିଶୋଇରୁ ଟ୍ରାଫିକ୍ ୟୁନିଟ୍ ରାଇରଙ୍ଗପୁର, ଇନ୍ସପେକ୍ଟର ଶରତ ମହାଲିକଙ୍କୁ ଟ୍ରାଫିକ୍ ୟୁନିଟ୍‌ରୁ ଠାକୁରମୁଣ୍ଡା ଥାନା, ଏସ୍‌ଆଇ ସାବିତ୍ରୀ ଦଲେଇଙ୍କୁ ଠାକୁରମୁଣ୍ଡାରୁ ଜାମଦା ଥାନା, ଏସ୍‌ଆଇ ବିବେକାନନ୍ଦ ବେହେରାଙ୍କୁ ରରୁଆଁରୁ ବିଶୋଇ ଥାନା, ଏସ୍‌ଆଇ ରସ୍ମିତା ଦାସଙ୍କୁ ବିଶୋଇରୁ ବାଦାମପାହାଡ଼ ଥାନା, ଏସ୍‌ଆଇ ଜୟନ୍ତ କୁମାର ସେଠୀଙ୍କୁ ଯଶିପୁରରୁ ଠାକୁରମୁଣ୍ଡା ଥାନା, ଏସ୍‌ଆଇ ରୀତାଞ୍ଜଳି ଦାସଙ୍କୁ ଠାକୁରମୁଣ୍ଡାରୁ କରଞ୍ଜିଆ ଥାନା, ଏସ୍‌ଆଇ ଭାରତୀ ବାରିକଙ୍କୁ କରଞ୍ଜିଆରୁ ରରୁଆଁ ଥାନାକୁ ବଦଳି କରାଯାଇଛି ।

## କାନପୁର କେନାଲରୁ ଦୁଇ ଉଦ୍ଧାର

କେନ୍ଦୁଝର/ଯୋଡ଼ା,୩୧ା୭ (ସମିସ): କାନପୁର ବୃହତ ଜଳସେଚନ ପ୍ରକଳ୍ପ କେନାଲରେ ଗାଧୋଇବା ସମୟରେ ପ୍ରବଳ ସ୍ରୋତରେ ଭାସି ଯାଉଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ବିଲେଇପଦା ଅଗ୍ନିଶମଦଳ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । କେନାଲରୁ ଉଭୟ ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରି ଏକ ବଡ଼ ବିପତ୍ତିକୁ ଟାଳି ଦେଇଥିଲେ । ବର୍ତ୍ତମାନର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ନଦୀ, କେନାଲ, ବନ୍ଧ, ଜଳାଶୟ କିମ୍ବା ଅନ୍ୟ କୌଣସି ଜଳଉତ୍ସ ମଧ୍ୟକୁ ନଯିବା ପାଇଁ ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ନିବେଦନ କରିଛି ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୩୧ା୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଶିକ୍ଷକ ପାର୍ଥସାରଥୀ ବେଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ମଲ୍ଲିପଶି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରତିକାନ୍ତ ସେଠୀ, ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସଂପାଦକ କମଳାକାନ୍ତ ପତି, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ମଧୁସ୍ମିତା ବାରିକ, କବିୟତ୍ରୀ ମଞ୍ଜୁବାଳା ମିଶ୍ର, ଶିକ୍ଷକ ଦେବେନ୍ଦ୍ର ମହାନ୍ତ, ଗୋପାଳ ମୋହନ ମାଝୀ ପ୍ରମୁଖ ହରେକୃଷ୍ଣ ବାବୁଙ୍କ ଆଦର୍ଶ ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିଥିଲେ । ପରେ ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥଲେ ।

## କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୩୧ା୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଶୀଲ କୁମାର ପ୍ରଧାନ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ମିଶ୍ର ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଯତୀନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ବିଦାୟୀ ଶାରୀରିକ ଶିକ୍ଷକ ସୁଶୀଲ କୁମାର ପ୍ରଧାନଙ୍କୁ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ଉପସ୍ଥିତ ସମସ୍ତ କର୍ମଚାରୀଙ୍କ ସହିତ ବିତେଇଥିବା ସ୍ମୃତି ବଖାଣିଥିଲେ । ସ୍ନାତକୋତ୍ତର ଶିକ୍ଷୟିତ୍ରୀ ମନି ରାଉତ ସଭା ପରିଚାଳନା କରିଥିବା ବେଳେ ସ୍ନାତକୋତ୍ତର ଶିକ୍ଷୟିତ୍ରୀ ତପନ୍ୱିତା ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବିଓ ଭାରତୀ ପହିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୩୧ା୭ (ସମିସ): ସାହାରପଡ଼ା ବ୍ଲକରେ ଦୀର୍ଘ ବର୍ଷ ଧରି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଓ) ଭାବେ ନିଷ୍ଠାର ସହ କାର୍ଯ୍ୟ ତୁଲାଇଆସୁଥିବା ଭାରତୀ ପହି ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସାହାରପଡ଼ା ଏବିଓ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷାଧିକାରୀ (ଇରଙ୍ଗ) କ୍ଷେତ୍ରମୋହନ ହସଦା, ଏବିଓ ପ୍ରଶାନ୍ତ ସେଠୀ, ବିଆର୍‌ସିସି ଦୟାନିଧି ପାତ୍ରଙ୍କ ସମେତ ବ୍ଲକର ବହୁ ଶିକ୍ଷକ,ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଭାରତୀ ପହିଙ୍କ ପୂର୍ବତନ ସହକର୍ମୀ ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ଭାରତୀ ପହିଙ୍କୁ ତାଙ୍କ ଜନ୍ମଗ୍ରାମ ଉଦୟପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ତାଙ୍କ ଅବସରରେ ସମସ୍ତେ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଜୀବନ କାମନା କରିବା ସହ ସ୍ମୃତିଚିହ୍ନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।



---

## ଜାତୀୟ ଓ ରାଜ୍ୟ ଯୋଗାସନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ସମ୍ବର୍ଦ୍ଧିତ



ବାରିପଦା, ୩୧ା୭ (ସମିସ): ଜାତୀୟ ଓ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତି ପ୍ରତିଯୋଗୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଲକାନଗିରିରେ ଅନୁଷ୍ଠିତ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜର ୧୪ ବର୍ଷରୁ କମ ବାଳକ ବିଭାଗ ରିଦିମିକ ଯୋଗାସନ ପ୍ରତିଯୋଗିତାରେ ଉଦଳାସ୍ଥ ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସାତାରୀ ଗୋଇପାଇ ଓ ହେମ୍ବ୍ର ଟୁଡୁ ପ୍ରଥମ ସ୍ଥାନ ଅଧିକାରୀ କରି ଜାନୁଆରୀ ମାସରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତା ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସେହିପରି ଏପ୍ରିଲ ୮ରେ ଅଲ ଓଡିଶା ଟ୍ରେଡିସନାଲ ଯୋଗାସନ ଚାମ୍ପିଅନସିପ ପୁରୀଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉକ୍ତ ବିଦ୍ୟାଳୟରେ ୧୪ରୁ ୧୬ ବର୍ଷ ବାଳକ ବିଭାଗରେ ବିଶ୍ୱଜିତ ମହାନ୍ତି, ବିଷ୍ଣୁଶିବରାଜ ସୋରେନ, ବିଷ୍ଣୁପ୍ରସାଦ ସାସମଲ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିଲେ । ୧୪ରୁ ୧୬ ବର୍ଷ ବାଳିକା ବିଭାଗରେ ସସ୍ମିତା ଖଣ୍ଡେଇ, ପ୍ରୀତିପ୍ରଜ୍ଞା ମୁର୍ମୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ହୋଇଥିଲେ । ୧୨ରୁ ୧୪ ବର୍ଷ ବାଳକ ବିଭାଗରେ ସତାରୀ ଗୋଇପାଇ, ଅଜିତ କୁମାର ହେମ୍ବ୍ରମ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ହୋଇଥିଲେ । ୧୨ରୁ ୧୪ ବର୍ଷ ବାଳିକା ବିଭାଗରେ ସବିତା ବାସ୍କେ ଦ୍ୱିତୀୟ ହୋଇ ମାନପତ୍ର ଓ ଟ୍ରଫି ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ ।

ଆସନ୍ତା ନଭେମ୍ବର ମାସରେ ମଧ୍ୟପ୍ରଦେଶ ମହାକାଳେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉକ୍ତ ଛାତ୍ରମାନେ ଯୋଗ୍ୟତା ଲାଭ କରିଛନ୍ତି । ସେହିପରି ଚଳିତ ଜୁଲାଇ ୧୮ ରୁ ୧୯ ତାରିଖ ପର୍ଯ୍ୟନ୍ତ କଟକଠାରେ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦଳାସ୍ଥ ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୪ରୁ ୧୬ ବର୍ଷ ବାଳକ ଯୋଗାସନ ପ୍ରତିଯୋଗିତାରେ ବିଶ୍ୱଜିତ ମହାନ୍ତି ଦ୍ୱିତୀୟ ସ୍ଥାନ, ୧୨ରୁ ୧୪ ବର୍ଷ ବାଳକ ଯୋଗାସନ ପ୍ରତିଯୋଗିତାରେ ବିଷ୍ଣୁପ୍ରସାଦ ସାସମଲ ଦ୍ୱିତୀୟ ସ୍ଥାନ ଅଧିକାର କରି ଆସନ୍ତା ସେପ୍ଟେମ୍ବର ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ୫୧ତମ ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗାସନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ, ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାପତି ସୌମ୍ୟ ସୁମନ ଦାସ, ଉପସଭାପତି ପ୍ରଜ୍ଞା ପରିମିତା ମହାଳିକ, ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ, ଶିକ୍ଷୟିତ୍ରୀ କ୍ରିଷ୍ଣା ଦାସ, କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଦିଲ୍ଲୀପ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର: ବନ୍ୟା ମୁକାବିଲାରେ ସରକାର ବିଫଳ: ବିଜେଡି



## ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା

## ୯ ଦଫା ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

ଭଦ୍ରକ/ଦୋବଲ,୩୧।୭ (ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିକୁ ନେଇ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଉପରେ ବର୍ଷିଛି ଧାମନଗର ବିଜୁ ଜନତା ଦଳ। ବନ୍ୟାର ତିନିଦିନ ବିତିଯାଇଥିଲେ ମଧ୍ୟ ଅନେକ ପଞ୍ଚାୟତରେ ପ୍ରଶାସନିକ ସହାୟତା ନପହଞ୍ଚିବା ଏବଂ ରିଲିଫ୍ ବଣ୍ଟନରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଦଳ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଦୋବଲଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ସରକାରଙ୍କୁ କଟାକ୍ଷ କରି କହିଛନ୍ତି ଯେ, ସରକାରୀ ନିଷ୍କ୍ରିୟତା ଓ ସମନ୍ୱୟର ଅଭାବ ଯୋଗୁଁ ହଜାର ହଜାର ବନ୍ୟାପୀଡ଼ିତ ପରିବାର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଔଷଧରୁ ବଞ୍ଚିତ ହୋଇ ଅମାନବିକ ପରିସ୍ଥିତିରେ ଦିନ କାଟୁଛନ୍ତି। ଲୋକେ ଘରଦ୍ୱାର ଛାଡ଼ି ନଦୀବନ୍ଧ ଓ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିଲେ ହେଁ ସେମାନଙ୍କ ପାଖରେ ମୌଳିକ ସେବା ପହଞ୍ଚିପାରି ନାହିଁ। ପ୍ରତିନିଧି ଦଳର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ବିଜେଡିର ଏକ ବରିଷ୍ଠ ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ବିଭିନ୍ନ ଗ୍ରାମ ବୁଲି ପୀଡ଼ିତମାନଙ୍କ ଦୁଃଖସୁଖ ପଚାରି ବୁଝିଥିଲେ। ଜନସାଧାରଣଙ୍କ ଏହି ଦୁର୍ଦ୍ଦଶାକୁ ଅନୁଧ୍ୟାନ କରିବା ପରେ ଦଳ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ଏ ନେଇ ବିଜେଡି ପକ୍ଷରୁ ୯ଦଫା ଦାବି ରଖାଯାଇଛି। ତାହା ପୂରଣ ନହେଲେ ଆନ୍ଦୋଳନ ପାଇଁ ବିଜେଡି ଚେତାବନୀ ଦେଇଛି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବନ୍ୟାପ୍ରଭାବିତଙ୍କୁ ଅତିକମ୍‌ରେ ୭ ଦିନ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟର ସ୍ୱତନ୍ତ୍ର ବ୍ୟବସ୍ଥା। ବନ୍ୟାଞ୍ଚଳରେ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଣ, କ୍ଷତିଗ୍ରସ୍ତ ଚାଷଜମିର ପ୍ରକୃତ ସର୍ଭେ କରାଯାଇ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ। କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି ଏବଂ ନଦୀବନ୍ଧର ସ୍ଥାୟୀ ସୁଦୃଢ଼ୀକରଣ। ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସ୍ୱଚ୍ଛତାର ସହ ପଲିଥିନ ବଣ୍ଟନ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସାଙ୍ଗକୁ ମୋବାଇଲ ମେଡିକାଲ ଟିମ୍, ଔଷଧ, ବ୍ଲିଚିଂ ପାଉଡ଼ର ଓ ଜୀବାଣୁନାଶକ ସ୍ପ୍ରେ ବ୍ୟବସ୍ଥା। ବନ୍ୟାରେ କ୍ଷତିଗ୍ରସ୍ତ ବାସଗୃହର ଆକଳନ କରି ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ। ରିଲିଫ୍ ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ସାମିଲ କରିବା ଆଦି ଦାବି ରଖାଯାଇଛି। ରିଲିଫ୍ ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଦଳୀୟ ପାତରଅନ୍ତର ଅଭିଯୋଗ ଆଣି ବିଜେଡି ଚେତାବନୀ ଦେଇଛି ଯେ, ଯଦି ପ୍ରଶାସନ ଏହି ଉଦାସୀନ ମନୋଭାବ ପରିତ୍ୟାଗ ନକରେ ଏବଂ ତୁରନ୍ତ ଏହି ଦାବିଗୁଡ଼ିକୁ କାର୍ଯ୍ୟକାରୀ ନକରେ, ତେବେ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦଳ ସମ୍ବିଧାନସମ୍ମତ ଓ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ଶାରଦା ପ୍ରସନ୍ନ ସାହୁ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଯୁବ ସଭାପତି ଭାରତ ବିଜୟ ଦଳାଇ, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ମହାକୁଡ଼ ଏବଂ ସରପଞ୍ଚଙ୍କ ପ୍ରତିନିଧି ସେକ ମୁସ୍ତାକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ବନ୍ଦ

ଭୁବନେଶ୍ୱର,୩୧।୭ (ସମିସ): ଭୁବନେଶ୍ୱରରୁ ଦୁବାଇକୁ ଚାଲୁଥିବା ସିଧାସଳଖ ବିମାନ ସେବା ବନ୍ଦ ହେବା ପରେ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରେ କାର୍ଯ୍ୟରତ ହଜାର ହଜାର ଓଡ଼ିଆ ଶ୍ରମିକ, ପେଶାଦାର କର୍ମଚାରୀ ଓ ବ୍ୟବସାୟୀ ଏହି ନିଷ୍ପତ୍ତି ଯୋଗୁଁ ସେମାନଙ୍କ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେବ ବୋଲି କହିଛନ୍ତି।

ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଦୁବାଇ, ୟୁଏଇ, ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ଚଳାଚଳ କରାଯାଇଥିଲା। ରାଜ୍ୟରେ ପର୍ଯ୍ୟଟନର ବିକାଶ ସହ ବିଦେଶରେ ରହୁଥିବା ଓଡ଼ିଆଙ୍କ ଯାତାୟତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଥିପାଇଁ ରାଜ୍ୟ ସରକାର ବିମାନ ଚଳାଚଳ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଗୋଟିକ ପରେ ଗୋଟିଏ ସିଧାସଳଖ ଆନ୍ତର୍ଜାତୀୟ ଉଡ଼ାଣ ଭୁବନେଶ୍ୱରରୁ ବନ୍ଦ ହୋଇ ଯାଇଛି। ଯାହା ଫଳରେ ପେଟପାଟଣା ପାଇଁ ସମ୍ପୃକ୍ତ ଅଞ୍ଚଳକୁ ଯାତାୟତ କରୁଥିବା ଓଡ଼ିଆ ଯାତ୍ରୀମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସିଧାସଳଖ ବିମାନ ଚଳାଚଳ ବନ୍ଦ ହେବା ଯୋଗୁଁ ସେମାନଙ୍କୁ କଲକତା, ଦିଲ୍ଲୀ, ଚେନ୍ନାଇ ବା ମୁମ୍ବାଇ ଓ ସେଠାରୁ ବିଦେଶକୁ ଯିବା ପାଇଁ ପଡୁଛି । ଏହାଦ୍ୱାରା ଅଧିକ ଅର୍ଥ ବ୍ୟୟ ହେଉଛି ଓ ସମୟ ମଧ୍ୟ ନଷ୍ଟ ହେଉଛି । ନବୀନ ପଟ୍ଟନାୟକଙ୍କ ସମୟରେ ଲୋକଙ୍କ ପାଇଁ ଯେଉଁ ସୁବିଧା ମିଳୁଥିଲା, ଏବେ ତାହା ଆଉ ମିଳୁନାହିଁ ବୋଲି ସେମାନେ କହିଛନ୍ତି।

## ନବୀନଙ୍କୁ ଝୁରୁଛନ୍ତି ପ୍ରବାସୀ ଓଡ଼ିଆ

ପ୍ରବାସୀ ଓଡ଼ିଆ ସଂଗଠନମାନଙ୍କ କହିବା ଅନୁସାରେ, ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ଆରମ୍ଭ ହେବା ପରେ ଓଡ଼ିଶାରୁ ଗଲ୍ଫ ଦେଶଗୁଡ଼ିକୁ ଯାତ୍ରା କରିବା ବହୁତ ସହଜ ହୋଇଥିଲା। ବିଶେଷକରି ଦୁବାଇକୁ କେନ୍ଦ୍ର କରି ଅନ୍ୟାନ୍ୟ ଗଲ୍ଫ ଦେଶକୁ ସଂଯୋଗ ସୁବିଧା ମିଳୁଥିବାରୁ ଯାତ୍ରୀମାନେ ସମୟ ଓ ଅର୍ଥ ଉଭୟ ସଞ୍ଚୟ କରିପାରୁଥିଲେ। ଏବେ ସେବା ବନ୍ଦ ହେବା ପରେ ସେମାନଙ୍କୁ ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ କିମ୍ବା ବେଙ୍ଗାଲୁରୁ ଭଳି ସହର ଦେଇ ଯାତ୍ରା କରିବାକୁ ପଡ଼ିବ, ଯାହାଦ୍ୱାରା ଯାତ୍ରା ସମୟ ବଢ଼ିବା ସହ ଖର୍ଚ୍ଚ ମଧ୍ୟ ବଢ଼ିବ। ରାଜ୍ୟରୁ ଆନ୍ତର୍ଜାତିକ ବିମାନ ସେବା ବିସ୍ତାର ନେଇ ବାରମ୍ବାର ଘୋଷଣା କରାଯାଉଥିବା ବେଳେ ଏକମାତ୍ର ଲୋକପ୍ରିୟ ସିଧାସଳଖ ରୁଟ୍ ବନ୍ଦ ହେବା ନିରାଶାଜନକ। ଓଡ଼ିଶାରୁ ବହୁ ସଂଖ୍ୟକ ଲୋକ ମଧ୍ୟପ୍ରାଚ୍ୟରେ କାର୍ଯ୍ୟରତ ଥିବାରୁ ଏହି ରୁଟ୍‌ର ଗୁରୁତ୍ୱ କେବଳ ପର୍ଯ୍ୟଟନ କିମ୍ବା ବ୍ୟବସାୟରେ ସୀମିତ ନୁହେଁ, ବରଂ ହଜାର ହଜାର ପରିବାରର ଜୀବିକା ସହ ମଧ୍ୟ ଜଡ଼ିତ। , ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଥିବାରୁ ପର୍ବପର୍ବାଣୀ, ଜରୁରୀ ପାରିବାରିକ କାମ କିମ୍ବା ଚିକିତ୍ସାଜନିତ ପ୍ରୟୋଜନରେ ଶୀଘ୍ର ଘରକୁ ଆସିବା ସମ୍ଭବ ହେଉଥିଲା। ବର୍ତ୍ତମାନ ସେହି ସୁବିଧା ବନ୍ଦ ହୋଇ ଯାଇଛି। ତେଣୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ବିମାନ ସେବା ସଂସ୍ଥାକୁ ହସ୍ତକ୍ଷେପ କରି ଏହି ରୁଟ୍‌ରେ ପୁଣିଥରେ ସିଧାସଳଖ ବିମାନ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ଓଡ଼ିଶାର ବଢୁଥିବା ଆନ୍ତର୍ଜାତିକ ଯାତ୍ରୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ଦୁବାଇ ସହ ଅନ୍ୟାନ୍ୟ ବିଦେଶୀ ସହରକୁ ସିଧାସଳଖ ବିମାନ ସେବା ବୃଦ୍ଧି ସମୟର ଆବଶ୍ୟକତା ଓ ରାଜ୍ୟ ପାଇଁ ହିତକର ବୋଲି ସେମାନେ ବର୍ଣ୍ଣନା କରିଛନ୍ତି ।

## ଅର୍ଥ ହେରଫେର ଅଭିଯୋଗ

# ବେତନଟୀ ଲ୍ୟାମ୍ପ୍‌ସର ପୂର୍ବତନ ଏମଡି ଭିଜିଲାନ୍ସ ଦ୍ୱାରା ଗିରଫ



**୪୦.୯୪ ଲକ୍ଷ ଟଙ୍କା ଆର୍ଥିକ ଅପବ୍ୟବହାରରେ ୪ ବର୍ଷ ପୂର୍ବେ ଚାକିରିରୁ ବହିଷ୍କୃତ ହୋଇଥିଲେ**

ବାରିପଦା, ୩୧।୭ (ସମିସ): ଦୁର୍ନୀତି ଓ ସାର୍ବଜନୀନ ପାଣ୍ଠି ଅପବ୍ୟବହାର ମାମଲାରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଲ୍ୟାମ୍ପ୍‌ସର ବହିଷ୍କୃତ ପୂର୍ବତନ ପରିଚାଳନା ନିର୍ଦ୍ଦେଶ (ଏମଡି) ହିମାଂଶୁ ଦାସଙ୍କୁ ୪୦.୯୪ ଲକ୍ଷ ଟଙ୍କା ଆର୍ଥିକ ଅପବ୍ୟବହାର ମାମଲାରେ ଗିରଫ କରାଯାଇଛି। ତାଙ୍କୁ ବାରିପଦାର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ପଠାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ବେତନଟୀ ଲ୍ୟାମ୍ପ୍‌ସରେ ଘଟିଥିବା ବୃହତ୍ ଆର୍ଥିକ ଅନିୟମିତତା ସହ ଶ୍ରୀ ଦାଦ ଜଡ଼ିତ ଥିଲେ। ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିବା ସମୟରେ ଶ୍ରୀ ଦାସ ସ୍ଥାନୀୟ ଋଣଗ୍ରହୀତା କୃଷକଙ୍କଠାରୁ କୃଷି ଓ ଫସଲ ଋଣ ପରିଶୋଧ, ସଦସ୍ୟ ଅଂଶଧନ ଯୋଗଦାନ, ଆବେଦନ ଫର୍ମ ଫି' ଓ ପ୍ରଶାସନିକ ଚାର୍ଜ ବାବଦରେ ବିପୁଳ ରାଶି ସଂଗ୍ରହ କରିଥିଲେ। ଏହି ଅର୍ଥ ଗ୍ରହଣ କରି ସେ କୃଷକମାନଙ୍କୁ ରସିଦ ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ସଂଗୃହୀତ ରାଜସ୍ୱକୁ ସମିତି ଖାତାରେ ଜମା ନ କରି ସେ ଏହି କାରବାରଗୁଡ଼ିକୁ ଲ୍ୟାମ୍ପ୍‌ସର ଅଧିକାରିକ ଦୈନିକ ଖାତା (ଡେ ବୁକ୍)ରେ ଲେଖିବା ଇଚ୍ଛାକୃତ ଭାବେ ବନ୍ଦ କରିଦେଇଥିଲେ। ସେହି ପାଣ୍ଠିକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରି ମୋଟ ୪୦ ଲକ୍ଷ ୯୪ ହଜାର ୩୦୬ ଟଙ୍କା ହଡପ କରିଥିଲେ। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ. ୧୨ ଅନୁଯାୟୀ ଭାରତୀୟ ଦଣ୍ଡ ସଂହିତାର ଧାରା ୪୦୯ ଅନୁସାରେ ଶ୍ରୀ ଦାସ (୦୪.୦୪.୨୦୨୨ରୁ ସରକାରୀ ଚାକିରିରୁ ବହିଷ୍କୃତ)ଙ୍କ ବିରୋଧରେ ମାମଲା ଦାଖଲ କରାଯାଇଛି। ମାମଲାର ଅନୁସନ୍ଧାନ ଚାଲିଛି।

# ଉବୁଟୁବୁ ୪ ପଞ୍ଚାୟତ; ଆରଡ଼ିରେ ସ୍ଥିତି ସଙ୍ଗୀନ




ଆରଡ଼ି,୩୧।୭ (ସମିସ): ବୈତରଣୀ ଓ ସାଳନ୍ଦୀ ନଦୀରେ ଆସିଥିବା ବନ୍ୟା ଜଳ ଉପରୁ ଯେତେ ପରିମାଣରେ ଖସୁଛି, ତଳି ଅଞ୍ଚଳରେ ସେତିକି ବଢ଼ିବାରେ ଲାଗିଛି। ଜଳଦେଶ ଭାବେ ପରିଚିତ ଆରଡ଼ି, ନାଦପୁର, ଓଳଗ, ସୁନ୍ଦରପୁର, ମାଧପୁର, ଘଟପୁର, ତେନ୍ତୁଳିଡିହ, ଭୂଇଁବୁଡି ଆଦି ପଞ୍ଚାୟତରେ ବନ୍ୟାର ପ୍ରକୋପ ବଢ଼ିବାରେ ଲାଗିଛି। ବୈତରଣୀ ପାଣି ଠାରୁ ସାଳନ୍ଦୀ ନଦୀର ପାଣି ଅଧିକ ବିପଦ ସୃଷ୍ଟି କରିଛି। ସୁନ୍ଦରପୁର ପଞ୍ଚାୟତର ଖଟୁଆପାଟଣା, ପାରିଡିହା ଓ ଚମ୍ପାସାହି ଓଳଗ ପଞ୍ଚାୟତର ବୋଡ଼କ ଓ ସାଠିବାଙ୍କୁଡ଼ା, ଆରଡ଼ି ପଞ୍ଚାୟତର ମୁଆଁ, ସନ୍ତରା, ଶୀତଳପୁର ଓ ନାଦପୁର ପଞ୍ଚାୟତର ପହଣା, ପାଳଟପୁର, ଭୂଇଁପୁର, କୋଇଲେଖା, ନାଦପୁର ଓ ବାଙ୍କମୁହାଣ ଗ୍ରାମରେ ବନ୍ୟା ଜଳ ବ୍ୟାପକ କ୍ଷତି ଘଟାଇଛି। ବିଲରେ ଘର କରି ରହିଥିବା ଲୋକଙ୍କ ଘର ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଗାଁ ଦାଣ୍ଡରେ ବି ଅଣ୍ଟାଏ ଉଚ୍ଚର ପାଣି ରହିଛି। ବିଷଧର ସାପ ଭୟରେ ସନ୍ଧ୍ୟା ହେଲେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ନଳକୂପ ଗୁଡ଼ିକ ପାଣିରେ ବୁଡ଼ି ଯାଇଥିବାରୁ ପାନୀୟଜଳ ସଙ୍କଟ ଦେଖାଦେଇଛି। ଗାଁଗୁଡ଼ିକରେ ପାଣି ପଶି ମାଟି ଘର ଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପ୍ରଶାସନିକ ଅବହେଳା ଚରମ ସୀମାରେ ପହଞ୍ଚିଛି। ଆଜି ପର୍ଯ୍ୟନ୍ତ ବି ଭଦ୍ରକ ଆରଡ଼ି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। କୁଆଖିଆ ଆରଡ଼ି ରାସ୍ତାରେ ବୋଡ଼କଠାରେ ୪ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି। ଗୋରୁ ଗାଈଙ୍କ ପାଇଁ ଖାଦ୍ୟ ମିଳୁନାହିଁ। ସରକାରଙ୍କ ପକ୍ଷରୁ ଗୋଖାଦ୍ୟ ପହଞ୍ଚିପାରିନାହିଁ। ଚାଷୀଙ୍କ କଥା ନ କହିବା ଭଲ। ବନ୍ୟାରେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ପ୍ରଶାସନ ପକ୍ଷରୁ ଧାମନଗର ଓ ତିହିଡ଼ି ଅଞ୍ଚଳରେ ବନ୍ୟା ପାଇଁ ଯେତେ ପରିମାଣରେ ସଜାଗ ଥିଲେ ବି ଆରଡ଼ି ଅଞ୍ଚଳ ପାଇଁ ସେମିତି ଆଶାନୁରୂପକ ବ୍ୟବସ୍ଥା କରାଯାଉନଥିବା ଅଭିଯୋଗ ଆଣିଛନ୍ତି ନାଦପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସୁଦେଶ ପଣ୍ଡା। ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଗମ୍ଭୀରତାର ସହ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ହଁସୁଆ ନଦୀରେ ଭାସିଯାଇ ଦୁଇ ଛାତ୍ର ନିଖୋଜ

ଏରସମା, ୩୧।୭ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତ ଆମ୍ବିକି ଗ୍ରାମରେ ଶନିବାର ଦୁଇ ଛାତ୍ର ହଁସୁଆ ନଦୀରେ ଭାସିଯାଇଛନ୍ତି। ସେମାନେ ଗାଧୋଇବାକୁ ଯାଇଥିବା ବେଳେ ନଦୀର ପ୍ରବଳ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଗ୍ରାମର ପାଞ୍ଚ ଜଣ ପିଲା ନିକଟସ୍ଥ ହଁସୁଆ ନଦୀର ଦହିବର-ଆମ୍ବିକି ପୋଲ ନିକଟକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଅକ୍ଷୟ କାଣ୍ଡିଙ୍କ ଏକମାତ୍ର ପୁଅ ବୁଟୁ କାଣ୍ଡି (୧୪) ଏବଂ ବିଧାନ କାଣ୍ଡିଙ୍କ ଏକମାତ୍ର ପୁଅ କାହ୍ନା କାଣ୍ଡି (୧୯) ପ୍ରବଳ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ବୁଟୁ ଦଶମ ଶ୍ରେଣୀରେ ପଢୁଥିବା ବେଳେ କାହ୍ନା ବେଟେକ୍ ଛାତ୍ର। ସାଙ୍ଗରେ ଥିବା ଅନ୍ୟ ପିଲାମାନେ ତୁରନ୍ତ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ନଦୀରେ ବ୍ୟାପକ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ପ୍ରଶାସନିକ ଅଧିକାରୀ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଘଟଣାସ୍ଥଳରେ ଏଡିଏମ୍ (ରାଜସ୍ୱ) ସମ୍ବିତ ରାଉତରାୟ, ଏରସମା ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଳ, ଏରସମା ଥାନା ଅଧିକାରୀ ପାର୍ଥପ୍ରୀତମ ବେଉରା, ସରପଞ୍ଚ ରଞ୍ଜନ ଜେଠୀ, ସମିତିସଭ୍ୟ ଧନଞ୍ଜୟ ସାହୁ, ବିଜେପି ନେତା ନୃସିଂହ ସାହୁ ଓ ସମାଜସେବୀ ସୁଶାନ୍ତ ମାଇତି ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ନଦୀରେ ଜାଲ ଓ କଣ୍ଟା ପକାଇ ବ୍ୟାପକ ତଲାସୀ ଚାଲିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଦୁଇ ଛାତ୍ରଙ୍କ କୌଣସି ସନ୍ଧାନ ମିଳିପାରିଥିଲା।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ଖୋଲିବ...

ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ଥିବା ଫାଇବର୍ ବୋଟ୍‌ରେ ମଧ୍ୟ ପର୍ଯ୍ୟଟକ ବୁଲି ଭିତରକନିକାର ନୈସର୍ଗିକ ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନମୁକ୍ତ କରାଯାଇଛି। ପର୍ଯ୍ୟଟକ ପଲିଥିନ ଓ ପ୍ଲାଷ୍ଟିକ୍ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ବଢ଼ିରେ ଉବୁଟୁବୁ...

ଏବେ ବି ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ଅନେକ ଗାଁ ଜଳପ୍ଲାବିତ ହୋଇ ରହିଛି। ଅନ୍ୟପଟେ ମହାନଦୀରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୯ ଲକ୍ଷ କ୍ୟୁସେକ୍ ଓ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସାଢ଼େ ୮ ଲକ୍ଷ କ୍ୟୁସେକ୍ ପାଣି ଚାଲୁଥିବାରୁ ଏହାର ଶାଖାନଦୀଗୁଡ଼ିକ ଉପରେ ଏବେ ବି ବିପଦ ରହିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଇଛି। ମହାନଦୀର ଜଳପତ୍ତନ ସ୍ତର ବିପଦସଙ୍କେତଠୁଁ ସାମାନ୍ୟ ଅଧିକ ରହିଛି। ହୀରାକୁଦ ଡ୍ୟାମର୍ ୨୨ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଏହି ଜଳ ହୀରାକୁଦରୁ ଆସି ମୁଣ୍ଡୁଳି ଠାରେ ପହଞ୍ଚିବାକୁ ପାଖାପାଖି ୩୬ ଘଣ୍ଟା ସମୟ ଲାଗିବ। ତେବେ ସେତେବେଳକୁ ମୁଣ୍ଡୁଳିଠାରେ ମହାନଦୀର ଜଳସ୍ତର ଅପେକ୍ଷାକୃତ କମ୍ ହୋଇ ଯାଇଥିବାରୁ ଏହି ବନ୍ୟାଜଳ ଦ୍ୱାରା ବିଶେଷ ବିପଦ ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ବିଭାଗ କହିଛି। ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି। ରାଜ୍ୟରେ ୧୮ଟି ଓଡ୍ରାଫ୍, ୭ଟି ଏନଡିଆରଏଫ୍ ଏବଂ ୧୧୨ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସମାଗ୍ରୀ ପ୍ରଦାନ ଆଦି କାର୍ଯ୍ୟରେ ଲାଗିଛନ୍ତି।

ବନ୍ୟା ସ୍ଥିତିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବନ୍ୟା ଜଳ ଛାଡିବାର ୭୨ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଜିଲ୍ଲାପାଳମାନଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମନ୍ୱିତ ଭାବେ ସର୍ବେକ୍ଷଣ କରାଯାଇ ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ମିଳିତ ସହଯୋଗ ତଥା କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶସ୍ୟଜାତୀୟ ଫସଲ କିମ୍ବା ପନିପରିବା ସମସ୍ତ ପ୍ରକାର ଚାଷ ନିମନ୍ତେ କ୍ଷତିପୂରଣ ପ୍ରଦାନ ସହିତ ଆବଶ୍ୟକସ୍ଥଳେ କୃଷକମାନଙ୍କୁ ସ୍ୱଳ୍ପ ମିଆଦିର ବିହନ ମଧ୍ୟ ଯୋଗାଇ ଦିଆଯିବ ।ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ତଥା କୋଠାବାଡ଼ିର ମରାମତି ସହ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଏବେ ସୁଦ୍ଧା ବନ୍ୟା ଦ୍ୱାରା ପ୍ରଭାବିତ ୭ ଟି ଜିଲ୍ଲାକୁ ଇତି ମଧ୍ୟରେ ଏସ୍‌ଡିଆର୍‌ଏଫ୍‌ରୁ ୨୬ କୋଟି ଟଙ୍କା ପ୍ରଦାନ କାରଯାଇଛି। ରିଲିଫ କ୍ୟାମ୍ପ ପରିଚାଳନା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଛି। ଏଥିରେ ଭଦ୍ରକ, ଯାଜପୁର, କେନ୍ଦୁଝର, ବାଲେଶ୍ୱରକୁ ୫ କୋଟି ଲେଖାଏଁ ଅର୍ଥ ଦିଆଯାଇଥିବା ବେଳେ ଜଗତସିଂହପୁର, କଟକ, ମୟୂରଭଞ୍ଜକୁ ୨ କୋଟି ଟଙ୍କା ଲେଖାଏ ଅର୍ଥ ପ୍ରଦାନ କରାଯାଇଛି। ସେହିପରି ଗୃହପାଳିତ ପଶୁଙ୍କ ଖାଦ୍ୟ ଯୋଗାଣକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, କେନ୍ଦ୍ରାପଡ଼ା, ଖୋରଧା ଓ ଜଗତସିଂହପୁର ଜିଲ୍ଲାକୁ ୧୦୪୩.୫୪୩ ମେଟ୍ରିକ ଟନ୍ ଗୋଖାଦ୍ୟ ପଠାଯାଇଛି। ୨ ଲକ୍ଷ ୩୮ ହଜାର ୫୧୪ ଲୋକଙ୍କୁ ରିଲିଫ କ୍ୟାମ୍ପରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଖୋଲିଲା ୨୨...

ବାମପାଶ୍ୱର୍ର ୧୫ଟି ଏବଂ ଓ ଡାହାଣ ପାଶ୍ୱର୍ର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪,୨୨,୯୬୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୦୦,୦୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୬୪,୪୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧୭୮୮ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୫୯୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବେଲଗାଁଠାରେ ୮୩,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୨,୦୬,୨୪୪ କ୍ୟୁସେକ୍, ଖଇରମାଳଠାରେ ୩,୩୦,୦୦୦ କ୍ୟୁସେକ୍, ବାରମୁଲଠାରେ ୬,୦୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୨୦,୮୪୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ମୁଖ୍ୟବନ୍ଧ ଓ ଅପର୍ ମହାନଦୀ ବେସିନ୍ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି, ମହାନଦୀର ତଳମୁଣ୍ଡରେ ଏହି ଜଳ ନିଷ୍କାସନ ବନ୍ୟା ସ୍ଥିତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହି ଜଳ ଖଇରମାଳ ପହଞ୍ଚିବାବେଳେ ସେଠାରେ ଜଳପ୍ରବାହ ହ୍ରାସ ପାଇଥିବ। ଅନ୍ୟପକ୍ଷରେ ଉପରମୁଣ୍ଡରେ ବର୍ଷା ନ ଥିବାରୁ ପ୍ରବେଶ କରୁଥିବା ଜଳ ପରିମାଣ ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ କମିଯିବ ।

## ଶାହାଙ୍କୁ ଭେଟିଲେ...

ଯୋଜନା' ମାଧ୍ୟମରେ ସେହି ଅଞ୍ଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳ ଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଗୁ ମୁଖ୍ୟମନ୍ତ୍ରୀ ଗୃହ ମନ୍ତ୍ରୀ ଶ୍ରୀ ଶାହଙ୍କୁ ଧନ୍ୟବାଦ ଦେଇଛନ୍ତି।

ଓଡ଼ିଶାର "ଡବଲ୍-ଇଞ୍ଜିନ୍ ସରକାର' ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ବିଦ୍ୟାଳୟ ଆଗରେ...

ନାବାଳକଙ୍କ ତାଙ୍କୁ ଅଟକାଇ ମାରପିଟ କରିବା ସହିତ ଛୁରି ତାର ପେଟରେ ଭୁସି ଦେଇଥିଲା। ଗୁରୁତର ଛାତ୍ର ରାସ୍ତାରେ ପଡି ଛଟପଟ ହେଉଥିଲେ। ଖବରପାଇଁ ବିଦ୍ୟାଳୟର ଶିକ୍ଷକ ଏବଂ ସ୍ଥାନୀୟ ବାସିନ୍ଦା ତାଙ୍କୁ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପରିବାର ଲୋକ ଏବଂ ସ୍ଥାନୀୟ ବାସିନ୍ଦା ଚିକିତ୍ସାଳୟରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକେ ବାରିଣିପୁଟ ଫାଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ନେଇ ପାଣ୍ଡି ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପଟେ ଭାରୀଯାନ ଅଟକି ରହିଥିବା ବେଳେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ପୁଲିସ ପକ୍ଷରୁ କିଛି ଯାନବାହାନକୁ କୋଲବା ସତୀ ଡ୍ୟାମ ଦେଇ ଯାତାୟାତ କରାଯାଉଥିବା ବେଳେ ଖବର ଲେଖା ହେବା ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଥିବା ବେଳେ ରାସ୍ତା ଅବରୋଧ ଅଳ୍ପ ସମୟରେ ହଟାଯିବା ନେଇ ପ୍ରୟାସ ଜାରି ରହିଛି ଏବଂ ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବାରିଣିପୁଟ ଫାଣ୍ଡି ଅଧିକାରୀ ତ୍ରିପତୀ ଶବର ପ୍ରକାଶ କରିଛନ୍ତି।

## ରାଜ୍ୟରେ ସାଂଘାତିକ...

କର୍କଟ ଓ ଥାଲାସେମିଆ ରୋଗୀମାନେ ରକ୍ତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏନେଇ ଫେଡେରେସନ୍ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ, ଜୀବନବିନ୍ଦୁ ମାଧ୍ୟମରେ ରାଜ୍ୟରେ ପ୍ରାୟ ୫୦ ପ୍ରତିଶତ ରକ୍ତାଭାବ ଦୂର ହେଉଥିଲା। ପର୍ଯ୍ୟାପ୍ତ ପରିମାଣରେ ଶିବିର ଆୟୋଜନ କରାଯାଉଥିଲା। ମାତ୍ର ଏବେ ଅନ୍ୟକୁ ଜୀବନ ଦାନ ଦେଉଥିବା ରକ୍ତ ପାଇଁ କୌଣସି ସଚେତନ କରାଯାଉ ନାହିଁ। ଫଳରେ ସରକାରୀ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଛି। କୌଣସି ଶିବିରରୁ ଯଦି ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି, ସେଥିରେ ୪୫ ୟୁନିଟ୍ 'ଓ'ପଜିଟିଭ୍ ହୋଇଥାଏ। କିନ୍ତୁ ଏବେ ଓ' ପଜିଟିଭ ରକ୍ତ ଏବେ ଅଧିକାଂଶ ସରକାରୀ ରକ୍ତଭଣ୍ଡାରରେ ନାହିଁ। ଏଥିପାଇଁ ଏବେଠାରୁ ସରକାର ସତର୍କ ନ ହେଲେ୍ ଆଗାମୀ ଦିନରେ ରକ୍ତ ପାଇଁ ଶହଶହ ମୂଲ୍ୟବାନ ଜୀବନ ଚାଲିଯିବ ବୋଲି ସେ କହିଛନ୍ତି।

## କାହାକୁ ସୁରକ୍ଷା...

କହିଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି, ତେବେ ସେ କାହାକୁ ବଞ୍ଚାଇବାକୁ ଯାଇ ମିଛ କହିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶ୍ୱବିଦ୍ୟାଳୟ କୁଳପତି ଡ. ମାନସ ରଞ୍ଜନ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ସକାଳ ୧୦ ଟା ରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଏହା ପରେ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଆସିଛି। ଏଣୁ ଏହାକୁ ପ୍ରଶ୍ନପତ୍ର ଲିକ୍ କୁହାଯାଇ ପାରିବ ନାହିଁ, ବରଂ ମାଲ୍ ପ୍ରାକ୍ଟିସ୍ (କପି କରିବା) ବୋଲି କୁହାଯିବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାତ୍ର ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପରୀକ୍ଷାର୍ଥୀଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚିଛ ଓ ଏହାର ସ୍କ୍ରିନସଟ୍ ମଧ୍ୟ ରହିଛି। ପୁଣି ପ୍ରଶ୍ନପତ୍ର ପହଞ୍ଚିବାର ମାତ୍ର କେଇ ସେକେଣ୍ଡ ମଧ୍ୟରେ ଉତ୍ତର ମଧ୍ୟ ସେହି ଗ୍ରୁପ୍‌ରେ ପଡ଼ିଥିବା ଦେଖାଯାଇଛି। ତେଣୁ କୁଳପତିଙ୍କ କହିବା ଅନୁଯାୟୀ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବାରୁ ଏହାକୁ ପେପର୍ ଲିକ୍ କାହିଁକି କୁହାଯିବ ନାହିଁ ଓ ଏହାକୁ ଆଧାର ତଦନ୍ତ କରି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ? ପୁଣି କୁଳପତି ପ୍ରଶ୍ନପତ୍ର ଲିକ୍ ଘଟଣାକୁ କାହିଁକି ମାଲ୍ ପ୍ରାକ୍ଟିସ୍ କହି ଭିନ୍ନ ରୂପ ଦେବାକୁ ପ୍ରୟାସ କରୁଛନ୍ତି ତାହା ଆଉ ଏକ ପ୍ରଶ୍ନକୁ ଜନ୍ମ ଦେଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପ୍ରଶ୍ନପତ୍ର ଲିକ୍ ପାଇଁ ବହୁ ପୂର୍ବରୁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଏଥିପାଇଁ ୩ଟି ହ୍ୱାଟସ୍‌ଆପ୍ ଗ୍ରୁପ୍ ହୋଇଥିଲା। ଏସ୍-୧ ଗ୍ରୁପ୍‌ରେ ସଂକ୍ଷିପ୍ତ ପ୍ରଶ୍ନପତ୍ର, ଏଲ୍-୧ ଗ୍ରୁପ୍‌ରେ ଦୀର୍ଘ ପ୍ରଶ୍ନପତ୍ର ଓ ଜେଡ୍-୧ ଗ୍ରୁପ୍‌ରେ ଅନ୍ୟ ସମସ୍ତ ପ୍ରଶ୍ନପତ୍ର ଦିଆଯାଉଥିଲା। ଏହାର ଉତ୍ତର ତ୍ୱରିତ ସେହି ଗ୍ରୁପ୍‌ରେ ହିଁ ଆସିଯାଉଥିଲା। ପିଲାମାନେ ପରୀକ୍ଷା ହଲ୍ ମଧ୍ୟକୁ ମୋବାଇଲ୍ ନେଇ ଉତ୍ତର ଲେଖୁଥିବା ଅଭିଯୋଗ ହେଉଛି। ଏପରିକି ପରୀକ୍ଷାର ଠିକ୍ ପୂର୍ବରୁ ନେଟୱାର୍କ ଜାମର୍ ମଧ୍ୟ ଅଫ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ଘଟଣା ସିସିଟିଭିରେ କଏଦ୍ ହୋଇଥିବାବେଳେ ଏହାକୁ ଏଯାଏଁ ଜବତ କରାଯାଇ ନାହିଁ। ଫଳରେ ସିସିଟିଭିରେ ବୈଷୟିକ ତ୍ରୁଟିର ଆଳ ଦେଖାଇ ସମସ୍ତ ରେକର୍ଡ ଡିଲିଟ୍ କରିବାକୁ ପ୍ରୟାସ କରାଯାଉଥିବା ଜଣାପଡ଼ିଛି।

## କିରାଣି କିଙ୍ଗ୍‌ପିନ୍...

କରାଯାଇଥିବାବେଳେ ନୂତନ ଡିନ୍ ଯୋଗଦେବା ପରେ କିଛି ମାସ ପୂର୍ବରୁ ପୁଣି କଲେଜକୁ ଅଣାଯାଇଛି। ଅପରପକ୍ଷରେ ପ୍ରଶ୍ନପତ୍ର ଲିକ୍ ପାଇଁ ବ୍ୟାପକ ଅର୍ଥ କାରବାର ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସମସ୍ତ ୧୫୪ ଜଣ ପରୀକ୍ଷାର୍ଥୀ ୨ହଜାର ଟଙ୍କା ଲେଖାଏଁ ପ୍ରାୟ ୩ ଜଣ ଛାତ୍ରଙ୍କ ନିକଟକୁ ପଠାଇଛନ୍ତି। ୟୁପିଆଇ ମାଧ୍ୟମରେ ଏହି ଟଙ୍କା କାରବାର ହୋଇଥିବାରୁ ଏହାର ଡିଜିଟାଲ୍ ପ୍ରମାଣ ମଧ୍ୟ ରହିଛି। ଆଦାୟ ହୋଇଥିବା ମୋଟ୍ ୩ ଲକ୍ଷ ୮ ହଜାର ଟଙ୍କା ମଧ୍ୟରୁ ଡିନ୍‌ଙ୍କ ନାମରେ ୨ ଲକ୍ଷ ଏବଂ ଅବଶିଷ୍ଟ ଟଙ୍କା କିରାଣି ଓ ସମ୍ପୃକ୍ତ ଥିବା ଅଧ୍ୟାପକଙ୍କ ପାଇଁ ନିଆଯାଇଛି। ଏହା ଏକ ଯୋଜନାବଦ୍ଧ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ଅପରାଧିକ ତଦନ୍ତ କରିବାକୁ ଅନ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଯୋଜନା ଅନୁଯାୟୀ କାମ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ଧୈର୍ଯ୍ୟ ରଖି ଚାଲିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି।

**ବିଛା:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। କାର୍ଯ୍ୟରେ ବାଧା ଆସିପାରେ। ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ମକର:** ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଯୋଜନା ମୁତାବକ କାମ କରିବେ।

## ଆଜିର ଦିନରେ

- ୧୮୮୩- ଗ୍ରେଟ୍ ବ୍ରିଟେନ୍‌ରେ ଅନ୍ତର୍ଦେଶୀୟ ଡାକ ସେବା ଆରମ୍ଭ ହେଲା।
- ୧୯୨୦- ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ।
- ୧୯୩୩- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ମୀନା କୁମାରୀଙ୍କ ଜନ୍ମ।
- ୧୯୫୭- ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି)ର ସ୍ଥାପନା।
- ୧୯୬୦- କରାଚୀ ପରିବର୍ତ୍ତେ ଇସ୍‌ଲାମାବାଦ ହେଲା ପାକିସ୍ତାନର ରାଜଧାନୀ।

## ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ



ଆଜି ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ। ଫୁସ୍‌ଫୁସ୍ କର୍କଟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱବ୍ୟାପୀ ପୁରୁଷ ଏବଂ ମହିଳାମାନଙ୍କଠାରେ ଦ୍ୱିତୀୟ ସାଧାରଣ କର୍କଟ ଭାବରେ ଫୁସ୍‌ଫୁସ୍ କ୍ୟାନ୍ସର, ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ୨୦୨୦ ମସିହାରେ ଫୁସ୍‌ଫୁସ୍ କର୍କଟ ହେତୁ ସାରା ବିଶ୍ୱରେ ୧୮ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୨ ମସିହାରେ ପ୍ରଥମ ଥର ଏହି କାର୍ଯ୍ୟକ୍ରମକୁ 'ଫୋରମ୍ ଅଫ୍ ଇଣ୍ଟରନ୍ୟାସନାଲ୍ ରେସପେରେଟୋରୀ ସୋସାଇଟିଜ୍' ଦ୍ୱାରା 'ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଲଙ୍ଗ କ୍ୟାନ୍ସର ଆଣ୍ଡ ଆମେରିକାନ୍ କଲେଜ ଅଫ୍ ଚେଷ୍ଟ ଫିଜିସିଆନ' ଙ୍କ ସହାୟତାରେ ଆୟୋଜିତ କରାଯାଇଥିଲା। ତମାଖୁ ସେବନ ଫୁସ୍‌ଫୁସ୍ କର୍କଟର ମୁଖ୍ୟ କାରଣ ହୋଇଥାଏ। ତାଛଡ଼ା ପ୍ରଦୂଷଣ କାରଣରୁ ଫୁସ୍‌ଫୁସ୍ କର୍କଟ ହୋଇଥାଏ। ପ୍ରଦୂଷଣ ଯୋଗୁଁ ବିଷାକ୍ତ ରାସାୟନିକ ଗ୍ୟାସ୍‌ଗୁଡ଼ିକ ଆମ ଫୁସ୍‌ଫୁସ୍‌ରେ ପ୍ରବେଶ କରି ଏହା କର୍କଟ ସୃଷ୍ଟି କରିଥାଏ। ଗୋବର ଘସି ଜାଳିବା ସହ ଯେଉଁମାନେ ଧୂଳି, ବାଲି, କୋଇଲାରେ ଅଧିକ ସମୟ କାମ କରୁଛନ୍ତି ସେମାନଙ୍କୁ ଏହି କର୍କଟ ହେବା ଆଶଙ୍କା ଅଧିକ ଥାଏ। ଏହି କ୍ୟାନ୍ସର ଶରୀରରେ ଶୀଘ୍ର ବିସ୍ତାରିତ ହୋଇଯାଇଥାଏ। ଡାକ୍ତରମାନଙ୍କ କହିବା ଅନୁସାରେ, ପ୍ରଥମ ଷ୍ଟେଜ୍‌ରେ ଏହି ରୋଗ ଚିହ୍ନଟ ହୋଇନଥାଏ। ରୋଗ ଚିହ୍ନଟ ହେବା ବେଳକୁ ତାହା ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିଯାଇଥାଏ। ନ୍ୟାସନାଲ୍ କ୍ୟାନସର ରେଜିଷ୍ଟ୍ରି ପ୍ରୋଗ୍ରାମ ଅନୁସାରେ, ଆମ ଦେଶର ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକ ଭଳି ରାଜ୍ୟରେ ଫୁସଫୁସ୍ କର୍କଟର ସର୍ବାଧିକ ମାମଲା ପଞ୍ଜିକୃତ ହେଉଛି। ଅନେକ ଦିନ ଧରି କାଶ ଭଲ ନ ହେବା, କଫ ବା ଛେପ ପକାଇବାବେଳେ ରକ୍ତ ପଡ଼ିବା, ସାଧାରଣ କାମ କଲେ ମଧ୍ୟ ଧଇଁସଇଁ ହୋଇଯିବା, କାଶିବା, ହସିବା କିମ୍ବା ଗଭୀର ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେବା ଆଦି ଫୁସ୍‌ଫୁସ୍ କର୍କଟର ଲକ୍ଷଣ ହୋଇଥାଏ। ଫୁସ୍‌ଫୁସ୍ କର୍କଟର ନିରାକରଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ କର୍କଟ ସୃଷ୍ଟି କରୁଥିବା ଉପାଦାନଗୁଡ଼ିକଠାରୁ ଦୂରରେ ରହିବା। ଫୁସ୍‌ଫୁସ୍ କର୍କଟ ସାରା ବିଶ୍ୱରେ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇଥିଲେ ମଧ୍ୟ ସଚେତନତା ଓ ସତର୍କତା ଦ୍ୱାରା ଏହାକୁ ବହୁ ମାତ୍ରାରେ ରୋକାଯାଇପାରିବ।

## ପତ୍ନୀଙ୍କ ଅବହେଳା ପତିଙ୍କ ମୌନବ୍ରତ



ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଲେ କଥାବାର୍ତ୍ତା ବନ୍ଦ କରିଦେବା ଏକ ସାଧାରଣ କଥା। ହେଲେ ଜାପାନର ନାରା ସହରରେ ଓଟୋ କାତାୟାମ ନାମକ ଜଣେ ବ୍ୟକ୍ତି ଅଜବ କାରଣ ଯୋଗୁଁ ନିଜ ପତ୍ନୀ ୟୁମି ସହ ୨୦ ବର୍ଷ କଥାବାର୍ତ୍ତା କରିନଥିଲେ। ପତ୍ନୀ ନିଜ ପିଲାମାନଙ୍କର ଯତ୍ନ ନେଉଥିଲେ। ସ୍ୱାମୀ ଭାବେ ତାଙ୍କୁ ଅଣଦେଖା କରୁଥିବା ଭାବି ଓଟୋଙ୍କ ମନରେ ଈର୍ଷା ସୃଷ୍ଟି ହୋଇଥିଲା। ଏଥିପାଇଁ ସେ ଦୀର୍ଘ ୨୦ ବର୍ଷ ପତ୍ନୀଙ୍କୁ ପଦୁଟିଏ ବି କଥା କହିନଥିଲେ। ଏହି ମାମଲା ୧୯୯୭ ମସିହାରେ ଆରମ୍ଭ ହୋଇଥିଲା। ସବୁଠୁ ବଡ଼ କଥା ହେଉଛି, ୨୦ ବର୍ଷ ଧରି ଉଭୟ ସ୍ୱାମୀ ସ୍ତ୍ରୀ ଗୋଟିଏ ଛାତ ତଳେ ଏକାଠି ରହୁଥିଲେ। ଏହି ନିସ୍ତବ୍ଧତା ମଧ୍ୟରେ ହିଁ ସେମାନଙ୍କର ତୃତୀୟ ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା। ତିନିଜଣ ସନ୍ତାନଙ୍କୁ ସେମାନେ ବଡ଼ କଲେ। ପ୍ରତିଦିନ ଏକାଠି ଖାଉଥିଲେ। ହେଲେ ଓଟୋ ସ୍ତ୍ରୀଙ୍କ ସହ କଥାବାର୍ତ୍ତା ବନ୍ଦ କରି କେବଳ ମୁଣ୍ଡ ହଲାଇ କିମ୍ବା ଠାରରେ ନିଜ କଥା କହୁଥିଲେ। ଅନ୍ୟପଟେ ପିଲାମାନଙ୍କ ସହ ସେ ପୂରା ସ୍ୱାଭାବିକ ଓ ହସଖୁସିରେ କଥାବାର୍ତ୍ତା କରୁଥିଲେ। ଏହା ଘରର ପରିବେଶକୁ ଆହୁରି ଅସ୍ୱସ୍ତିକର କରିଦେଉଥିଲା। ତେବେ ପିତା ଚାକିରିରୁ ଅବସର ନେବା ପରେ ଯଦି ନିଜର ନୀରବତା ଭଙ୍ଗ ନ କରନ୍ତି ପୁରା ପରିବାର ମାନସିକ ରୂପେ ଭାଙ୍ଗି ପଡ଼ିବେ ଚିନ୍ତା କରି ସାନପୁଅ ଯୋଶିକି ୨୦୧୭ ମସିହାରେ ଟେଲିଭିଜନ ରିଆଲିଟି ଶୋ' 'ଟିଭି ହୋକ୍କାଇଡୋ'କୁ ପତ୍ର ଲେଖି ସାହାଯ୍ୟ ମାଗିଥିଲେ। ଉକ୍ତ ଶୋ'ର ନିର୍ମାତା ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ନାରା ପାର୍କକୁ ଡାକିଥିଲେ ଯେଉଁଠାରେ ସେମାନେ ପ୍ରଥମ ଥର ପାଇଁ ଡେଟ୍‌ରେ ଯାଇଥିଲେ। ଲୁକ୍କାୟିତ କ୍ୟାମେରା ଏବଂ ପିଲାଙ୍କ ସାମ୍ନାରେ ଓଟୋ ୨୦ ବର୍ଷ ପରେ 'ଆମେ ପରସ୍ପର ସହ କଥା ହେବାରେ ବହୁତ ସମୟ ବିତିଗଲାଣି' ବୋଲି ପ୍ରଥମ ବାକ୍ୟ କହିଥିଲେ। ପତ୍ନୀଙ୍କ ପୂରା ଧ୍ୟାନ ପିଲାମାନଙ୍କ ଉପରେ ଥିବାରୁ ସ୍ୱାମୀଭାବେ ସେ ଅବହେଳିତ ଅନୁଭବ କରିଥିଲେ। ଏହି ପିଲାଳିଆମି ଅହଂକାର ଯୋଗୁଁ ହିଁ ସେ ସ୍ତ୍ରୀଙ୍କ ସହ କଥା କହିବା ବନ୍ଦ କରିଦେଇଥିବା ସ୍ୱୀକାର କରିଥିଲେ। ନିଜର ଭୁଲ ସ୍ୱୀକାର କରି ୟୁମିଙ୍କୁ କ୍ଷମା ମାଗିବା ସହ ତାଙ୍କ ଏତେ ବର୍ଷ ଧରି ଧୈର୍ଯ୍ୟ ଧରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।


## 'ଧୁରନ୍ଧର ୨'କୁ ପଛରେ ପକାଇଲା 'ରାମାୟଣ'

### ୭୫ କୋଟିରେ ବିକ୍ରି ହେଲା ମ୍ୟୁଜିକ୍ ରାଇଟ୍‌ସ

ନିତେଶ ତିୱାରୀଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ର ଭବ୍ୟ ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଫିଲ୍ମର ଟ୍ରେଲର୍ ପ୍ରତ୍ୟେକ ଦର୍ଶକଙ୍କ ମନରେ ଗଭୀର ପ୍ରଭାବ ପକାଇଛି। ରଣବୀର କପୁର, ସାଇ ପଲ୍ଲବୀ ଓ ୟଶ୍‌ଙ୍କ ଚରିତ୍ର ଏବଂ ଲୁକ୍ ମଧ୍ୟ ସୋସିଆଲ୍ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଟ୍ରେଲର୍ ରିଲିଜ୍ ହେବାପରେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଆୟ ମାମଲାରେ ଇତିହାସ ସୃଷ୍ଟି କରିବ ବୋଲି ଏବେଠୁ ଚର୍ଚ୍ଚା ହେବାକୁ ଲାଗିଲାଣି। ତଥାପି, ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପୂର୍ବରୁ ହିଁ ଏକ ବଡ଼ ରେକର୍ଡ କରିସାରିଛି। 'ରାମାୟଣ' ଏହି ନୂଆ ରେକର୍ଡ ସୃଷ୍ଟି କରିବା ସହିତ ରଣବୀର ସିଂଙ୍କ ବ୍ଲକବଷ୍ଟର୍ ଚଳଚ୍ଚିତ୍ର 'ଧୁରନ୍ଧର ୨'ର ଏକ ରେକର୍ଡକୁ ମଧ୍ୟ ଭାଙ୍ଗିଛି। 'ରାମାୟଣ'ର ମ୍ୟୁଜିକ୍ ରାଇଟ୍ସକୁ ଟିସିରିଜ୍ ୭୫ କୋଟିରେ କିଣିଛି। ହିନ୍ଦୀ ସିନେମା ଜଗତରେ ମ୍ୟୁଜିକ୍ ରାଇଟ୍‌ସ କିଣିବାରେ ଏହା ସବୁଠୁ ବଡ଼ ଡିଲ୍ ବୋଲି କୁହାଯାଉଛି। ଏଯାବତ୍ ସବୁଠାରୁ ବଡ଼ ମ୍ୟୁଜିକ୍ ରାଇଟ୍ସ ଡିଲ୍‌ର ରେକର୍ଡ ରଣବୀର ସିଂଙ୍କ ଚଳଚ୍ଚିତ୍ର 'ଧୁରନ୍ଧର ୨' ନାମରେ ଥିଲା। ଏହାର ରାଇଟ୍ସ ୫୪ କୋଟିରେ ବିକ୍ରି ହୋଇଥିଲା। ଏବେ ଏହି ରେକର୍ଡକୁ 'ରାମାୟଣ' ପଛରେ ପକାଇ ଦେଇଛି। 'ରାମାୟଣ'ର ମ୍ୟୁଜିକ୍ ରାଇଟ୍ସ ହାସଲ କରିବା ପାଇଁ ଟି-ସିରିଜ୍ ଏବଂ ସୋନି ମ୍ୟୁଜିକ୍ ମଧ୍ୟରେ କଡ଼ା ଟକ୍କର ଚାଲିଥିଲା। ସୋନି ମ୍ୟୁଜିକ୍ ସର୍ବାଧିକ ୭୦ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ ଥିଲା, କିନ୍ତୁ ୭୫ କୋଟି ଟଙ୍କା ଦେଇ ଟି-ସିରିଜ୍ ଏହି ବାଜି ମାରିନେଇଛି। 'ରାମାୟଣ'ର ପ୍ରଯୋଜକ ନମିତ ମଲହୋତ୍ରା କିନ୍ତୁ ଏହାର ମ୍ୟୁଜିକ୍ ରାଇଟ୍‌ସକୁ ୧୦୦ କୋଟିରେ ବିକ୍ରି କରିବାକୁ ଇଚ୍ଛା କରୁଥିଲେ। ଏହି ଚଳଚ୍ଚିତ୍ରଟି ଦୁଇଟି ପାର୍ଟରେ ମୁକ୍ତିଲାଭ କରିବ। ଏହାର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ମୁକ୍ତିଲାଭ କରିବ।



## ପତ୍ରିକା ପରିଚୟ




### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ଲିଟିଲ ଷ୍ଟାର୍ ଗ୍ରୁପ୍**
**ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬**
**ମୂଲ୍ୟ: ୨୦ ଟଙ୍କା**

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ର ରଥ ସଂଖ୍ୟା ସୁମନ୍ତ ମହାରଣାଙ୍କ ସଂପାଦନାରେ ପ୍ରକାଶ ପାଇଛି। ଓଡ଼ିଶାର ଅନେକ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକଙ୍କ କବିତା, ଗପ, ପୌରାଣିକ କାହାଣୀରେ ଏହି ସଂଖ୍ୟାଟି ସମୃଦ୍ଧ ହୋଇଛି। କବିତା ବିଭାଗରେ ରାଜକିଶୋର ପାଢ଼ୀଙ୍କ 'ମୋ ଆଶା', ରମାକାନ୍ତ ବେହେରାଙ୍କ 'କୋଟିଏରେ ପରା ଦିଶୁଁ ସେ ଗୋଟିଏ', କମଳିନୀ ମଲ୍ଲିକଙ୍କ 'ସେମାନେ ଯାହା କୁହନ୍ତି ତାହା', ବିଶ୍ୱଜିତା ମହାନ୍ତିଙ୍କ 'ଜ୍ୱର ଓ ମୋ ଅଭିନୟ', ପ୍ରହଲ୍ଲାଦ ଛାଟୋଇଙ୍କ 'ବାପା', ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ପ୍ରିୟଦର୍ଶିନୀ ମହାନ୍ତିଙ୍କ 'ଭକ୍ତ ଦାସିଆ ବାଉରୀ', ଡକ୍ଟର ସୁଷମା ମିଶ୍ରଙ୍କ 'ହେରା ପଞ୍ଚମୀ କଥା'ରେ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ସଂପର୍କରେ ଆଲୋଚନା କରାଯାଇଛି। ସେଭଳି ପ୍ରଦୀପ ମଲ୍ଲିକଙ୍କ 'ଆଶିଷ ଦେଲେ ଜଗନ୍ନାଥ', ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କ 'ଜ୍ଞାନଚକ୍ଷୁର କାରବାର', ଡକ୍ଟର ବିଜୟ ଚନ୍ଦ୍ର ମହାରଣାଙ୍କ 'ମନର ମଇଳା ଦୂର କର' ଆଦି ଗପଗୁଡ଼ିକ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି। ଏହି ସଂଖ୍ୟାରେ ପ୍ରକାଶିତ 'ପୌରାଣିକ କାହାଣୀ ପେଡ଼ି' 'ଆମ ପ୍ରତିଭା', 'ଆମ ହାତ ଅଙ୍କା ଛବି' ଆଦି ବିଭାଗର ଲେଖା ଓ ଫଟୋଗୁଡ଼ିକ ଆକର୍ଷଣୀୟ ହୋଇଛି। 'ମୋ ଆଶା'ର ଚଳିତ ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

## ପ୍ରହେଳିକା

- ଏମିତି ଅଟଇ ଦରବ ସିଏ
  ତାକୁ ଏ ମନୁଷ୍ୟ ପାନରେ ଖାଏ
  ବସୁଥାଏ ପୁଣି ପୂଜାରେ ସିଏ
  ନାମଟି ତାହାର କହିବ କିଏ?

  ଉ-ଗୁଆ

- ଭାରି ଉପକାରୀ ବନ୍ଧୁଟେ ସିଏ
  ଶରୀର ପାଇଁ କି ବ୍ୟାୟାମ ଦିଏ
  ଆଖ ପାଖ ଯାଗା ଯିବାର ପାଇଁ
  ନେଇଯାଏ ସିଏ ଗାଡ଼ିଟେ ହୋଇ
  ଦୁଇ ଚକିଆ ଅଟେ ସେ ଯାନ
  ବୁଝୁଥାଏ ସିଏ ଗରିବ ମନ
  ତେଲ କି ଗ୍ୟାସ୍ ପିଏନି ସିଏ
  ନାମଟି ତାହାର କହିବ କିଏ?

  ଉ-ସାଇକଲ୍

- କାଠରେ ତିଆରି ଚକାଟି ମୋର
  କିଏ ସେ ପାରିବ ଜାଣି
  ଦୁଇଟି ବଳଦ ମୋ' ପାଇଁ ଲୋଡ଼ା
  ନେବାକୁ ମୋତେ ଟାଣି
  କେତେ ଦରବ ନିଏ ମୁଁ ବୋହି
  ଏମିତି ଏକ ଯାନ
  ଧୋକା ଦିଏନି କାହାକୁ କେବେ
  ରଖେ ମୁନିବ ମାନ?

  ଉ-ଶଗଡ଼

- ଦିନ ହୁଅଇ ବଡ଼ ସେ ଦିନରୁ
  ରାତୁ ହୁଅଇ ଛୋଟ
  ବର୍ଷର ଶେଷ ମାସରେ ଯାସାଥେ
  ହୁଅଇ ଆମ ଭେଟ?

  ଉ-ବଡ଼ ଦିନ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର

## ବରଷା କାଳ ଆସିଛି ମିତ



ରାମଚନ୍ଦ୍ର ବେହେରା

ବରଷା କାଳ ଆସିଛି ମିତ
ଲାଗୁଛି ଭାରି ଡର
ଘରକୁ ଘର ବ୍ୟାପି ଯାଉଛି
ସରଦି କାଶ ଜ୍ୱର।
ଝାଡ଼ା ବାନ୍ତିର କହର ଆଜି
ଦିଶଇ ଘରେ ଘରେ
ଚିକିତ୍ସା ହେଲା କରଇ ଯିଏ
ଜୀବନ ତା'ର ହାରେ।
ମଶା ମାଛିଙ୍କ ବଂଶ ବଢ଼ଇ
ଏଇ ବରଷା କାଳେ
ଗରମ ଖାଇ ଶୋଇବା ଆମେ
ନିତି ମଶାରି ତଳେ।
ଠେଲା ଉପରୁ ଛଣା ଦରବ
ଖାଇବା ନାହିଁ କେବେ
ପେଟ କାମୁଡ଼ା ଡାଇରିଆକୁ
ଦୂରେଇ ଦେବା ତେବେ।
ଦୋକାନ ବିକା ଥଣ୍ଡା ପାନୀୟ
ଦେହକୁ କରେ ହାନି
ଫୁଟା ପାଣିକୁ ଶୀତଳ କରି
ପିଇବା ନିତି ଛାଣି।
ଘର ପାଖରେ ପାଣି ଜମିଲେ
କରିବା ଉପଚାର
ସଜାଗ ରହି କରିଲେ କାମ
ନ ଥିବ ଡେଙ୍ଗୁ ଡର।

ତେନ୍ତୁଳିପଦା, ଜଗତସିଂହପୁର

## ସୁମନ


## ନିନ୍ଦୁକ ପଣ୍ଡିତ



ସୁଧାଂଶୁ ଶେଖର ଦ୍ୱିବେଦୀ

ଜଣେ ଜ୍ଞାନୀ ପଣ୍ଡିତ ଥିଲେ। ତାଙ୍କ ନାମ ସୁଖାନନ୍ଦ। ବେଦ, ଉପନିଷଦ, ଶାସ୍ତ୍ରରେ ତାଙ୍କର ବେଶ୍ ଦକ୍ଷତା ରହିଥିଲା। କିଛି ବି ବିଷୟ ହେଉ ପ୍ରତିଟି ବିଷୟରୁ ସେ ଭୁଲ୍ ବାହାର କରିଦିଅନ୍ତି। ଅନେକ ଜ୍ଞାନୀ ଗୁଣୀ ଲୋକ ବି ତାଙ୍କଠାରୁ ହାରି ଯାଆନ୍ତି। ତାଙ୍କର ତର୍କ ପାଖେ ସମସ୍ତଙ୍କୁ ନତମସ୍ତକ ହେବାକୁ ପଡ଼େ। ପ୍ରତ୍ୟେକଙ୍କଠାରେ ଖରାପ ଖୋଜିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଥାଏ। ସେଥିପାଇଁ କେତେକ ଲୋକ ତାଙ୍କୁ ସୁଖାନନ୍ଦ ବଦଳରେ ନିନ୍ଦୁକ ପଣ୍ଡିତ ନାମରେ ସମ୍ବୋଧନ କରନ୍ତି। ସୁଖାନନ୍ଦଙ୍କର ଖ୍ୟାତି ଦୂର ଦୂରାନ୍ତ ଯାଏ ବ୍ୟାପିଥାଏ। ବଡ଼ ବଡ଼ ପଣ୍ଡିତମାନେ ନିଜର ଶଙ୍କା ଦୂର କରିବାକୁ ତାଙ୍କ ନିକଟକୁ ଆସିଲେ ଜ୍ଞାନ ବଦଳରେ ନିନ୍ଦା ଅପମାନିତ ହୋଇ ଫେରି ଯାଆନ୍ତି। ନିଜ ସ୍ୱଭାବରେ ସେ ଅଟଳ। ପଣ୍ଡିତମାନଙ୍କୁ ତାଙ୍କ ଗୁଣ ଖରାପ ଲାଗୁଥିଲେ ବି ଚୁପ୍ ରହନ୍ତି। ସୁଖାନନ୍ଦଙ୍କ ସ୍ୱଭାବରେ ତାଙ୍କ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ ମଧ୍ୟ ଚିନ୍ତାରେ ପଡ଼ନ୍ତି। ଦିନେ ଦେବର୍ଷି ନାରଦ ବୈକୁଣ୍ଠ ନିବାସୀ ଭଗବାନ ବିଷ୍ଣୁଙ୍କ ନିକଟରେ ସୁଖାନନ୍ଦଙ୍କ ବିଷୟ ଜଣାଇ କହିଲେ-ପ୍ରଭୁ! ଜଣେ ବଡ଼ ଅଦ୍ଭୁତ ଜ୍ଞାନୀ ପୃଥିବୀ ଲୋକରେ ଅଛନ୍ତି। ତାଙ୍କ ଭିତରେ ଏତେ ଜ୍ଞାନ ଭରି ରହିଛି ଯେ, ଦେବତାଙ୍କୁ ବି ପରାଜିତ କରି ଦେବେ। ଆଜିଯାଏ କେହି ତାଙ୍କ ଆହ୍ୱାନକୁ ସ୍ୱୀକାର କରିପାରି ନାହାନ୍ତି। ସମ୍ଭବତଃ ମୃତ୍ୟୁ ପରେ ଯମ ଲୋକରେ ମଧ୍ୟ ସମସ୍ତଙ୍କ ଭୁଲ ବାହାର କରିଦେବେ। ନାରଦଙ୍କ କଥା ଶୁଣି ଭଗବାନ ବିଷ୍ଣୁ ସ୍ମିତ ସ୍ମିତ ହସୁଥାନ୍ତି। ପାଖରେ ମା' ଲକ୍ଷ୍ମୀ ବସିଥାନ୍ତି। ସେ ଏସବୁ ସହ୍ୟ କରି ନ ପାରି ସ୍ୱାମୀଙ୍କୁ କହିଲେ - ଆପଣ ସୁଖାନନ୍ଦଙ୍କୁ ବୈକୁଣ୍ଠପୁର ନେଇ ଆସନ୍ତୁ। ମୁଁ ତାଙ୍କୁ ସେବା ଶୁଶ୍ରୂଷା କରି ମୁଗ୍ଧ କରିଦେବି। ସେ ମୋର କୌଣସି ତ୍ରୁଟି ଦର୍ଶାଇ ପାରିବେ ନାହିଁ। ଭଗବାନ ବିଷ୍ଣୁ ମା'ଙ୍କୁ ବହୁତ ବୁଝାଇଲେ। ସେ କିନ୍ତୁ ତାଙ୍କ ଜିଦ୍‌ରେ ଅଟଳ ରହି ସୁଖାନନ୍ଦଙ୍କୁ ବୈକୁଣ୍ଠପୁର ଆଣିବା ଲାଗି ନିଜ ବିମାନ ପଠାଇଲେ। ସୁଖାନନ୍ଦ ମା'ଙ୍କ ବିମାନରେ ବସିବା କ୍ଷଣି ତୁରନ୍ତ ବୈକୁଣ୍ଠପୁରରେ ପହଞ୍ଚିଗଲେ। ମା' ଲକ୍ଷ୍ମୀ ସ୍ୱୟଂ ତାଙ୍କ ପାଦ ପ୍ରକ୍ଷାଳନ କରି ଉତ୍କୃଷ୍ଟ ଆସନରେ ବସାଇଲେ। ବିଭିନ୍ନ ପ୍ରକାର ଫଳ ଓ ସ୍ୱାଦିଷ୍ଟ ଭୋଜନ ଖୁଆଇଲେ। ତିନିଦିନଯାଏ ମା' ଲକ୍ଷ୍ମୀ ସୁଖାନନ୍ଦଙ୍କର ସେବା ଯତ୍ନ କଲେ। ବୈକୁଣ୍ଠପୁରରେ ଏଭଳି ସ୍ୱାଗତ ପ୍ରଥମଥର ପାଇଁ କୌଣସି ମନୁଷ୍ୟର କରାହେଲା। ସୁଖାନନ୍ଦ ମା'ଙ୍କ ସେବା ପାଇ ପ୍ରସନ୍ନ ହେଉଥାନ୍ତି। ଚତୁର୍ଥ ଦିନ ସେ ଫେରିବାକୁ ପ୍ରସ୍ତୁତ ହେଲେ। ଭଗବାନ ବିଷ୍ଣୁ ତଥା ମା' ଲକ୍ଷ୍ମୀ ସ୍ୱୟଂ ତାଙ୍କୁ ବିମାନ ନିକଟକୁ ନେଇଆସିଲେ। ସ୍ୱାଗତ ସତ୍କାରରେ କୌଣସି ତ୍ରୁଟି ରହିଗଲା କି? ଏହା ଭାବି ମା' ମନେମନେ ବିଚଳିତ ହେଉଥାନ୍ତି। ତାଙ୍କୁ ସଂପୂର୍ଣ୍ଣ ବିଶ୍ୱାସ ଥାଏ ବ୍ରାହ୍ମଣ ଦେବତା ତାଙ୍କ ସେବାରେ କୌଣସି ତ୍ରୁଟି ବାହାର କରିପାରିବେ ନାହିଁ। ସେ ବିଷୟରେ ପଚାରିବାକୁ ତାଙ୍କ ମନରେ ଉତ୍କଣ୍ଠା ହେଉଥାଏ। ଭଗବାନ ବିଷ୍ଣୁ ମା'ଙ୍କ ମନର କଥା ଜାଣି ସେ ବିଷୟରେ ନ ପଚାରିବାକୁ ଇଶାରାରେ ଜଣାଇ ଦେଲେ। କିନ୍ତୁ ମା' ଭଗବାନଙ୍କ ଇଶାରାକୁ ଭୁଲି ପଚାରିଲେ-ବ୍ରାହ୍ମଣ ଦେବତା! ଆପଣଙ୍କ ସ୍ୱାଗତ ସତ୍କାରରେ କିଛି ତ୍ରୁଟି ରହିଯାଇ ନାହିଁ ତ? ସୁଖାନନ୍ଦ କିଛିକ୍ଷଣ ଚୁପ୍ ରହିବା ପରେ କହିଲେ-ବିଷ୍ଣୁଲୋକରେ ମୋ ଭଳି ଜଣେ ମନୁଷ୍ୟର ଏଭଳି ସ୍ୱାଗତ ସତ୍କାର ହେବ ମୁଁ ଭାବି ନଥିଲି। ଆପଣଙ୍କ ସେବାର କୌଣସି ପଟାନ୍ତର ନାହିଁ। ହେଲେ ଏତେ ପରିମାଣରେ ସେବା କରିବା ଉଚିତ୍ ନୁହେଁ। ଏହା କହି ସେ ହାକୁଟି ମାରି ଥନ୍ତଲ ପେଟରେ ପାପୁଲି ଘୁରେଇ ବିମାନରେ ବସିପଡ଼ିଲେ। ଭଗବାନ ବିଷ୍ଣୁ ମା'ଙ୍କୁ ଏକଲୟରେ ଚାହିଁଥାନ୍ତି। ବାଜି ହାରିଯାଇଥିବା ଅପମାନରେ ମା' ମୁହଁ ଶୁଖେଇ ଛିଡ଼ା ହୋଇଥାନ୍ତି।

ବିସି-୭୪, ସଲ୍ଟ ଲେକ୍, କଲିକତା



## ଆଜିର ଚିତ୍ର










**ଅଭିଲାଷ ଦାଶ**
ଦଶମ ଶ୍ରେଣୀ
ବଲାଙ୍ଗୀର ପବ୍ଲିକ୍ ସ୍କୁଲ
ବଲାଙ୍ଗିର


**ଶୁଭଶକ୍ତି ହାଁସଦା**
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ


**ସୌରଭ ରଞ୍ଜନ କର**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ଛକ, କଟକ


**ଆରୁଷି ବିଶ୍ୱାଳ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

**ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬**

# ଜୁଡୋରେ ଅସ୍ମିତାଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଗ୍ଲାସ୍‌ଗୋ,୩୧।୭ (ଏଜେନ୍ସି)

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ଜୁଡୋରେ ଐତିହାସିକ ସ୍ୱର୍ଣ୍ଣ ପଦକ ମିଳିଛି। ଶୁକ୍ରବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ଜୁଡୋକା ଅସ୍ମିତା ଦେ ଭାରତକୁ ଏହି ସ୍ମରଣୀୟ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ। ଫାଇନାଲରେ ଅସ୍ମିତା ୨-୧ରେ କାନାଡାର


ଅସ୍ମିତା ଦେ

ହେଇଦି କ୍ୱାଚଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଫଳରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଜୁଡୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ଅସ୍ମିତା ପ୍ରଥମ ଭାରତୀୟ ହୋଇଛନ୍ତି। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଏହା ଜୁଡୋରୁ ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ରହିଛି।

**ବକ୍ସିଂ ଫାଇନାଲରେ ପ୍ରୀତି, ଅଙ୍କୁଶ**


ବକ୍ସିଂରେ ଭାରତର ୧୦ଜଣ ବକ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏଥିରେ ବିଜୟୀ ହେଲେ ଅତିକମ୍‌ରେ ରୌପ୍ୟ କିମ୍ବା ପରାଜିତ ହେଲେ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଶେଷ ଖବର ସୁଦ୍ଧା ଅନୁଷ୍ଠିତ ହୋଇଥିବା ୨ଟି କାଟେଗୋରୀ ମଧ୍ୟରୁ ମହିଳା ବିଭାଗରେ ପ୍ରୀତି ପାୱାର ଓ ପୁରୁଷ ବିଭାଗରେ ଅଙ୍କୁଶ ଫାଇନାଲରେ ପ୍ରବେଶ କରିସାରିଛନ୍ତି। ଫଳରେ ଭାରତକୁ ଅତିମକରେ ଆଉ ଦୁଇଟି ରୌପ୍ୟ ପଦକ ମିଳିବା ନିଶ୍ଚିତ କରିଛନ୍ତି।

ଶୁକ୍ରବାର ମହିଳା ବିଭାଗର ୫୪ କେଜି କାଟୋଗୋରୀରୁ ବକ୍ସିଂ ଇଭେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ୨ଥରର ଏସୀୟ ଚାମ୍ପିଅନ ପ୍ରୀତି ପାୱାରଙ୍କ ସହ ଜାମ୍ବିଆର କାଥେରିନ୍ ଏମ୍‌ୱାପେଙ୍କ ସହ ମୁକାବିଲା ହୋଇଥିଲା। ପ୍ରୀତି ୫-୦ରେ ଏକତରଫାଭାବେ କାଥେରିନ୍‌ଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ କାନାଡାର ସ୍କାରଲେଟ ଡେଲଗାଡୋଙ୍କ ସହ ପ୍ରୀତିଙ୍କର ମୁକାବିଲା ହେବ।

ଦ୍ୱିତୀୟ କାଟେଗୋରୀ ପୁରୁଷ ବିଭାଗର ୮୦ କେଜି କାଟେଗୋରୀରେ ହୋଇଥିଲା। ଏଥିରେ ଭାରତର ଅଙ୍କୁଶ ପାଙ୍ଘଲ ୫-୦ରେ କାନାଡାର ଜୋଶୁଆ ଓଫୋରୀଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ପ୍ରୀତିଙ୍କ ଭଳି ଅଙ୍କୁଶ ମଧ୍ୟ ଏହି ମୁକାବିଲାକୁ ସହଜରେ ଜିତିନେଇଥିଲେ। ଆରମ୍ଭରୁ ଶେଷଯାଏ ଅଙ୍କୁଶ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଶକ୍ତିଶାଳୀ ପଞ୍ଚ୍ ଓ ଚତୁର ଟେକ୍‌ନିକ ବଳରେ ଜୋଶୁଆ ମୁଣ୍ଡ ଦେଖାଇ ଅଙ୍କୁଶଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ଚେଷ୍ଟା କରିଥିଲେ। ଫଳରେ ତାଙ୍କୁ ଫାଉଲ କରିବାକୁ ପଡ଼ିଥିଲା ଓ ସେ ପଏଣ୍ଟ ହରାଇଥିଲେ। କେବଳ ପଞ୍ଚମ ରାଉଣ୍ଡରେ ଜୋଶୁଆ କିଛି ଜୋରଦାର ମୁକାବିଲା କରିଥିଲେ ଓ ଅଙ୍କୁଶ ଏହି ମୁକାବିଲାକୁ ୨୯-୨୭ ପଏଣ୍ଟରେ କବଜା କରିଥିଲା।

ଏହାପରେ ଖେଳାଯିବାକୁ ଥିବା ସେମିଫାଇନାଲରେ ମହିଳା ୫୭ କେଜିରେ ଯସ୍ମିନ ଲାମ୍ବୋରିଆଙ୍କ ସହ ଲିସୋଥୋର ରାପେଲାଙ୍ଗ ମାସେଲେଲା, ମହିଳା ୭୦ କେଜିରେ ଅରୁନ୍ଧତି ଚୌଧୁରୀଙ୍କ ସହ ୱେଲ୍ସର ରୋଜି ଇକ୍ଲେସ୍, ପୁରୁଷ ୫୫ କେଜିରେ ଯଦୁମଣି ସିଂଙ୍କ ସହ ନାମିବ୍ୟାର ଫିଲିପ ହାଓସେବ୍‌ଙ୍କର ଲଢ଼େଇ ହେବ। ସେହିଭଳି ମହିଳା ୫୧ କିଲୋଗ୍ରାମ୍‌ରେ ସାକ୍ଷୀ ଚୌଧୁରୀ, ୬୦ କେଜିରେ ପ୍ରିୟା ଘାଙ୍ଗାସ, ୭୫ କେଜିରେ ଲଭଲିନା ବୋ।ରୋ।ଗୋ।ହା।ଇଁ, ପୁରୁଷ ୬୦ କେଜିରେ ସଚିନ ସିୱାଚ ଓ ପୁରୁଷ ୯୦ କେଜିରୁ ଉଦ୍ଧ୍ୱର୍ କାଟେଗୋରୀରେ ନରେନ୍ଦ୍ର ବେରୱାଲ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

## ଏକ କେଜି ଲାଗି ସ୍ୱର୍ଣ୍ଣ ହରାଇଲେ ଲଭ୍‌ପ୍ରୀତ୍



ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ଦିନରେ ଭାରତ ମାତ୍ର ଦୁଇଟି ପଦକ ଜିତିବାକୁ ସମର୍ଥ ହୋଇଥିଲା। ଭାରୋତ୍ତୋଳନର ୧୧୦ କେଜିରୁ ଉଦ୍ଧ୍ୱର୍ କାଟେଗୋରୀରେ ଲଭ୍‌ପ୍ରୀତ୍ ସିଂହ ଓ ମହିଳା ଡିସ୍‌କସ୍ ଥ୍ରୋ'ରେ ସୀମା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୁରୁଷ ସଟ୍‌ପୁଟ୍‌ରେ ତାଜିନ୍ଦର ପାଲ ସିଂ ଟୁର୍ ପଦକ ଜିତିବେ ବୋଲି ଦୃଢ଼ ଆଶା ରହିଥିଲା। କିନ୍ତୁ ସେ ୫ମ ଓ ସମରପ୍ରୀତ୍ ସିଂହ ପାଲ ୭ମ ସ୍ଥାନରେ ରହି ଭାରତକୁ ନିରାଶ କରିଥିଲେ।

ପୁରୁଷ ୧୧୦ କେଜିରୁ ଉଦ୍ଧ୍ୱର୍ ଭାରୋତ୍ତୋଳନରେ ଲଭ୍‌ପ୍ରୀତ୍ ସିଂହ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରିଥିଲେ। କିନ୍ତୁ ଶେଷ ଲିଫ୍ଟରେ ନ୍ୟୁଜିଲାଣ୍ଡର ଡେଭିଡ୍ ଆଣ୍ଡ୍ର୍ୟୁ ଲିଟି ଚମତ୍କାର ପ୍ରଦର୍ଶନ ସହ ଲଭ୍‌ପ୍ରୀତ୍‌ଙ୍କଠାରୁ କ୍ଲିନ୍ ଆଣ୍ଡ ଜର୍କରେ ୧୧ କେଜି ଅଧିକ ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଛଡାଇନେଇଥିଲେ। ସ୍ନାଚ୍‌ରେ ୧୭୬ କେଜି ଓଜନ ଉଠାଇ ଲଭ୍‌ପ୍ରୀତ ସ୍ୱର୍ଣ୍ଣ ଜିତିବେ ବୋଲି ଆଶା ସୃଷ୍ଟି କରିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଲିଟି ୧୬୬ କେଜି ଓଜନ ଉଠାଇଥିବାରୁ ଏହି ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଲିଟି ଯେ ଏତେ ଅଧିକ ଓଜନ ଉଠାଇବେ ତାହା କେହି ବିଶ୍ୱାସ କରିପାରି ନ ଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ଲଭ୍‌ପ୍ରୀତ୍ ୨୧୨ ଓ ଲିଟି ଅବିଶ୍ୱସନୀୟ ୨୨୩ କେଜି ଓଜନ ଉଠାଇଥିଲେ। ମୋଟରେ ୩୮୯ କେଜି ଓଜନ ଉଠାଇ ଲିଟି ସ୍ୱର୍ଣ୍ଣ ଓ ୩୮୮ କେଜି ଓଜନ ଉଠାଇ ଲଭ୍‌ପ୍ରୀତ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଭାରୋତ୍ତୋଳନରେ ଭାରତର ଏହା ୮ମ ତଥା ଶେଷ ପଦକ ଥିଲା। ଏହା ମଧ୍ୟରୁ ମିରାବାଇ ଚାନୁ ଏକମାତ୍ର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

## ମାତୃତ୍ୱ ପରେ ପିଏଚ୍‌ଡି କରୁଥିବା ସୀମାଙ୍କୁ ପଦକ



ମାତ୍ର ଦୁଇ ବର୍ଷରେ ଜଣେ ମେଧାବୀ ଛାତ୍ରୀରୁ ଅନ୍ତର୍ଜାତୀୟ ଡିସ୍‌କସ୍ ଫିଙ୍ଗାଳିରେ ପରିବର୍ତ୍ତିତ ହୋଇଛନ୍ତି ତାମିଲନାଡୁର ସୀମା କାଳିରମଣ। ଗ୍ଲାସ୍‌ଗୋରେ ଅନୁଷ୍ଠିତ ମହିଳା ଡିସ୍‌କସ୍ ଥ୍ରୋ'ରେ ସୀମା ୫୮.୬୫ ମିଟର ଦୂରତାକୁ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲା। ନିକଟରେ ମା' ହୋଇଥିବା ଏହି ୨୭ ବର୍ଷୀୟା ଆଥଲେଟ ପରିବାର ଓ ପେସା ସହ ଖୁବ୍ ଭଲ ତାଳମେଳ ଖୁଆଇଥିଲେ। ଏବେ ପିଏଚ୍‌ଡି କରୁଥିବା ସୀମା ସ୍ୱାମୀ ରବର୍ଟ କାଳିରମଣଙ୍କ ଦ୍ୱାରା ପ୍ରଶିକ୍ଷଣ ପାଇଥିଲେ। ସେ ତାଙ୍କ କ୍ୟାରିୟରେ ୬୦ ମିଟର ଦୂରତା ଅତିକ୍ରମ କରି ନ ଥିଲେ ମଧ ଏଠାରେ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ନିଧିରାଣୀ ୫୫.୩୯ ମିଟର ଦୂରତାକୁ ଡିସ୍‌କସ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଜାମାଇକାର ସାମନ୍ଥା ହଲ ୬୧.୬୬ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ଓ କାନାଡାର ଜୁଲିଆ ଟଙ୍କ୍‌ସ ୬୦.୬୭ ମିଟରକୁ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।

# ଫିଟ୍‌ନେସ୍ ଟେଷ୍ଟରେ ବୁମ୍‌ରା ପାସ୍

## ଖେଳିବେ ଶ୍ରୀଲଙ୍କା ଟେଷ୍ଟ ସିରିଜ



**ବେଙ୍ଗାଲୁରୁ, ୩୧।୭ (ଏଜେନ୍ସି):** ଆଗାମୀ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ଫିଟନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ବୁମରା ଇଂଲଣ୍ଡ ଗସ୍ତରେ ଦିନିକିଆ ସିରିଜରେ ବୁମରା ଆଘାତ ପାଇଥିଲେ। ଏହାପରେ ସେ ପୁନର୍ବାସ ପାଇଁ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) କୁ ଆସିଥିଲେ। ଫିଟନେସରେ ପାସ୍ ହେବାପରେ ତାଙ୍କୁ ବିସିସିଆଇର ସିଓଇ'ରୁ ଏକ ପ୍ରମାଣପତ୍ର ମିଳିଛି। ଫଳରେ ଅଗଷ୍ଟ ୧୫ରୁ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବୁମରା ଉପଲବ୍ଧ ହୋଇଛନ୍ତି। ଏହି ସିରିଜ ପାଇଁ ୨୮ ଜୁଲାଇରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଦଳ ଘୋଷଣା କରାଯାଇଥିଲା। ଯେଉଁଥିରେ ବୁମରା ସାମିଲ ଥିଲେ। ତଥାପି, ବିସିସିଆଇ କହିଥିଲା ଯେ ବୁମରାଙ୍କ ଅଂଶଗ୍ରହଣ ତାଙ୍କ ଫିଟନେସ୍ ଉପରେ ନିର୍ଭର କରିବ। ଏବେ ବୁମରା ଫିଟନେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଖେଳିବା ସ୍ପଷ୍ଟ ହୋଇଛି। ବୁମରା ଶେଷ ଥର ପାଇଁ ଗତବର୍ଷ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ଖେଳିଥିଲେ।

## ବିଶ୍ୱକପ୍ ବିଜେତା ଫ୍ରାଙ୍କୋଙ୍କ ବିୟୋଗ



**ରୋମ୍, ୩୧।୭ (ଏଜେନ୍ସି):** ଫିଫା ବିଶ୍ୱକପ ବିଜେତା ଇଟାଲୀର ପୂର୍ବତନ ଫୁଟବଲ୍ ଖେଳାଳି ଫ୍ୟାଙ୍କୋ ବାରେସିଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ଏହି କିମ୍ବଦନ୍ତୀ ଡିଫେଣ୍ଡରଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଗତ କିଛି ସପ୍ତାହ ଧରି ସେ ଅସୁସ୍ଥ ଥିଲେ ବୋଲି ବାରେସି ପ୍ରତିନିଧିତ୍ୱ କରୁଥିବା କ୍ଲବ ଏସି ମିଲାନ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ବାରେସି ୧୯୮୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ଫିଫା ବିଶ୍ୱକପ୍ ଟ୍ରଫି ଜିତିଥିବା ଇଟାଲୀ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ତାଙ୍କ ନେତୃତ୍ୱରେ ଇଟାଲୀ ୧୯୯୪ ଫିଫା ବିଶ୍ୱକପ୍ ଖେଳି ରନର୍ସଅପ୍ ହୋଇଥିଲା। ଫ୍ରାଙ୍କୋ ଇଟାଲୀ ପାଇଁ ୧୨ ବର୍ଷ ଧରି ମୋଟ୍ ୮୧ଟି ମ୍ୟାଚ୍ ଖେଳିଥିଲେ। ଏହା ବ୍ୟତୀତ କ୍ଲବ ଫୁଟବଲରେ ତାଙ୍କର ଏକ ଲମ୍ବା କ୍ୟାରିଅର ଥିଲା। ଏସି ମିଲାନ ପାଇଁ ସେ ୧୯୭୭ରୁ ଦୀର୍ଘ ୧୯ ବର୍ଷ ପ୍ରତିନିଧିତ୍ୱ କରିଥିଲେ।ଏହି କ୍ଲବ ପାଇଁ ଫ୍ରାଙ୍କୋ ଦ୍ୱିତୀୟ ସର୍ବାଧିକ ୭୧୯ଟି ମ୍ୟାଚ୍ ଖେଳିଥିଲେ। କ୍ଲବ ତାଙ୍କ ସମ୍ମାନାର୍ଥେ ୬ ନମ୍ବର ଜର୍ସିକୁ ମଧ୍ୟ ଅବସର ଦେଇଥିଲା। ଏସି ମିଲାନ କ୍ଲବ ପାଇଁ ୬ଟି ସେରି ଏ ଟାଇଟଲ ଏବଂ ତିନୋଟି ୟୁରୋପୀୟ କପ୍ / ଚାମ୍ପିଅନ୍ସ ଲିଗ୍ ଜିତିଥିଲେ।

## ଟାଉନ୍ କ୍ଲବ୍ ୫-୦ରେ ବିଜୟୀ




**ଭୁବନେଶ୍ୱର, ୩୧।୭ (ସମିସ):** ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ୨୮ତମ ଦିବସରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଟାଉନ କ୍ଲବ ୫-୦ ଗୋଲ୍‌ରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଥିଲା। ଟାଉନ କ୍ଲବ ପ୍ରଥମାର୍ଦ୍ଧରେ ୨ ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ୍ ଦେଇଥିଲା। ସେହିଭଳି ବିଡ଼ାନାସୀ କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ଚର୍ଚ୍ଚାରେ ବିଜୟଙ୍କ ଶେଷ ଓଭର ମେଡେନ

ପାଲେକେଲ, ୩୧।୭ (ଏଜେନ୍ସି): ଭାରତର ପୂର୍ବତନ ବ୍ୟାଟର୍ ବିଜୟ ଶଙ୍କର ଶ୍ରୀଲଙ୍କାରେ ଚାଲିଥିବା ଲଙ୍କା ପ୍ରିମିଅର ଲିଗ୍‌ରେ ଶେଷ ଓଭରରେ ମେଡେନ ଖେଳି ଚର୍ଚ୍ଚାକୁ ଆସିଛନ୍ତି। ୩୫ ବର୍ଷୀୟ ବିଜୟ କାଣ୍ଡି ରୟାଲ୍ସ ପକ୍ଷରୁ ଖେଳୁଛନ୍ତି। ଗତକାଲି ଜାଫ୍ନା କିଙ୍ଗସ ବିପକ୍ଷ ମ୍ୟାଚରେ କାଣ୍ଡି ରୟାଲ୍ସକୁ ଶେଷ ଓଭରରେ ବିଜୟ ଲାଗି ୨୨ ରନ ଆବଶ୍ୟକ ହେଉଥିଲା। କାଣ୍ଡି ପକ୍ଷରୁ ବିଜୟ ଶଙ୍କର ଶେଷ ଓଭରଟି ସାମ୍ନା କରିଥିଲେ। ତେବେ ଜାଫ୍ନା କିଙ୍ଗସ ବୋଲର ଦିଲଶାନ ମଦୁଶନକା ଏହି ଓଭରଟି ୱିକେଟ ମେଡେନ ନେଇଥିଲେ। ଫଳରେ ଜାଫ୍ନା କିଙ୍ଗସ ୨୧ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ବିଜୟ ୨୧ ବଲରେ ୨୫ ରନ କରି ଶେଷ ବଲରେ ଆଉଟ୍ ହୋଇଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜାଫ୍ନା କିଙ୍ଗସ ୨୦ ଓଭରରେ ୬ ୱିକେଟରେ ୨୨୧ ରନ କରିଥିଲା। ଜବାବରେ କାଣ୍ଡି ଦଳ ଇନିଂସର ଶେଷ ବଲରେ ୨୦୦ ରନରେ ଅଲଆଉଟ ହୋଇଥିଲା।

## ୧୨ଟି ଭେନ୍ୟୁରେ ଖେଳାଯିବ ଦିନିକିଆ ବିଶ୍ୱକପ

ଦୁବାଇ, ୩୧।୭ (ଏଜେନ୍ସି)

ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପକୁ ନେଇ ଆଇସିସି ଏକ ବଡ଼ ଘୋଷଣା କରିଛି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବ୍ୟାର ମୋଟ୍ ୧୨ଟି ଭେନ୍ୟୁରେ ବିଶ୍ୱକପ ମ୍ୟାଚଗୁଡ଼ିକ ଖେଳାଯିବ। ଏହି ଯେଉଁଥିରେ ଦକ୍ଷିଣ ଆଫ୍ରିକାର ୮ଟି, ଜିମ୍ବାୱେର ୩ଟି ଓ ନାମିବ୍ୟାର ଗୋଟିଏ ଭେନ୍ୟୁକୁ ଆଇସିସି ମ୍ୟାଚ୍ ଆୟୋଜନ ଲାଗି ଅନୁମୋଦନ କରିଛି। ମୁଖ୍ୟ ଆୟୋଜକ ଦକ୍ଷିଣ ଆଫ୍ରିକାର ୱାଣ୍ଡରର୍ସ ଷ୍ଟାଡିୟମ (ଜୋହାନ୍ସବର୍ଗ), ସେଞ୍ଚୁରିଅନ୍ (ଟ୍ସ୍ୱାନ୍), ନ୍ୟୁଲାଣ୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡ (କେପ୍ ଟାଉନ୍), କିଙ୍ଗସମେଡ୍ କ୍ରିକେଟ୍ ଗ୍ରାଉଣ୍ଡ (ଡର୍ବାନ), ସେଣ୍ଟ ଜର୍ଜ୍ସ ପାର୍କ (ଗକେବେରା), ମାଙ୍ଗାଉଙ୍ଗ୍ ଓଭାଲ୍ (ବ୍ଲୋଏମ୍‌ଫୋଣ୍ଟେନ୍), ବୋଲାଣ୍ଡ ପାର୍କ (ପାର୍ଲ), ବଫାଲୋ ପାର୍କ (କୁଗୋମ୍ପୋ ସିଟି)ରେ ମ୍ୟାଚ୍ ଖେଳାଯିବ। ସେହିଭଳି ସହ-ଆୟୋଜକ ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍ (ହରାରେ), କୁଇନ୍ସ ସ୍ପୋର୍ଟ୍ସ କ୍ଲବ୍ (ବୁଲାୱାୟୋ), ଫାଲେ ମୋସି-ଓ-ଟୁନ୍ୟା ଅନ୍ତର୍ଜାତୀୟ ଷ୍ଟାଡିୟମ (ଭିକ୍ଟୋରିଆ ଫଲ୍ସ) ଏବଂ ନାମିବ୍ୟାର ନାମିବ୍ୟା କ୍ରିକେଟ୍ ଗ୍ରାଉଣ୍ଡ (ୱିଣ୍ଡହୋକ୍) ଆୟୋଜନ ଅଧିକାର ପାଇଛନ୍ତି। ଉଲ୍ଲେଖଯୋଗ୍ୟ ଦୀର୍ଘ ୨୪ ବର୍ଷର ବ୍ୟବଧାନ ପରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାକୁ ପ୍ରତ୍ୟାବର୍ତ୍ତନ କରିଛି। ୨୦୨୭ ଅକ୍ଟୋବର ୪ରୁ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ବିଶ୍ୱକପ୍ ଖେଳାଯିବ।

## ଜାମ୍‌ସେଦପୁରର ଖେଳିବାକୁ ନେଇ ଆଶଙ୍କା

**ଆଇଏସ୍‌ଏଲ୍-୧୩**

**ରୋମ, ୩୧।୭ (ଏଜେନ୍ସି):** ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ୍)ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୪ରୁ ଆରମ୍ଭ ହେବାକୁଯାଉଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ୨୦୨୨ରେ ଲିଗ୍ ସିଲ୍ଡ ବିଜେତା ଜାମସେଦପୁର ଏଫସି ଆଗାମୀ ସିଜନରେ ଖେଳିବାର ସମ୍ଭାବନା ନାହିଁ। ରିପୋର୍ଟ ଅନୁଯାୟୀ ଜାମସେଦପୁର ଏଫ୍‌ସି କ୍ଲବ୍ ଅଂଶଗ୍ରହଣ ଫି'ର ପ୍ରଥମ କିସ୍ତି ଦେଇନାହିଁ। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ) ପକ୍ଷରୁ ଜାମସେଦପୁର ଫି ଦେଇ ନ ଥିବା ନିଶ୍ଚିତ କରିଛି। ଫଳରେ ଆଗାମୀ ସିଜନରୁ କ୍ଲବ ଓହରିଯିବାର ସମ୍ଭାବନା ଅଛି। ଜାମସେଦପୁର ଏଫ୍‌ସି ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବରେ କୌଣସି ସୂଚନା ଦିଆଯାଇନାହିଁ। ରିପୋର୍ଟ ଅନୁଯାୟୀ ଆଇଏସଏଲରେ ଅଂଶଗ୍ରହଣ କରିବାକୁ ଥିବା ୧୪ଟି କ୍ଲବ୍ ମଧ୍ୟରୁ ଜାମସେଦପୁର ଏବଂ ଇଣ୍ଟର କାଶି ଧାର୍ଯ୍ୟ ସମୟ ଜୁଲାଇ ୨୦ ସୁଦ୍ଧା ୫୫ ଲକ୍ଷ ଟଙ୍କାର ପ୍ରଥମ କିସ୍ତି ଦେଇ ନଥିଲେ। ଏହାପରେ ଫି ଦେବାର ଶେଷ ତାରିଖ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସଦ୍ୟତମ ରିପୋର୍ଟ ଅନୁଯାୟୀ ଇଣ୍ଟର କାଶି କିସ୍ତିର ଏକ ପ୍ରମୁଖ ଅଂଶ ଦେଇସାରିଛି। ତେବେ ଜାମସେଦପୁର ଏପର୍ଯ୍ୟନ୍ତ ଦେୟ ଦେଇନାହିଁ।

## ୨୯ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍

**ଭୁବନେଶ୍ୱର,୩୧।୭(ସମିସ):** ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭୁବନେଶ୍ୱରର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ୫ମ ଆମନ୍ତ୍ରିତ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଅଗଷ୍ଟ ୨୯ରେ ଆୟୋଜିତ ହେବ। ଉଭୟ ବାଳକ ଓ ବାଳିକା ବିଭାଗ ପାଇଁ ମୋଟ ୫ଟି ବୟସ ବର୍ଗରେ ଏହା ଆୟୋଜନ କରାଯିବ। ଯେଉଁଥିରେ ୬, ୮ ଓ ୧୦ ବର୍ଷରୁ କମ୍ ବୟସ ବର୍ଗ, ଆଡ଼ଭାନ୍ସ ଲିଭେଲ ଏବଂ ଓପନ ବର୍ଗ ରହିଛି। ୬ ଓ ୮ ବର୍ଷରୁ କମ୍ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଂ ଟେବୁଲ୍, ୧୦ ବର୍ଷରୁ କମ୍ ବାଳିକାରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍, ଆଡ଼ଭାନ୍ସ ବର୍ଗ ବାଳକରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଂ ଟେବୁଲ୍, ପୋମେଲ୍ ହୋର୍ସ ଓ ପାରାଲେଲ୍ ବାର୍ ପ୍ରତିଯୋଗିତା ଆୟୋଜନ ହେବ। ଓପନ୍ ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ୍ ପ୍ରତିଯୋଗିତା ଆୟୋଜନ ହେବ। ଓଡ଼ିଶାର ସମସ୍ତ ଜିଲ୍ଲାର ବିଦ୍ୟାଳୟଗୁଡ଼ିକରୁ କ୍ରୀଡ଼ାବିତ୍‌ମାନେ ଭାଗନେବା ପାଇଁ ଏକାଡେମୀର ଅଧକ୍ଷା ମିରାରାଣୀ ଦାସ ନିବେଦନ କରିଛନ୍ତି। ପଞ୍ଜୀକରଣ ଓ ଅଧିକ ବିବରଣୀ ପାଇଁ ଏକାଡେମୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ତାଇପେଇ ଓପନ୍: ସେମିରେ ଉନ୍ନତି ଓ ତନଭୀ




ତାଇପେଇ ସିଟି, ୩୧।୭ (ଏଜେନ୍ସି): ଦୁଇକୋଟି ୨୯ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ତାଇପେଇ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଉନ୍ନତି ହୁଡା ଓ ତନଭୀ ଶର୍ମା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଉନ୍ନତି ୨୩-୨୧, ୨୧-୧୬ ସିଧାସଳଖ ଗେମରେ ନିଜ ଦେଶର ଦେବୀକା ସିହାଗଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଉନ୍ନତିଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁଏ ଲିନଙ୍କ ସହ ହେବ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ତନଭୀ ୨୧-୧୫, ୧୮-୨୧, ୨୧-୧୪ ଗେମରେ ଥାଇଲାଣ୍ଡର ସୁପନିଦା କାଟେଥୋଙ୍ଗଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଘରୋଇ ଖେଳାଳି ହୁଆଙ୍ଗ ସୁନଙ୍କ ସହ ତନଭୀଙ୍କ ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ତେବେ ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କିରନ ଜର୍ଜ ମାତ୍ର ୩୩ ମିନିଟରେ ୧୨-୨୧, ୧୦-୨୧ ଗେମରେ ଜାପାନର ୟୁଦାଇ ଓକିମୋତୋଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି।

**● ଖେଲୋ ଇଣ୍ଡିଆ ଯୋଜନା, କ୍ରୀଡ଼ା ମହାସଂଘକୁ ବିପୁଳ ଅନୁଦାନ**

## ୫ ବର୍ଷ ଲାଗି ୩୬,୪୪୧ କୋଟି ଟଙ୍କାର ବ୍ୟୟବରାଦ

ନୂଆଦିଲ୍ଲୀ,୩୧।୭ (ଏଜେନ୍ସି)

ଖେଲୋ ଇଣ୍ଡିଆ ଯୋଜନା ଲାଗି ଭାରତ ସରକାର ବିପୁଳ ପରିମାଣରେ ଅର୍ଥ ବ୍ୟୟବରାଦ କରିଛନ୍ତି। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଦେଶରେ ପରିଣତ କରିବା ଲାଗି ଖେଲୋ ଇଣ୍ଡିଆ ଯୋଜନାର ସମ୍ପ୍ରସାରଣ, ଅତ୍ୟାଧୁନିକ ତଥା ବିଜ୍ଞାନ ସମ୍ମତ ପ୍ରଶିକ୍ଷଣ, କ୍ରୀଡ଼ା ସଂଘ ଗୁଡିକୁ ଅଧିକ ଆର୍ଥିକ ଅନୁଦାନ, ଉଚ୍ଚ ସ୍ତରର କୋଚିଂ ଇକୋ ସିଷ୍ଟମ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ବୃହତ ଯୋଜନା କରିଛନ୍ତି। ଏଥିଲାଗି ଆସନ୍ତା ୫ଟି ଆର୍ଥିକ ବର୍ଷ ଲାଗି ୩୬,୪୪୧ କୋଟି ଟଙ୍କାର ଅର୍ଥ ବ୍ୟୟବରାଦକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହା ମଧ୍ୟରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ନିମନ୍ତେ କ୍ରୀଡ଼ାବିତ୍ ପ୍ରସ୍ତୁତ କରିବା ଲାଗି ମଧ୍ୟ ଆର୍ଥିକ ବ୍ୟବସ୍ଥା ରହିଛି। ଏହି ୩୬, ୪୪୧ କୋଟି ଟଙ୍କା ମଧ୍ୟରୁ ଖେଲୋ ଇଣ୍ଡିଆ ଯୋଜନା ଲାଗି ୨୯,୦୫୪ କୋଟି ଓ କ୍ରୀଡ଼ା ମହାସଂଘ ଗୁଡିକ ଲାଗି ୭, ୩୮୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଅର୍ଥ ବିନିମୟରେ କ୍ରୀଡ଼ା ମହାସଂଘ ଗୁଡିକ କ୍ରୀଡ଼ାବିତ୍‌ଙ୍କୁ ଉନ୍ନତ ପ୍ରଶିକ୍ଷଣ, ଟ୍ରେନିଂ ଓ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତାର ଉନ୍ନତି ଲାଗି ବ୍ୟୟ କରିବେ। ସେହିପରି ଖେଲୋ ଇଣ୍ଡିଆ ଯୋଜନାରେ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ କରି ଅଲିମ୍ପିକ୍ ପର୍ଯ୍ୟନ୍ତ ପ୍ରସ୍ତୁତି କରିବା ଓ ଶୀର୍ଷସ୍ତରର ଆଥ୍‌ଲେଟଙ୍କ ଲାଗି ସମସ୍ତ ପ୍ରକାର ଖର୍ଚ୍ଚ, ଖେଲୋ ଇଣ୍ଡିଆ ଆଥ୍‌ଲେଟ ଚିହ୍ନଟ କାର୍ଯ୍ୟକ୍ରମ, ଫିଡର ସ୍କୁଲ ଓ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରତିଷ୍ଠା କରି ପ୍ରତିଭାବାନ କ୍ରୀଡ଼ାବିତ୍ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏଲିଟ ଆଥଲେଟ ସୃଷ୍ଟି କରିବା ଲାଗି ଏଲିଟ କୋଚ୍ ଓ କୋଚିଂ ବ୍ୟବସ୍ଥା ପ୍ରତିଷ୍ଠା କରିବା, ସମଗ୍ର ଭାରତ ବର୍ଷରେ କୋଚିଂର ମାନ ବୃଦ୍ଧି କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ବଳରେ ଭାରତକୁ ଏକ କ୍ରୀଡ଼ା ଶକ୍ତିରେ ପରିଣତ କରାଯିବାର ଲକ୍ଷ୍ୟ ରଖାଯାଇଛି।

ଖେଳ ଓ ଖେଳାଳିଙ୍କ ଉନ୍ନତି ଲାଗି ଏହି ଯୋଜନା କରାଯାଇଛି। କିନ୍ତୁ ଗତ ୩ ବର୍ଷ ହେଲା ଶକ୍ତିବର୍ଦ୍ଧକ ଔଷଧ ସେବନରେ ଭାରତ ବିଶ୍ୱରେ ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଧପ୍ପାବାଜିଙ୍କୁ ନିୟନ୍ତ୍ରଣ କରିବା ଲାଗି ଏହି ଯୋଜନାରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯେଉଁ ରାଜ୍ୟରୁ ସର୍ବାଧିକ ଆଥଲେଟ ଆସୁଛନ୍ତି, ସେହି ରାଜ୍ୟରେ ଏବେ ସବୁଠାରୁ ଅଧିକ ନିଷିଦ୍ଧ ଡ୍ରଗ୍ସ କାରବାର ହେଉଛି। ଏମାନଙ୍କ ଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଏହି ଯୋଜନା ଫଳପ୍ରସୁ ହେବା କଷ୍ଟକର।

**ସର୍ବଭାରତୀୟ ଜୁନିଅର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ**

# ଫାଇନାଲରେ ଦୀକ୍ଷା-ପାରୁଲ, ଚାନ୍ଦ-ଜ୍ଞାନଦତ୍ତ

ଭୁବନେଶ୍ୱର,୩୧।୭ (ସମିସ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ବାଳିକା ଏକକରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କ ସହ ରାଜସ୍ଥାନର ପାରୁଲ ଚୌଧୁରୀଙ୍କର ମୁକାବିଲା ହେବ। ସେହିପରି ବାଳକ ଏକକ ଫାଇନାଲରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦଙ୍କ ସହ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କ ସହ ମୁକାବିଲା କରିବେ। ସେହିପରି ସମସ୍ତ ୩ଟିଯାକ ଯୁଗଳର ଫାଇନାଲ ମୁକାବିଲା ମଧ୍ୟ ହେବ। ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆଜି ତୃତୀୟସ୍ଥାନ ଲାଗି ମୁକାବିଲା ଶେଷ ହୋଇ ପୁରସ୍କାର ପ୍ରଦାନ କରାଯାଇଛି।



ଶୁକ୍ରବାର ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷା ୨-୧ରେ ଆଦର୍ଶିନୀ ଶ୍ରୀ'ଙ୍କୁ, ରାଜସ୍ଥାନର ପାରୁଲ ଚୌଧୁରୀ ୨-୧ରେ ମଧ୍ୟ କର୍ଣ୍ଣାଟକର ସାଇନା ମାନିମୁଥୁଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବାଳକ ଏକକରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଓ ଜ୍ଞାନଦତ୍ତ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ-ଭାମା ପ୍ରଭୁଆନନ୍ଦଙ୍କ ସହ ଦିଲ୍ଲୀ-ଉତରାଖଣ୍ଡ ଯୋଡି ଯୋଗନ୍ସ ସିଂ-ଆନ୍ୟା ବିଷ୍ଟଙ୍କ ଯୋଡି ସହ ମୁକାବିଲା ହେବ। ସେହିପରି ବାଳିକ ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିଷ୍ଟ-ଆଞ୍ଜେଲ ପୁନେରା ଯୋଡିଙ୍କ ସହ କର୍ଣ୍ଣାଟକ ଯୋଡି ଡିଆର ଅଦିତି- ପୋନ୍ନାମ୍ମା ବିଭିଙ୍କ ସହ, ବାଳକ ବିଭାଗ ଯୁଗଳ ଫାଇନାଲରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ସହ କର୍ଣ୍ଣାଟକର ପବନ ଏସ୍- ପୁନିତ ଏସ୍ ଯୋଡିଙ୍କର ମୁକାବିଲା ହେବ। ଶନିବାର ସମସ୍ତ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଆୟୋଜକ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲୀନ କୁମାର ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS